# ପ୍ରଶ୍ନ ଏବଂ ଉତ୍ତର ଏବ୍ରୀ ଭାଗ ।

ସେ ଏହାକୁ ପରମେଶ୍ବର ବିନା କିପରି କରିପାରିବେ? ତାହା ଏକ ବାସ୍ତବିକ ବିଷୟ ହେବ, ନୁହେଁ କି? ପ୍ରଭୁଙ୍କ ବିନା କରାଯାଇ ନ ପାରେ ।

ମୁଁ ସେଗୁଡିକ ମଧ୍ୟରୁ ସବୁକିଛିକୁ ପ୍ରଚାର କରିବାକୁ ଯାଉ ନାହିଁ । ମାତ୍ର ମୁଁ ଭାବିଲି ଯେ ମୁଁ ହୁଏତ ଏକ ପ୍ରକାର ଗରିଷ୍ଠ ବିଷୟକୁ ପାଇପାରେ, ଆପଣ ଜାଣନ୍ତି, ତେଣୁ ଉତ୍ତମ ହେବ ଯେ ମୁଁ ପ୍ରସ୍ତୁତ ରହିଥାଏ । ମାତ୍ର, ଓଃ, ଏହା ତ ବହୁତ, ବହୁତ ହାଲୁକା ଥିଲା । ତେଣୁ ବୋଧହୁଏ ସେଇଥିପାଇଁ ଲୋକମାନଙ୍କ ମଧ୍ୟରେ ବହୁତ କିଛି ପ୍ରଶ୍ନ ନାହିଁ, ଏହା କେବଳ ସରଳ ଏବଂ ହାଲୁକା ପ୍ରଶ୍ନମାନ ଅଟେ । ତେବେ, ପ୍ରଭୁଙ୍କ ସାହାଯ୍ୟରେ, ମୁଁ ସେଗୁଡିକୁ ଯେତିକି ସର୍ବୋତ୍ତମ ଭାବରେ ପାରେ ସେତିକି ଉତ୍ତର ଦେବା ପାଇଁ ଚେଷ୍ଟା କରିବା ହେତୁ ଆନନ୍ଦିତ ଅଟେ ।

2 ଏବଂ ଯଦି ଭଉଣୀ ଆର୍ଗାନବ୍ରାଇଟ୍ ଆଜି ରାତିରେ ଅଛନ୍ତି...ଭଉଣୀ ରୁଥ । ଭଉଣୀ ରୁଥ, କଅଣ ଆପଣ ଏଠାରେ ଅଛନ୍ତି କି? ଠିକ ଏଠାରେ । ମୋ ପାଖରେ ଅଛି...ଓଃ, ହଁ, ମୋ ପାଖରେ ଏଠାରେ ଠିକଣା ଅଛି, ଏବଂ...ନା, ମୋ ପାଖରେ ନାହିଁ । ତେବେ, ମୁଁ ଏହାକୁ ଠିକ୍ ଏଠାରେ ବାହାର କରିପାରିବି । ମୁଁ ଏହାକୁ ମୋର ଚଟିଖାତାରେ ରଖିଥିଲି, ଏବଂ ମୁଁ ମୋର ଚଟିଖାତାକୁ ଘରେ ଛାଡିଦେଲି । ତେବେ, ଯଦି ପୋଲିସ ମୋତେ ଘରକୁ ଫେରିଯିବା ବେଳେ ଧରିନିଏ, ଭାଇ ଫ୍ଲିମାନ, ଆପଣ ମୋର ସାହାଯ୍ୟକୁ ଆସିବେ । ବିଲିକୁ କୁହନ୍ତୁ ଯେ ମୁଁ...ମୋର ଚଟିଖାତାକୁ ଘରେ ଛାଡିଦେଇଛି, ମୁଁ ଆଜି ରାତି ବିନା ଲାଇସେନ୍ସରେ ଗାଡି ଚଲାଉଅଛି । ଆଉ ମୁଁ ଭାବିଲି ଯେ ମୁଁ ଏହାକୁ ମୋ ପକେଟରେ ରଖିଅଛି; ମୁଁ ତ କେବଳ ପୋଷାକ ପାଲଟି ଥିଲି । ଆଜି ଅପରାହ୍ନରେ, ମୁଁ ଦୌଡି ଆସିଥିଲି, କିଛି ଘାସଗୁଡିକୁ ଶୀଘ୍ର କାଟୁଥିଲି ଏବଂ ତାହା ଛାଡ଼ି ଶୀଘ୍ର ଭିତରକୁ ଯିବାକୁ ପଡିଥିଲା, ପୋଷାକ ପାଲଟି ଏଠାରେ ଦୌଡି ଆସିବାକୁ ପଡିଥିଲା । ଆଉ ମୁଁ—ମୁଁ ଲେକ୍ସିକନ୍ ଆଣିଥିଲି, ମାତ୍ର ଆପଣ ତାହାକୁ ଠିକ ଏହାର ପରେ ପରେ ହିଁ ଏଠାରେ ପାଇପାରନ୍ତି ।

3 ସେହି ଚିଠି ବିଷୟରେ ଖରାପ ଅନୁଭବ କରନ୍ତୁ ନାହିଁ । ଯଦି ମୁଁ ତାହାଠାରୁ ଆଉ ଅଧିକ ଖରାପ କିଛିକୁ ନ ପାଏ, ତେବେ ତାହା ଏକ ଭଲ ଚିଠି ହେବ । ତାହା ଭଲ ଥିଲା । ତାହା ବହୁତ, ବହୁତ ସୁନ୍ଦର ଥିଲା । ମୁଁ ଆପଣଙ୍କୁ କହିଥିଲି ଯେ ମୁଁ ଏହାକୁ ପଢ଼ିବି ନାହିଁ, ମାତ୍ର ଆପଣ ଜାଣନ୍ତି, ମୁଁ ଏହା ଟିକେ ଡୁଙ୍ଗି ଦେଲି, ଏବଂ ତାହାକୁ ଆଉ ଅଧିକ ସଂଯମ ରଖିପାରିଲି ନାହିଁ । ମୁଁ କେବଳ ଆଶ୍ଚର୍ଯ୍ୟ କଲି ଯେ ଆପଣ କଅଣ କହିଥିଲେ । ଏବଂ ଏହା ବହୁତ, ବହୁତ ସୁନ୍ଦର ଥିଲା, ଏପରି ଲେଖାଯାଇଥିଲା ଯେପରିକି ଜଣେ ପ୍ରକୃତ ବିଦ୍ୟାଳୟର ଶିକ୍ଷକ ଲେଖିବା ଉଚିତ୍ ଅଟେ । ତାହା ଭଲ ଥିଲା, ଏବଂ ମୁଁ ଏହାକୁ ପ୍ରଶଂସା କରେ । ଆଉ ଏହା—ଏହା ଆପଣଙ୍କୁ ପ୍ରଦାନ କରେ...

4 ଆପଣ ଦେଖନ୍ତୁ, ମୁଁ ଏପରି କାହାରିର ଚିଠିଗୁଡିକୁ ଭଲ ପାଇଥାଏ ଯିଏକି ଆପଣଙ୍କ ସହିତ ଟିକିଏ ଭିନ୍ନ ମତ ରଖୁଥିବେ—ରଖୁଥିବେ। ଦେଖନ୍ତୁ, ଯଦି ଆପଣ ସବୁବେଳେ ଏକମତ ହୋଇ ଚାଲିଥାଆନ୍ତି, କେହିହେଲେ ଆପଣଙ୍କ ସହିତ ମତ ପାର୍ଥକ୍ୟ ରଖନ୍ତି ନାହିଁ, ଆପଣ ଅକାମୀ ହୋଇଯାଆନ୍ତି। ଆପଣଙ୍କୁ ତ ଟିକିଏ ଭିନ୍ନ ମତ ରଖିବାକୁ ପଡିଥାଏ ଯେପରିକି ଆପଣ ବୁଝିପାରନ୍ତି ଏବଂ ଆହୁରି ଗଭୀରକୁ ଅନ୍ୱେଷଣ କରନ୍ତି। ଆଉ—ଆଉ ଯଦି ଆପଣ ଲକ୍ଷ୍ୟ ନ କରିବେ, ତାହାହେଲେ ଆପଣ କେବଳ ସେହି ଗୋଟିଏ ଢାଞ୍ଚାରେ ଚାଲିଯିବେ; ତାହାପରେ ଆପଣ—ତାହାପରେ ଆପଣ ଅସୁବିଧାରେ ସମ୍ମୁଖିନ ହେବେ ଯେତେବେଳେ ଆପଣ ତାହା କରିବେ। ଆପଣଙ୍କୁ ତ କେବଳ ଏକ ପ୍ରକାରେ ଆଗକୁ ବଢିବାକୁ ଥାଏ ଏବଂ ଏପରି କାହାରିକୁ ପାଇବାକୁ ଥାଏ ଯିଏକି ଆପଣଙ୍କ ସହିତ ଭିନ୍ନ ମତ ରଖନ୍ତି ଏବଂ ଥରେ ଥରେ ମଝିରେ ଆପଣଙ୍କର ଡେଣାଗୁଡିକୁ ଝାଡି ଦିଅନ୍ତି।

5 ସେଠାରେ ଆଫ୍ରିକାରେ ମୁଁ ଦୁଇଟି ଛୋଟ ସିଂହମାନଙ୍କୁ ପାଇଲି, ଏବଂ ସେମାନେ ପ୍ରାୟଃ *ତାହା* ପରି, ଛୋଟ ଛୋଟ ଥିଲେ। ଦାଗ ଦାଗ ରହିଥିଲା, ଛୋଟ, ଆକୃତିର ସିଂହ; ଏକ ଛୋଟ ନର ସିଂହ, ଏକ ଛୋଟ ମାଈ ସିଂହ। ଆଉ ତେବେ, ସେମାନେ ବିଲେଇ ଛୁଆ ପରି ଦେଖାଯାଉଥିଲେ, ସେମାନେ ଏତେ ଛୋଟ ଥିଲେ, ସାନ...ସୁନ୍ଦର ଛୋଟ ପ୍ରାଣୀମାନ, ସେମାନେ କେବଳ ଖେଳୁଥିଲେ। ଆଉ ମୁଁ ସେମାନଙ୍କୁ ଆମେରିକାକୁ ନେଇ ଆସିବାକୁ ଯାଉଥିଲି, ମୁଁ ସେମାନଙ୍କୁ ଏକ ପକ୍ଷୀ ପିଞ୍ଜରାରେ ରଖିଥିଲି। ମୁଁ ସେମାନଙ୍କୁ ନେଇ ଆସିବାକୁ ଯାଉଥିଲି, କିନ୍ତୁ ମୁଁ ସେମାନଙ୍କୁ ଜୀବାଣୁ ପ୍ରତିରୋଧ ନିମନ୍ତେ, କୌଣସି—କୌଣସି ବିଷରୋଧକ ଔଷଧ ଦେବାକୁ ପାଇପାରିଲି ନାହିଁ। ଏବଂ ସେମାନେ ମୋତେ ପ୍ରଥମେ ସେମାନଙ୍କୁ ଜୀବାଣୁ ପ୍ରତିରୋଧ ନିମନ୍ତେ ବିଷରୋଧକ ଔଷଧ ନ ଦେଇ, ଯୁକ୍ତରାଷ୍ଟ୍ର ଆମେରିକାକୁ ଆଣିବାକୁ ଅନୁମତି ଦେବେ ନାହିଁ, ଏବଂ ମୁଁ ତାହାକୁ ସମସ୍ତ ଆଫ୍ରିକାରେ ପାଇପାରିଲି ନାହିଁ। ମାତ୍ର ଯଦି ଆପଣ ଏହା ଜାଣିବାକୁ ଚାହାଁନ୍ତି ଯେ ସେ ସିଂହ ଥିଲା କି ନ ଥିଲା, ତାକୁ କେବଳ ହାଲୁକାରେ ଟିକିଏ ଥାପୁଡେଇ ଦିଅନ୍ତୁ। ସେ ଠିକ ଘୁରି ଆସିବ ଓ ଆପଣଙ୍କୁ ଜଣାଇଦେବ ଯେ ସେ ଏକ ସିଂହ ଅଟେ, ତେଣୁ—ତେଣୁ ତାହା ସେହି ପ୍ରକାରେ ଆପଣଙ୍କୁ ଜଣାଇଥାଆନ୍ତି ଯେ କେଉଁଠାରେ ଛିଡ଼ା ହୋଇଥିଲା।

6 ଠିକ୍ ସେହି ପ୍ରକାରେ ଆପଣଙ୍କୁ ଥରେ ଥରେ କରିବାକୁ ହୁଏ, ଆପଣ ଜାଣନ୍ତି, ଏକ ପ୍ରକାରେ ଡେଣାଗୁଡିକୁ ଝାଡିବାକୁ ହୁଏ, ଯେପରିକି ଆମେ ଜାଣୁ। କିନ୍ତୁ, ବର୍ତ୍ତମାନ, ଆମେ ସିଂହ ପରି କ୍ରୋଧିତ ହେଉ ନାହୁଁ; ଆମେ କେବଳ—ଆମେ କେବଳ ତାହା ଭଲପାଉ, ଯେ... ଲୋକମାନେ ଯେ ପ୍ରଶ୍ନ ପଚାରନ୍ତୁ। ଏବଂ ସେହିପରି ପ୍ରଶ୍ନଗୁଡିକ, ଭଉଣୀ ରୁଥ, ମୋ ପାଇଁ ବହୁତ, ବହୁତ୍ ଭଲ ଅଟେ। ଏହା ଏକ...ମୁଁ—ମୁଁ ତାହା ଭଲ ପାଏ, ଦେଖନ୍ତୁ। ଏହା ତ ସେହି ପ୍ରକୃତରେ ଖରାପ ପ୍ରକାର ଅଟେ ଯାହା ପାଇବାକୁ ମୁଁ ଘୃଣା କରେ। ମାତ୍ର ସେଗୁଡ଼ିକ ଏକ... ତାହା ଭଲ ଥିଲା।

7 ତେବେ ଆମେ କେତୋଟି ଉତ୍ତମ, ଉତ୍ତେଜନାପୂର୍ଣ୍ଣ, ଘରୋଇ ପ୍ରଶ୍ନ କେବଳ ପାଇଛୁ। ସେଠାରେ ପଛ କୋଠରୀରେ ବର୍ତ୍ତମାନ ଜଣେ ପ୍ରଚାରକ ଅଛନ୍ତି, ଯିଏକି ମୋତେ ପଚାରିଲେ, କହିଲେ, "ପ୍ରକାଶିତ ବାକ୍ୟ 11 ର ସେହି ଦୁଇଟି ଭବିଷ୍ୟଦ୍‌ବକ୍ତା, କଅଣ ସେମାନେ ସ୍ୱର୍ଗାରୋହଣ ପୁର୍ବରୁ ଆସିବେ କି? କିଅବା ଠିକ୍ ଇସ୍ରାଏଲକୁ ନେଇଯିବା ପୂର୍ବରୁ? ଆଉ କଅଣ..." ତେବେ, ସେହି ପ୍ରକାରର ପ୍ରଶ୍ନମାନ ହିଁ ଅଟେ ଯାହାକି—ଯାହାକି—ଯାହାକି ଆପଣଙ୍କୁ ବାନ୍ଧି ପକାଇଥାଏ। ମାତ୍ର ଏହି ଭଳି ଏହି ସରଳ ପ୍ରଶ୍ନଗୁଡିକ ସବୁ ଠିକ ଅଛି।

ମାତ୍ର ବର୍ତ୍ତମାନ, ଏହା ପୂର୍ବେକି ଆମେ ଆରମ୍ଭ କରୁ, ଆସନ୍ତୁ ଆମେମାନେ ପ୍ରାର୍ଥନା ପାଇଁ ଆମର ମସ୍ତକଗୁଡିକୁ ନତ କରିବା।

8 ପିତା, ଏହା ଲିପିବଦ୍ଧ ଅଟେ ଯେ ଯେତେବେଳେ ତୁମେ ବାର ବର୍ଷ ବୟସର ଥିଲ, ତୁମକୁ ମନ୍ଦିରରେ ଶାସ୍ତ୍ରୀ ଓ ସାଧୁମାନଙ୍କ ସହିତ, ଶାସ୍ତ୍ର ବିଷୟରେ ଆଲୋଚନା କରିବା ଦେଖାଯାଇଥିଲା। ଏବଂ ସେମାନେ ହୋଇଥିଲେ—ସେମାନେ ଏଥିରେ ଆଶ୍ଚର୍ଯ୍ୟଚକିତ ହୋଇଥିଲେ ଯେ ଜଣେ...ପୁରୁଣା ବୟସର ପୁରୁଖା ପୁରୁଷମାନେ, ଏବଂ ଶାସ୍ତ୍ରରେ ଉତ୍ତମ ତାଲିମ ପ୍ରାପ୍ତ ଲୋକମାନେ, ଆଉ ତଥାପି ଏହା ଦେଖିବାକୁ ଯେ ପ୍ରାୟଃ ବାର ବର୍ଷର ଏକ ଛୋଟ ବାଳକ, ଶାସ୍ତ୍ର ବ୍ୟାଖ୍ୟା କରିବାରେ ଏତେ—ଏତେ ପାରଙ୍ଗମ ଅଟେ। ତୁମେ ତୁମର ପିତାଙ୍କ କାର୍ଯ୍ୟରେ ନିବିଷ୍ଟ ରହିଥିଲ। ତୁମେ ତୁମର ମାତାଙ୍କୁ କହିଥିଲ, "ମୋତେ ମୋର ପିତାଙ୍କ କାର୍ଯ୍ୟରେ ଯେ ରହିବା ଉଚିତ୍ ଏହା କଅଣ ତୁମେ ଜାଣ ନାହିଁ?" ଯେ ଶାସ୍ତ୍ରଗୁଡ଼ିକୁ ସେମାନଙ୍କର ଆତ୍ମିକ ଅର୍ଥ ସହିତ ବ୍ୟାଖ୍ୟା କରିବି।

9 ଆଉ ବର୍ତ୍ତମାନ ଆମେ ପ୍ରାର୍ଥନା କରୁଛୁ, ପ୍ରଭୁ, ଯେ—ଯେ ତୁମେ ଜାଣିଛ ଯେ ଆମେ କେତେ ଦୁର୍ବଳ ଓ ଦୀନହୀନ ଅଟୁ, ଏବଂ ଆମେ ଭୁଲ୍ କରିବା ପ୍ରତି କେତେ ପ୍ରବୃତ୍ତ ଅଟୁ, ଯେ ତୁମେ ଠିକ୍ ଆଜି ରାତି ପବିତ୍ରଆତ୍ମା ରୂପରେ ଆମ ସହିତ ଆସିବ, ଏବଂ ଆମକୁ ଶାସ୍ତ୍ର ବୁଝାଇ ଦେବ। ମୁଁ ତୁମଠାରେ ଅପେକ୍ଷା କରୁଛି ଏବଂ ନିର୍ଭର କରୁଛି। ଏବଂ ଯଦି ମୁଁ କେବେ, କୌଣସି ସମୟରେ, ମୋର ନିଜର ଚିନ୍ତାଧାରା କିମ୍ବା ବ୍ୟାଖ୍ୟା କିଅବା ସ୍ୱାର୍ଥପର ବିଷୟ ପୂରାଇବାକୁ ଚେଷ୍ଟା କରେ, ଏହାକୁ ଏପରି ଶୁଭିବା ଭଳି ଚେଷ୍ଟା କରେ ଯେ ମୁଁ ଏହାକୁ ଯେପରି ଭାବରେ ବ୍ୟାଖ୍ୟା କରୁଛି ତାହା ଠିକ୍ ହେବ, ତେବେ ହେ ପ୍ରଭୁ, ମୋର ମୁଖକୁ ବନ୍ଦ କରିଦେବ, ଯେପରିକି ତୁମେ କରିଥିଲ...ତୁମେ ସିଂହମାନଙ୍କର କରିଥିଲ, ଯେତେବେଳେ ସେମାନେ ଦାନିୟେଲଙ୍କ ପଛରେ ଆସିଥିଲେ। ତୁମେ ଆଜି ମଧ୍ୟ ସେହି ସମାନ ପରମେଶ୍ୱର ଅଟ।

10 ଏବଂ ଏହା ହେଉ ଯେ ତାହା ସମ୍ପୂର୍ଣ୍ଣ ଭାବରେ...ଯେତେବେଳେ ଆମେ ପବିତ୍ରଆତ୍ମାଙ୍କ ଉପରେ ନିର୍ଭର କରୁ, ସେ ଆମମାନଙ୍କୁ ଏହି ବିଷୟସବୁ ପ୍ରକାଶ କରନ୍ତୁ। ଏବଂ ତାହାପରେ ଯେତେବେଳେ ସେ ସେଗୁଡିକୁ କୁହନ୍ତି, ସେଗୁଡିକୁ ଏତେ ସ୍ପଷ୍ଟ କରିଦିଅ ଯେ ସେହି ବ୍ୟକ୍ତିଜଣକ ଯିଏକି ଏହି ପ୍ରଶ୍ନ ପଚାରିଥିଲେ ସେ ତାହାକୁ ଗ୍ରହଣ କରିବା ନିମନ୍ତେ ସମର୍ଥ ହେବେ। ଏବଂ ଯଦି ତାହା ଏହାର ବିପରୀତ ଉତ୍ତର ଦିଏ ଯାହା ମୁଁ ସର୍ବଦା ବିଶ୍ୱାସ କରିଅଛି, ତେବେ ମୋର ହୃଦୟ

ସେଥିରେ ମଧ୍ୟ ଆନନ୍ଦିତ ହେଉ, ପ୍ରଭୁ, ଏହା ଜାଣିବା ପାଇଁ ଯେ ମୁଁ କିଛି ନୂତନ ବିଷୟ, ଏବଂ ପ୍ରଭୁଙ୍କର କିଛି ଉତ୍ତମ ମାର୍ଗ ପାଇଅଛି । କାରଣ ତୁମେ କହିଲ, "ଶାସ୍ତ୍ରଗୁଡ଼ିକୁ ଅନୁସନ୍ଧାନ କର, କାରଣ ତୁମେ ଭାବୁଛ ଯେ ସେଥିରେ ତୁମର ଅନନ୍ତ ଜୀବନ ଅଛି, ଏବଂ ତାହାହିଁ ଅଟେ ଯାହାକି ମୋ ବିଷୟରେ ସାକ୍ଷ୍ୟ ଦିଏ ।"

11 ତେବେ, ଏହି ଶାସ୍ତ୍ର ଶିକ୍ଷା ପରେ, ଏହା ନିଶ୍ଚିତ ଭାବରେ ଅନେକ ଚିନ୍ତାଧାରାକୁ ଓ ପ୍ରଭୃତି ବିଷୟସବୁକୁ ଜାଗ୍ରତ କରିବ । ଆଉ ମୁଁ ପ୍ରାର୍ଥନା କରେ, ଯେ ହେ ପରମେଶ୍ୱର, ବର୍ତ୍ତମାନ ଏହି ସମସ୍ତ ପ୍ରଶ୍ନଗୁଡିକ ଏତେ ମଧୁର ଏବଂ ନମ୍ର ଭାବରେ ପଚରାଯାଇଥିବା ପରି ମନେହୁଏ, ପବିତ୍ରଆତ୍ମା ସେମାନଙ୍କୁ ନମ୍ର ଏବଂ ମଧୁର ଭାବରେ ଉତ୍ତର ଦିଅନ୍ତୁ । କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ, ଏବଂ ପରମେଶ୍ୱରଙ୍କ ଗୌରବ, ଓ ତାହାଙ୍କର ମଣ୍ଡଳୀର ନିର୍ମାଣ ନିମନ୍ତେ ମାଗୁଅଛୁ । ଆମେନ୍ ।

12 ଅନେକ ଥର ଏପରି ହୁଏ ଯେ କୌଣସି ବିଷୟ ତୁଳନାରେ ସ୍ୱାର୍ଥପର ଉଦ୍ଦେଶ୍ୟସବୁ, ଏହାର ସମ୍ପୂର୍ଣ୍ଣ ସ୍ୱାଦକୁ କେବଳ ନଷ୍ଟ କରିଦିଏ । ଆଉ ବର୍ତ୍ତମାନ, ଏହି ଶାସ୍ତ୍ର ପରେ ପ୍ରଶ୍ନଗୁଡିକ ପଚରାଯାଇଛି ।

13 ତେବେ, ଯଦି ମୁଁ ଆଜି ରାତିରେ ଅଳ୍ପ ଟିକିଏ ସାପ ଭଳି ଫୁଙ୍କ ମାରେ, ମୋର ଏକ ଦାନ୍ତ ବାହାର କରାହୋଇଛି । ଏବଂ ମୁଁ ଏହାକୁ ଲଗାଏ, ଆଉ ମୁଁ ପ୍ରଚାର କରିପାରେ ନାହିଁ, ଯେତେବେଳେ ମୁଁ ପ୍ରଚାର କରେ ମୁଁ ମନ୍ଥର ହୋଇଯାଏ; ମୁଁ ଏହାକୁ ବାହାର କରିଦିଏ, ଆଉ ମୁଁ ପ୍ରାୟଃ ଶିଟି ମାରିବା ଭଳି ଶବ୍ଦ କରେ ।

14 ଶ୍ରୀମତୀ ବିଲି ଗ୍ରାହାମ୍ ତାଙ୍କ ସ୍ୱାମୀ ଉପରେ ଏକ କାହାଣୀ କହିଥିଲେ, ଯେ ସେ ତାଙ୍କୁ ସବୁଠାରୁ ଖରାପ ଅବସ୍ଥାରେ କେବେ ଉତ୍ସାହିତ ହୋଇଥିବାର ଦେଖିବାଟା, ସେତେବେଳେ ଥିଲା, ଯେତେବେଳେ ତାଙ୍କର ଆଗର ଏକ ଦାନ୍ତ ବାହାର କରା ହୋଇଥିଲା । ଆଉ ସେ ଏହାକୁ ହରାଇଥିଲେ, ଏବଂ ସଙ୍ଗେ ସଙ୍ଗେ ତାଙ୍କର ଏକ ଟେଲିଭିଜନ କାର୍ଯ୍ୟକ୍ରମ ଥିଲା, ଏବଂ—ଏବଂ ସେ ପାରି ନ ଥିଲେ…ଏହା ଏକ ପାତିଆରେ ଥିଲା ଯେଉଁଥିରେକି ପଛପଟରେ ଆଉ କିଛି ଦାନ୍ତମାନ ରହିଥିଲା । ଆଉ ଯେତେବେଳେ ସେ କଥାବାର୍ତ୍ତା କରିବାକୁ ଗଲେ, ସେ ତାଙ୍କର ଦାନ୍ତଗୁଡିକ ମଝିରୁ "ହ୍ୟୁ, ହ୍ୟୁ" ଶିଟି ମାରିବା ଭଳି ଶବ୍ଦ କଲେ । ଏବଂ ସେ କହିଲେ ଯେ ଶ୍ରୀମାନ ବିଲି ଗ୍ରାହାମ୍ ଟେଲିଭିଜନ୍ ପ୍ରସାରଣର ଦଶ ମିନିଟ୍ ପୂର୍ବରୁ ଆଣ୍ଠୁମାଡି, ପ୍ରାର୍ଥନା କରିବାକୁ ଲାଗିଲେ ଓ ଝାଳ ନାଳ ହୋଇଗଲେ, ଏବଂ ଶେଷରେ ସେମାନେ ଏହାକୁ ସେଠାରେ ପାଇଲେ ଯେଉଁଠାରେକି ଏହା ତାଙ୍କ ପାଇଜାମାରୁ ଖସି ଜୋତାର ବଳାଗଣ୍ଠିରେ ରହିଥିଲା । ଜଣେ କାର୍ଯ୍ୟକର୍ତ୍ତା, ସେହି ନକଲି ଦାନ୍ତଟିକୁ ପାଇଥିଲେ । ଏବଂ ଶ୍ରୀମତୀ ଗ୍ରାହାମ୍ ଏହାକୁ ତାଙ୍କ ବିଷୟରେ, ଏବଂ ଏଠାରେ କହିଥିଲେ । ଆଉ ତେଣୁକରି ମୁଁ ଏହାକୁ ଏକ ଛୋଟ କାଗଜରେ ଲେଖି ରଖିଥିଲି, ମୁଁ ଭାବୁଛି ଯେ ମୁଁ ଏହାକୁ ଠିକ୍ ମୋ ବାଇବଲରେ ରଖିଥିଲି ।

15 ଆଉ ତେବେ ଏହା ଏକ ପ୍ରକାର…ଯେତେବେଳେ ଆମେ ଟିକିଏ ବୃଦ୍ଧ ଓ ବୟସପ୍ରାପ୍ତ ହୋଇଯାଉ, ଆପଣ ଜାଣନ୍ତି, ଏବଂ ଏହିସବୁ ହରାଇବାକୁ ପଡ଼େ, ଏହା ତାହାକୁ ଖରାପ କରିଥାଏ। ଆଉ ତେଣୁକରି ମୁଁ…ଯେତେବେଳେ ମୁଁ ଭାଇ ରୋବର୍ସନ୍‌ଙ୍କ ସହିତ, ଏବଂ ସେମାନଙ୍କ ସହିତରେ ସେଠାରେ ପଛରେ ଥିଲି, ମୁଁ ଦିନେ ସକାଳେ ଏହାକୁ ଘଷୁଥିଲି ଏବଂ ସେଥିରୁ ଗୋଟିଏ ଖଣ୍ଡ ଭାଙ୍ଗି ଦେଇଥିଲି, ଏବଂ ମୋତେ ଏହାକୁ ଠିକ୍ କରାଇବା ପାଇଁ, ଡାକ୍ତରଙ୍କ ପାଖକୁ ନେବାକୁ ପଡିଥିଲା। ତେଣୁ ପ୍ରଭୁ ତାହାଙ୍କର ଆଶୀର୍ବାଦକୁ ଯୋଗ କରନ୍ତୁ।

16 ବର୍ତ୍ତମାନ ଆମେମାନେ ଯାଉଅଛୁ, ତେବେ, ମୁଁ ଯଦି ପାରିବି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ନେବାକୁ ଚେଷ୍ଟା କରିବି। ଏବଂ, ଭାଇ ଟୋନି, ପରମେଶ୍ୱରଙ୍କ ଅନୁଗ୍ରହରୁ, ମୁଁ ଆପଣଙ୍କର ସ୍ୱପ୍ନର ବ୍ୟାଖ୍ୟା ପାଇଲି, ଏବଂ ଏହା ଚମତ୍କାର ଥିଲା। ମୁଁ ତାହା ଦେଖିବା ହେତୁ ବହୁତ ଆନନ୍ଦିତ ଅଟେ। ଏବଂ ଏହା ଏକ ଭଲ ବ୍ୟାଖ୍ୟା ଅଟେ, ଯାହା ମୁଁ ଅନୁମାନ କରେ ଯେ ମୋତେ ଏହାକୁ ସର୍ବସାଧାରଣରେ କହିବା ଉଚିତ୍ ନୁହେଁ, ତେଣୁ ମୁଁ ଆପଣଙ୍କୁ ଏହାକୁ ବ୍ୟକ୍ତିଗତ ଭାବରେ ଦେବି ଯଦି ଆପଣ—ଯଦି ଆପଣ ନୁହଁନ୍ତି…ଯଦି ଆପଣ ତାହାକୁ ସେହି ଭାବରେ ଚାହାଁନ୍ତି। ସେ ମୋତେ ଅନ୍ୟ ରାତିରେ ପଚାରିଥିଲେ, ତାଙ୍କର ଏକ ସ୍ୱପ୍ନ ଥିଲା, ଏବଂ ମୁଁ ତାଙ୍କୁ ତାହା କହିପାରି ନ ଥିଲି ଯେ ତାହା କଅଣ ଥିଲା ଯେପର୍ଯ୍ୟନ୍ତକି ମୁଁ ପ୍ରଭୁଙ୍କ ନିକଟକୁ ଯାଇ ଏହା ଉପରେ ପ୍ରାର୍ଥନା ନ କଲି। ତାହାପରେ ପ୍ରଭୁ ଏହାକୁ ମୋ ନିକଟରେ ପୁନର୍ବାର ପ୍ରକାଶ କଲେ ଏବଂ ମୋତେ ଜଣାଇଲେ ଯେ ସେହି ବ୍ୟାଖ୍ୟା କଅଣ ଥିଲା। ଭାଇ ଟୋନି, ଏହା ଆପଣଙ୍କ ପାଇଁ ଆଶ୍ଚର୍ଯ୍ୟଜନକ, ଏବଂ ଖୁସିର ଖବର ଅଟେ।

17 ତେବେ, ପ୍ରଥମ ପ୍ରଶ୍ନରେ। ବର୍ତ୍ତମାନ, ମୁଁ ଜାଣେ ନାହିଁ ଯେ ପ୍ରଥମେ କେଉଁଠାରୁ ଆରମ୍ଭ କରିବି, କାରଣ ତାହା ସବୁ ଉତ୍ତମ ଅଟେ। ମାତ୍ର, ବର୍ତ୍ତମାନ, ଆମେ ଅଧିକ ସମୟ ନେବାକୁ ଚେଷ୍ଟା କରିବା ନାହିଁ, ଏବଂ ହୋଇପାରେ ଯେ ଆମେ ସେଗୁଡିକୁ ରବିବାର ସୁଦ୍ଧା ଶେଷ କରି ଦେଇପାରିବା, ଯଦି ଆମେ ସେଗୁଡିକ ନେଇ ନ ପାରିଲୁ।

**51. ମାଥିଉ 25:46 ରେ "ଅନନ୍ତ ଶାସ୍ତି," ର ଅର୍ଥ କଅଣ ଅଟେ ତାହା ବୁଝାଇ ଦିଅନ୍ତୁ। "କିନ୍ତୁ ସେହି…"** ତାହା ହେଉଛି ପ୍ରଶ୍ନ।

**52.** ତାହାପରେ, ଦ୍ୱିତୀୟ ପ୍ରଶ୍ନ: **"କିନ୍ତୁ ରାଜ୍ୟର ସନ୍ତାନମାନେ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଯିବେ," ଏହା କଅଣ ପରମେଶ୍ୱର ସେମାନଙ୍କୁ ମନରୁ ବାହାର କରିବା ସହିତ ପ୍ରାୟଃ ସମାନ ଅଟେ କି?**

18 ତେବେ, ବର୍ତ୍ତମାନ, ଆପଣଙ୍କର ପ୍ରଥମ ପ୍ରଶ୍ନ ନିଅନ୍ତୁ, ଯାହା ସାଧୁ ମାଥିଉରେ ମିଳେ, କୋଡ଼ିଏ-…ତାହାର 25ତମ ପର୍ବ। ବର୍ତ୍ତମାନ ଆମେ କରିବା…ତେବେ, ମୁଁ ଏଗୁଡିକ କେବେବି ଅଧ୍ୟୟନ କରି ନାହିଁ, କେବଳ ସେଗୁଡିକୁ ସେଠାରେ ପଛରେ ଦେଖିଥିଲି, ଏବଂ ସେଗୁଡିକୁ ଠିକ୍ ସର୍ବୋତ୍ତମ ଭାବରେ ଦେଖିବା ନିମନ୍ତେ ମୋର ଯଥାସମ୍ଭବ ଚେଷ୍ଟା କରିଥିଲି ଯାହା ମୁଁ—ଯାହା ମୁଁ ଜାଣେ ଯେ ତାହା କିପରି କରିବାକୁ ଅଛି। ଏବଂ ମୋର…ଆପଣ ନିଜର

ବାଇବଲକୁ ମୋ ସହିତ ଓଲଟାନ୍ତୁ, ଯେତେବେଳେ ଆମେ ଏହାକୁ ଅଧ୍ୟୟନ କରୁ। ବର୍ତ୍ତମାନ, ମୁଁ ଏହାକୁ ଗ୍ରୀକ୍ ଲେକ୍ସିକନ୍‌ରୁ ମଧ୍ୟ ବାହାର କରିବାକୁ ଚାହେଁ, ଯେପରିକି ଆପଣ ଏହାର ସେହି—ସେହି ମୂଳ ବିଷୟକୁ ପାଆନ୍ତି। ଆଉ ମୁଁ—ମୁଁ ତାହା ପସନ୍ଦ କରେ। ତେଣୁକରି ତାହାପରେ ଆମେ ଏହାକୁ ସେହି ଉଭୟରେ—ସେହି ଉଭୟରେ—ସେହି ଗ୍ରୀକ୍ ଭାଷାରେ ଏବଂ ଅନ୍ୟଟିରେ ପାଇବା। ଏବଂ ବର୍ତ୍ତମାନ ଏହା ଏକ—ଏକ ପ୍ରକାର ଧୀର ଏବଂ ଅଧ୍ୟୟନ ରୂପରେ ହେବ, ଯେହେତୁ ମୋତେ ଯାଇ ଶାସ୍ତ୍ରଗୁଡ଼ିକୁ ନେବାକୁ ପଡ଼ିବ ତାହା ମୁଁ ଯେଉଁଠାରେ ବି ପାଇବି, ଏବଂ ସେଗୁଡିକୁ ସେମାନଙ୍କର ଯଥାସ୍ଥାନରେ ରଖିବାକୁ ପଡ଼ିବ। ଠିକ୍ ଅଛି।

19 ତେବେ, କେହି ଅଧ୍ୟୟନ କରିବା ନିମନ୍ତେ ବାଇବଲ ଚାହୁଁଛନ୍ତି କି? ଯଦି ଆପଣ ଚାହାଁନ୍ତି, ନିଜର ହାତ ଉଠାନ୍ତୁ। ଏବଂ ଆମେ...ମୁଁ ଭାବୁଛି ଯେ ଆମ ପାଖରେ ଏଠାରେ ପଛରେ ତିନୋଟି କିମ୍ବା ଚାରୋଟି ଅଛି। ଯଦି ଆପଣ ଶାସ୍ତ୍ର ଦ୍ୱାରା ଅଧ୍ୟୟନ କରିବାକୁ ଚାହୁଁଛନ୍ତି, ଠିକ୍ ଅଛି। ଭାଇ କକ୍ସ, କଅଣ ଆପଣ ଏଠାକୁ ଆସି ମୋତେ ଏହି ବାଇବଲଗୁଡ଼ିକ ଆଣିଦେବେ କି? ଆଉ ଏହା—ଏହା ଆପଣଙ୍କ ପାଇଁ ଭଲ ଅଟେ, ଯଦି ଆପଣ ପାରନ୍ତି, ଏହା...(ଜଣେ ଅଛନ୍ତି, ଏବଂ ଆପଣ କେବଳ—ଆପଣ କେବଳ ସେଗୁଡିକୁ ତଳକୁ ନେଇକି ଯାଆନ୍ତୁ ଯଦି ଆପଣ ଚାହାଁନ୍ତି, ସେତେ ଅନେକଗୁଡିଏ)। ଏବଂ ଯେକେହି ଗୋଟିଏ ଚାହାଁନ୍ତି, କେବଳ ନିଜର ହାତକୁ ଉଠାଇ ରଖନ୍ତୁ, ସେହି ବାଳକ ସେଗୁଡିକୁ ଠିକ୍ ଆପଣଙ୍କ ପାଖକୁ ଆଣିଦେବ, ବୁଝିଲେ। ଏବଂ ଆମେ ଏହାସବୁ ଏକତ୍ର ଅଧ୍ୟୟନ କରିବାକୁ ଚାହୁଁ, ଏବଂ କେବଳ...

20 ବର୍ତ୍ତମାନ, ଏହି ପାଠ କରିବାରେ ଏବଂ ଶେଷ ପର୍ବଗୁଡ଼ିକ ଉପରେ...ଏବ୍ରୀ ପୁସ୍ତକର ପ୍ରଥମ ସାତ ପର୍ଗୁବଡିକ ଉପରେ। ଶିକ୍ଷାଦାନ ପରେ, ଅବଶ୍ୟ, ସେହି ବାଳକ ଯିଏକି ଏହାକୁ ତଳକୁ ନେଇକି ଗଲା, ଏହି ବିଷୟଗୁଡ଼ିକ, ଭାଇ ମର୍ସିଅର୍ ଏବଂ ଭାଇ ଗୋଆଡ୍, ସେଗୁଡିକୁ ରଖିଛନ୍ତି ଏବଂ ବର୍ତ୍ତମାନ ସେଗୁଡିକୁ ପୁସ୍ତକ ଆକାରରେ ପ୍ରକାଶିତ କରିବାକୁ ସ୍ଥିର କରୁଛନ୍ତି। ଏବଂ ସେମାନଙ୍କ ପାଖରେ ତାହା ଅଛି। ତେବେ...ପୁଣି ଆମର ଅଧା ରାସ୍ତା ରାମ୍ପିବା ଭଳି କିଛି ନାହିଁ, ଆମେ କେବଳ ପୃଷ୍ଠଭୂମିକୁ ରାମ୍ପିଅଛୁ। ଏବଂ ମୁଁ ଭାବୁଛି ସେମାନେ ସେଗୁଡିକୁ ନାମିତ କରିଛନ୍ତି...ଏବଂ ସେଥିରୁ ସେହି—ସେହି ଛୋଟ ଛୋଟ ଖଣ୍ଡଗୁଡିକୁ ନେଇଛନ୍ତି... ଏବଂ କେବଳ ସେହି କ୍ଷୁଦ୍ର ଖଣ୍ଡଗୁଡିକୁ ପାଲିସ୍ କରିଛନ୍ତି, ଏବ୍ରୀର ଶିକ୍ଷାର କେବଳ କେତେକ ଛୋଟ ଖଣ୍ଡଗୁଡିକୁ। ଭାଇ ମର୍ସିଅର୍ ସେଗୁଡିକୁ ଖୁବ୍ ଶୀଘ୍ର, ଛପା ଆକାରରେ ପାଇଯିବେ, ଯେକେହି ବି ସେଗୁଡିକୁ ଚାହାଁନ୍ତି।

21 ତେବେ ଏହା ଏଠାରେ, ଏହା ନେଇକି ଆସିଥାଏ...ଆପଣ କେବଳ ତାହା ଦେଇ ଯାଇପାରନ୍ତି ନାହିଁ...ସୁସମାଚାର ମଣ୍ଡଳୀରେ, ଯାହାକି ଏହା ଏକ ସୁସମାଚାର ପ୍ରଚାରକାରୀ ମଣ୍ଡଳୀ ଅଟେ। ଆପଣ ଅନେକ ଲୋକଙ୍କ ସନ୍ଦେହ ଏବଂ ଚିନ୍ତାଧାରାକୁ ଜାଗ୍ରତ ନ କରି ଏକ—ଏକ ଶିକ୍ଷା ଦେଇ ଯାଇପାରିବେ ନାହିଁ। ଆପଣଙ୍କୁ ତ ତାହା ଦେଇ ଯିବାକୁ ଅଛି। ବର୍ତ୍ତମାନ, ମୁଁ ଜଣେ ଶିକ୍ଷକ ହେବାଠାରୁ ବହୁତ ଦୂରରେ ଅଟେ, ଆଦୌ ଜଣେ ବାଇବଲ ବ୍ୟାଖ୍ୟାକାରୀ

ନୁହେଁ। ମାତ୍ର ମୁଁ କେବେବି କିଛି କହିବାକୁ—କୁ, କିମ୍ବା ଏପରିକି କିଛି କରିବାକୁ ସୁଦ୍ଧା ଚେଷ୍ଟା କରେ ନାହିଁ, ମାତ୍ର ପ୍ରଥମେ—ପ୍ରଥମେ ତାହା ବିଷୟରେ ପଚାରିବା କିମ୍ବା ଖୋଜିବା ଯେ ଏହା ମୋ ପାଇଁ ସର୍ବୋତ୍ତମ ବିଷୟ କଅଣ ହେବ।

22 ଗତ ରାତିରେ, ମୋର ଜଣେ ପ୍ରିୟ ଭାଇ ମୋତେ ପଚାରିଲେ, ସେ କହିଲେ, "ଭାଇ ବ୍ରାନହାମ୍, ଭାଇ ସେୱାର୍ଡ ଥରେ କହିଥିଲେ ଯେ ଆପଣଙ୍କୁ—ଆପଣଙ୍କୁ ଠିକ୍ କୌଣସି ସ୍ଥାନରେ ଆପଣଙ୍କୁ ଘେରା ଯାଇପାରେ ନାହିଁ। ଦେଖନ୍ତୁ, ଆପଣ ସର୍ବଦା ଏଥିରୁ ବାହାରିଯିବା ପାଇଁ କିମ୍ବା ଏଥିରୁ ଦୂରେଇ ଯିବା ପାଇଁ କୌଣସି ବାଟ ପାଇଯାଆନ୍ତି।"

23 ମୁଁ କହିଲି, "ତେବେ, ତାହାର କାରଣ ହେଲା, ମୁଁ କିଛି କରିବା ପୂର୍ବରୁ ସବୁବେଳେ ଚିନ୍ତା କରିବାକୁ ଚେଷ୍ଟା କରେ। ବୁଝିଲେ? ଏବଂ ତାହାପରେ ଯଦି ଲୋକମାନେ ମୋତେ ପଚାରନ୍ତି, ତେବେ ମୁଁ ସେମାନଙ୍କୁ କହିପାରେ ଯେ ମୋର ଚିନ୍ତାଧାରାଗୁଡିକ କଅଣ ଥିଲା। ବୁଝିଲେ?" ମାତ୍ର ଏହା ସେତେବେଳେ ଅଟେ ଯଦି ଆପଣ ସଠିକ୍ ଚିନ୍ତା କରନ୍ତି। ଏବଂ ଏହା ପୂର୍ବେକି ଆପଣ କିଛି କରନ୍ତି, ସେହି ପକ୍ଷ ନେବାକୁ ଚେଷ୍ଟା କରନ୍ତୁ ଯାହାକି ପରମେଶ୍ୱର ଚାହାଁନ୍ତି ଯେ ଆପଣ ନିଅନ୍ତୁ, ତେବେ ତାହା ଘେରାଯିବାଟା ବାସ୍ତବରେ କଷ୍ଟକର ହେବ।

24 ଆପଣ ସେହି ସମୟ କଳ୍ପନା କରିପାରିବେ ନାହିଁ ଯେତେବେଳେ—ଯେତେବେଳେ ଆହାବ୍ ଏଲିୟଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ। କଅଣ ଆପଣ ସେହି ସମୟକୁ କଳ୍ପନା କରିପାରିବେ କି ଯେତେବେଳେ ଫାରୂଶୀମାନେ ଯୀଶୁଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ? ଦେଖନ୍ତୁ, ତାହାଙ୍କ ପାଖରେ—ତାହାଙ୍କ ପାଖରେ ଶୀଘ୍ର ଉତ୍ତର ଥିଲା, କାରଣ ଯାହାସବୁ ସେ କରିଥିଲେ, ସେ ତାହା ପରମେଶ୍ୱରଙ୍କ ଇଚ୍ଛାରେ କରିଥିଲେ, ଏବଂ ସେ...ତାହା ସେହି ପ୍ରକାରେ ହିଁ ଅଟେ ଯେ ସେ—ସେ ଏହାକୁ ପାଇ ପାରିଥିଲେ। ତେବେ, ତାହାହିଁ ସେହି ଉପାୟ ଅଟେ ଯେ ଆମେ ତାହାକୁ ଏହା ଦ୍ୱାରା ଚାହୁଁ।

ତେବେ ପ୍ରଶ୍ନ ପଚରା ଯାଇଅଛି, ଆମେ ପ୍ରଶ୍ନ ସହିତ ରହିବା:

**ମାଥିଉ 25:46 ରେ "ଅନନ୍ତ ଶାସ୍ତି," ର ଅର୍ଥ କଅଣ ଅଟେ ତାହା ବୁଝାଇ ଦିଅନ୍ତୁ।**

25 ତେବେ ପ୍ରକୃତ ଧ୍ୟାନ ସହକାରେ ଶୁଣନ୍ତୁ। ବର୍ତ୍ତମାନ ସମସ୍ତେ, ମାଥିଉ 25:46:

*ଆଉ ଏମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ:...*

26 ବର୍ତ୍ତମାନ, ପ୍ରଶ୍ନଟି ହେଉଛି, "କଅଣ...ବୁଝାଇ ଦିଅନ୍ତୁ..." ତେବେ *ଅନନ୍ତ* ଶବ୍ଦଟି ସେହି ଶବ୍ଦ "ସବୁଦିନ ଓ ଚିରଦିନ," ରୁ ଆସିଛି ଆଉ ହେଉଛି *ଚିରଦିନ* "ସମୟର ଏକ କାଳ।" ଏହାର ଅର୍ଥ କେବଳ "ଏତେ ଅଧିକ ସମୟ," ଯେପରିକି *ଚିରଦିନ* ଅଟେ। ତେବେ ଯଦି ଆପଣ କେବଳ ପଢ଼ିବେ...ମୁଁ ଜାଣେ ନାହିଁ ଯେ କିଏ ପ୍ରଶ୍ନଗୁଡିକ ଲେଖିଲେ, କାରଣ କେହିହେଲେ ସେଗୁଡିକ ଉପରେ ନିଜର ନାମ ଲେଖି ନାହାଁନ୍ତି; ଏହା ଆବଶ୍ୟକ ନୁହେଁ, ମୁଁ ସେଗୁଡିକ ଚାହେଁ ନାହିଁ, ବୁଝିଲେ।

କିନ୍ତୁ *ଏମାନେ ଅନନ୍ତ ଶାସ୍ତିକୁ ଯିବେ:...*(ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ତାହା ହେଉଛି ଦୁଷ୍ଟ ।)

27 ତେବେ, ପ୍ରିୟ—ପ୍ରିୟ ବ୍ୟକ୍ତି ଯିଏକି ଏହି ପ୍ରଶ୍ନକୁ ପଚାରିଥିଲେ, କେବଳ ତାହାର ଅବଶିଷ୍ଟ ଭାଗକୁ ପଢନ୍ତୁ:

*...କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ* ଭୋଗ *କରିବାକୁ ଯିବେ ।*

28 ଦୁଷ୍ଟମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ (ଏକ ନିର୍ଦ୍ଦିଷ୍ଟ ସମୟାବଧି), କିନ୍ତୁ ଧାର୍ମିକମାନଙ୍କ ପାଖରେ ଅନନ୍ତ ଜୀବନ ଅଛି । ଆପଣ କଦାପି ଅନନ୍ତ ଶାସ୍ତି ଭୋଗ କରିବେ ନାହିଁ, ହୋଇପାରିବ ନାହିଁ । ଦେଖନ୍ତୁ, ଯଦି ସେମାନେ ଅନନ୍ତ ଶାସ୍ତି ପାଇଥାଆନ୍ତି, ତେବେ ସେମାନଙ୍କୁ ଅନନ୍ତ ଜୀବନ ପାଇବାକୁ ହେବ; ଯଦି ସେମାନେ ଅନନ୍ତ ଜୀବନ ପାଇଥାଆନ୍ତି, ତାହାହେଲେ ସେମାନେ ଉଦ୍ଧାରପ୍ରାପ୍ତ ଅଟନ୍ତି । ଦେଖନ୍ତୁ, ଏହା ହୋଇପାରେ ନାହିଁ । ବର୍ତ୍ତମାନ ଯଦି ଆପଣ ଧ୍ୟାନ ଦେବେ, ସେହି—ସେହି ପ୍ରଶ୍ନ ନିଜକୁ ପଚାରେ...ନିଜେ ଉତ୍ତର ଦିଏ । ବୁଝିଲେ?

*ଆଉ ଏମାନେ...*

ତେବେ ଧ୍ୟାନ ଦିଅନ୍ତୁ, ମୁଁ ଏହାର ପୂର୍ବକୁ ଯିବି:

...ଆଉ *ସେମାନେ...*

29 20ଶ ରେ...44ତମ ପଦ:

...ସେଥିରେ *ସେମାନେ ମଧ୍ୟ* ଉତ୍ତର ଦେଇ, ତାହାଙ୍କୁ କହିବେ, *ହେ ପ୍ରଭୁ,* କେବେ ଆମ୍ଭେମାନେ ଆପଣଙ୍କୁ *କ୍ଷୁଧିତ,* କି ତୃଷିତ, ଏବଂ *ପ୍ରବାସୀ,* କି *ଉଲଗ୍ନ,...* କି *କାରାଗାରସ୍ଥ ଦେଖି, ଆପଣଙ୍କର ସେବା କଲୁ ନାହିଁ?*

*ସେଥିରେ ସେ—ସେଥିରେ ସେ ସେମାନଙ୍କୁ ଉତ୍ତର ଦେବେ, କହିବେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଏହି କ୍ଷୁଦ୍ରତମମାନଙ୍କ ମଧ୍ୟରୁ* ଜଣକ *ପ୍ରତି ଏହା କରି...ଥିବାରୁ,* ମୋ *ପ୍ରତି* ତାହା *କରି... ।*

*ଏବଂ ଏମାନେ ଅନନ୍ତ* (ଅନନ୍ତ) *ଶାସ୍ତି ଭୋଗ କରିବାକୁ ଯିବେ:* (ତାହା ହେଉଛି ଦୁଷ୍ଟ)...*କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ* କରିବାକୁ ଯିବେ ।

30 କଅଣ ସେହି ପାର୍ଥକ୍ୟକୁ ଦେଖୁଛନ୍ତି? ଦୁଷ୍ଟମାନଙ୍କର ଅନନ୍ତ ଶାସ୍ତି ଅଛି, କିନ୍ତୁ *ଅନନ୍ତକାଳ* "ସମୟର ଏକ ଅବଧି" ଅଟେ । ତେବେ, ଯଦି ଏହା ସମାନ ହୋଇଥାନ୍ତା, ତେବେ ଏହା ଏହିପରି ଲେଖା ହୋଇଥାନ୍ତା, "ଏବଂ ଏମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ, ଅନ୍ୟମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।" ବୁଝିଲେ? କିଅବା, "ସେମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଓ ଅନ୍ୟଜଣକ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।" ଦେଖନ୍ତୁ, ଯଦି ଏକ ଅନନ୍ତ ଶାସ୍ତି ଅଛି, ଯେପରିକି ସବୁଦିନ ଓ ଚିରଦିନ ପାଇଁ ଦଣ୍ଡିତ କରାହୁଏ, ତେବେ

ସେଠାରେ ଏକ ଅନନ୍ତ ଅଛି…ସେ ଅନନ୍ତ ଜୀବନ ପାଇଛନ୍ତି; ଏବଂ କେବଳ ଗୋଟିଏ ମାତ୍ର ଅନନ୍ତ ଜୀବନ ଅଛି, ଆଉ ତାହା ପରମେଶ୍ୱରଙ୍କଠାରୁ ଆସିଥାଏ । ପ୍ରତ୍ୟେକ ବିଷୟ ଯାହାର ଆରମ୍ଭ ନାହିଁ ତାହାର ଶେଷ ନାହିଁ, ପ୍ରତ୍ୟେକ ବିଷୟ ଯାହାର ଆରମ୍ଭ ଅଛି ତାହାର ଶେଷ ଅଛି । କଅଣ ଆପଣ ମୋର କହିବାର ଅର୍ଥ ବୁଝୁଛନ୍ତି?

31 ବର୍ତ୍ତମାନ, ଶାସ୍ତ୍ର ନିଜେ ଯାହାକି ସେହି—ସେହି ପ୍ରିୟ ବ୍ୟକ୍ତି ଉତ୍ତର ଦେଲେ…ତେବେ ଯଦି ଆପଣ ଏହାକୁ ଲେକ୍ସିକନ୍‌ରେ ନେବେ, *"ଏବଂ ଏମାନେ ଆନିଅନ୍ ଭିତରକୁ ଯିବେ, କାଟିବେ, ଏବଂ ଚିରକା-…ଏବଂ ଅଗ୍ନି, ଅଗ୍ନିମୟ ହ୍ରଦକୁ ଯିବେ ।"* ବର୍ତ୍ତମାନ, *ଆ-ନି-ଅ-ନ୍* ଶବ୍ଦର ଅର୍ଥ ହେଉଛି "ଶାସ୍ତିର ଏକ ସମୟାବଧି ।" ଠିକ୍ ଏଠାରେ, ଗ୍ରୀକ୍ ଲେକ୍ସିକନ୍‌ରେ, "ଶାସ୍ତିର ସମୟାବଧି," କିମ୍ୱା, "ଶାସ୍ତିର କାଳ ।" ଦେଖନ୍ତୁ, "ସେମାନେ ଶାସ୍ତିର ଏକ କାଳକୁ ଯିବେ ।" ଶବ୍ଦଟି ବ୍ୟବହୃତ ହୋଇଛି, ଆ-ନି-ଅ-ନ୍ । *ଆନିଅନ୍*, ଯାହାର ଅର୍ଥ "ସମୟକାଳ, ଏକ ସମୟ, ଏକ ସୀମିତ ସମୟ ।" ତାହାପରେ ଏହାକୁ ଏଠାରେ ସେହି—ଏଠାରେ ସେହି ଅନୁବାଦରେ ନେଇ ଆସନ୍ତୁ, ଇଂରାଜୀରେ, *ଅନନ୍ତ* ହେଉଛି "ଏକ ସୀମିତ ସମୟ ।" ଦେଖନ୍ତୁ, ଏହା ଗ୍ରୀକ୍ ଭାଷାରୁ ଆସିଛି, "ସମୟର ଏକ ସୀମା ।" ସେହି ଶବ୍ଦ *ଆନିଅନ୍*, କିମ୍ୱା *ଆ-ନି-ଅ-ନ୍*, *ଆନିଅନ୍*ର ଅର୍ଥ ହେଲା "ଶାସ୍ତିର ଏକ ସୀମିତ ସମୟ ।"

32 କିନ୍ତୁ ତାହାପରେ ଅନ୍ୟଗୁଡିକ ପାଠ କରନ୍ତୁ, "ମାତ୍ର ଏମାନେ ଅନନ୍ତକୁ ଯିବେ ।" ତାହା ଏକ ଭିନ୍ନ ଅଟେ । ଦେଖନ୍ତୁ, ଅନନ୍ତ ଜୀବନ । *ଅନନ୍ତ* ସେହି "ଅନନ୍ତତା" ଶବ୍ଦରୁ ଆସିଥାଏ, ଏବଂ ଅନନ୍ତତାର କୌଣସି ଆରମ୍ଭ କିମ୍ୱା ଶେଷ ନ ଥିଲା । ଏହା ସବୁଦିନ ପାଇଁ ଏବଂ ସବୁଦିନ ପାଇଁ ଅଟେ । ବର୍ତ୍ତମାନ ତାହା ଏହାକୁ ଉତ୍ତର ଦେବା ଉଚିତ୍, ଦେଖନ୍ତୁ, କାରଣ ଯଦି ଆପଣ କେବଳ ଶାସ୍ତ୍ରକୁ ପ୍ରକୃତ ଧ୍ୟାନ ସହକାରେ ପାଠ କରିବେ, ଆପଣ ଦେଖିବେ ।

33 *"ଏମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ, କିନ୍ତୁ ଧାର୍ମିକମାନେ…"* ଦୁଷ୍ଟମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ, କିଛି ଏକ ସମୟାବଧି ପାଇଁ ଶାସ୍ତି ପାଇବେ; ହୋଇପାରେ ଏକ କୋଟି କୋଟି ବର୍ଷ, ମୁଁ ଜାଣେ ନାହିଁ, ମାତ୍ର ଆପଣ ନିଜର ପାପ ପାଇଁ ନିଶ୍ଚିତ ଭାବରେ ଶାସ୍ତି ପାଇବେ । କିନ୍ତୁ ଯେତିକି ସୁନିଶ୍ଚିତ ପାପର ଆରମ୍ଭ ରହିଥିଲା, ପାପର ସମାପ୍ତି ମଧ୍ୟ ସେତିକି ନିଶ୍ଚିତ ଅଟେ । ଶାସ୍ତିର ଏକ ଆରମ୍ଭ ହୋଇଥିଲା, ଏବଂ ଶାସ୍ତିର ଏକ ଅନ୍ତ ଅଛି । ପୁଣି ଶୟତାନ ଏବଂ ତାହାର ଦୂତମାନଙ୍କ ପାଇଁ ନରକ ସୃଷ୍ଟି କରାଯାଇଥିଲା । ବୁଝିଲେ? ଠିକ୍ ଅଛି । ତେବେ, ମୋ ପାଖରେ ଏଠାରେ ଆଉ ଗୋଟିଏ ଅଛି, ଯାହାର ଉତ୍ତର ମୁଁ କିଛି ମିନିଟ୍ ମଧ୍ୟରେ ଦେବାକୁ ଯାଉଛି, ଯାହାକି ଏକ ସୁନ୍ଦର ଅଟେ, ଏହା ସହିତ ଯୋଡ଼ି ହୋଇଅଛି ।

> ତେବେ, ମାତ୍ର ଏସବୁ ଏଠାରେ: **"କିନ୍ତୁ ରାଜ୍ୟର ସନ୍ତାନମାନେ ଅନ୍ଧକାରରେ ନିକ୍ଷେପ କରାଯିବେ," କଅଣ ଏହା ପରମେଶ୍ୱରଙ୍କ ମନରୁ ସେମାନଙ୍କୁ ବାହାର କରିବା ସହିତ ପ୍ରାୟଃ ସମାନ ଅଟେ କି?**

34 ନା, ଏହା ସମାନ ହେବ ନାହିଁ। ତେବେ, ଆପଣ ଏଠାରେ ବିବାହ ଭୋଜ ବିଷୟରେ ଉଦ୍ଧୃତ କରୁଛନ୍ତି। ତେବେ, "ଏବଂ ରାଜ୍ୟର ସନ୍ତାନମାନେ," ଯେପରି ଏଠାରେ ପଚରାଯାଇଥିଲା। ରାଜ୍ୟର ସନ୍ତାନମାନେ ହେଉଛନ୍ତି ଯିହୁଦୀ, ଏବଂ ସେମାନଙ୍କୁ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଗଲା। ଏବଂ ସେମାନଙ୍କୁ—ସେମାନଙ୍କୁ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଯାଇଛି, ଆଉ ସେମାନେ କାନ୍ଦିବା ଓ ଅତିଶୟ କ୍ରନ୍ଦନ କରିବା ଏବଂ ଦନ୍ତ କଡ଼ମଡ଼ କରିବା ସମୟ ଦେଇ ଯାଇଅଛନ୍ତି। ସେମାନେ ବାହ୍ୟ ଅନ୍ଧକାରରେ ନିକ୍ଷେପ କରା ଯାଇଥିଲେ କାରଣ ଏହା ଆପଣଙ୍କୁ ଏବଂ ମୋତେ ଅନୁତାପ କରିବା ନିମନ୍ତେ ଏକ ସ୍ଥାନ ଦେବ, କିନ୍ତୁ ସେମାନେ କଦାପି ପରମେଶ୍ୱରଙ୍କ ମନରୁ ବାହାର କରାହୋଇ ନ ଥିଲେ। ସେ କେବେବି ଇସ୍ରାଏଲକୁ ଭୁଲିବେ ନାହିଁ। ଏବଂ ଇସ୍ରାଏଲ, ଯେପରିକି ବାଇବଲର କୌଣସି ପାଠକ ଜାଣନ୍ତି, ଏହାକୁ "ରାଜ୍ୟର ସନ୍ତାନଗଣ" ରୂପେ ସୂଚିତ କରାଯାଇଥାଏ। ଦେଖନ୍ତୁ, ଏହା ସେହି ରାଜ୍ୟ, ସେହି ପ୍ରତିଜ୍ଞା ଅଟେ। ଅନ୍ୟ ଅର୍ଥରେ, ପରମେଶ୍ୱର ଜାତି ସହିତ ବ୍ୟବହାର କରିଥିଲେ, ଯେତେବେଳେ ସେ ଇସ୍ରାଏଲ ସହିତ ବ୍ୟବହାର କଲେ, ଯାହାକି ରାଜ୍ୟର ସନ୍ତାନମାନେ ଅଟନ୍ତି।

35 ବର୍ତ୍ତମାନ, ଆପଣ ମନେ ରଖନ୍ତୁ, ସେ ସେଠାରେ କହିଲେ, "ଅବ୍ରହାମ, ଇସ୍‌ହାକ ଏବଂ ଯାକୁବ," ଗୋଟିଏ ସ୍ଥାନରେ, "ଆସି ଶେଷ ସମୟରେ ରାଜ୍ୟରେ ଉପବେଶନ କରିବେ।" ଦେଖନ୍ତୁ, ପୁଣି ଯେ ଅବ୍ରହାମ, ଇସ୍‌ହାକ ଏବଂ ଯାକୁବ ରାଜ୍ୟରେ ରହିବେ; ସେମାନେ ଥିଲେ, ସେମାନେ ରାଜ୍ୟର ଆଶୀଷିତ ଲୋକମାନେ ଥିଲେ। କିନ୍ତୁ ରାଜ୍ୟର ସନ୍ତାନମାନେ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଯିବେ।

36 ତେବେ, ଏଠାରେ ଯେଉଁଠାରୁକି ତାହା ଉଦ୍ଧୃତ କରାଯାଇଛି ତାହା ବର ଅଟନ୍ତି—ଅଟନ୍ତି। ଯେତେବେଳେ ବର ଆସନ୍ତି, ସେତେବେଳେ ସେମାନେ ଥିଲେ...ପାଞ୍ଚଜଣ କୁମାରୀ ପ୍ରଭୁଙ୍କୁ ସାକ୍ଷାତ କରିବାକୁ ବାହାରିଥିଲେ, ଏବଂ—ଏବଂ ସେମାନେ ନିଜ ପ୍ରଦୀପରେ କୌଣସି ତେଲ ନେଇ ନ ଥିଲେ। ଏବଂ ସେହି—ସେହି ଅନ୍ୟ ପାଞ୍ଚଜଣ ନିଜ ପ୍ରଦୀପରେ ତେଲ ନେଇଥିଲେ। ତେବେ, ଯଦି ଆପଣ ଧ୍ୟାନ ଦେବେ, ଏହା ଏକ ସୁନ୍ଦର ଚିତ୍ରଣ ଅଟେ, ଉଭୟ ଯିହୁଦୀ ଏବଂ ବିଜାତିଙ୍କ ସହିତରେ, ଅସ୍ୱୀକୃତ ରୂପେ। ତାହାକୁ ମନେରଖନ୍ତୁ ଯେ, ସବୁ ସମୟରେ ତିନୋଟି ଶ୍ରେଣୀର ଲୋକ ଅଛନ୍ତି: ଯିହୁଦୀ, ବିଜାତି (ଆନୁଷ୍ଠାନିକ),...; ଯିହୁଦୀ, ବିଜାତି ଏବଂ ସେହି ମଣ୍ଡଳୀ। ଯଦି ଆପଣ ସେଗୁଡ଼ିକୁ ମିଶ୍ରିତ କରିଦେବେ, ଆପଣ ନିଶ୍ଚିତ ଭାବରେ ଅସୁବିଧାରେ ପଡ଼ିବେ ଯେତେବେଳେ ଆପଣ ପ୍ରକାଶନକୁ ପ୍ରାପ୍ତ କରିବେ। କାରଣ ଯଦି ଆପଣ ନୁହଁନ୍ତି...

37 ଯେପରିକି ଶ୍ରୀ ବୋହାନନ୍ ମୋତେ ଥରେ କହିଥିଲେ, କହିଲେ, "ବିଲି, ଯେକେହି ପ୍ରକାଶିତ ବାକ୍ୟ ପାଠ କରିବାକୁ ଚେଷ୍ଟା କରନ୍ତି ସେ ଦୁଃସ୍ୱପ୍ନ ଦେଖିବେ। କାହିଁକି," ସେ କହିଲେ, "ଏଠାରେ ତଳେ ପୃଥିବୀରେ ଏକ କନ୍ୟା ଏଠାରେ ଅଛି, ଏବଂ ସେହି—ଏବଂ ସେହି ସର୍ପ ତାହା ସହିତ ଯୁଦ୍ଧ କରିବା ପାଇଁ ପାଟିରୁ ପାଣି ନିର୍ଗତ କରୁଅଛି।" ଏବଂ କହିଲେ,

"ତାହାପରେ ଠିକ ସେହି ସମୟରେ କନ୍ୟା ଏକ ଲକ୍ଷ ଚଉରା-ଳିଶ ସହସ୍ର ରୂପେ ଛିଡା ହୋଇଛି" (ଯିହୋବା ୱିଟନେସ୍ ଶିକ୍ଷା) "ସୀନୟ ପର୍ବତ ଉପରେ। ଏବଂ ସେହି ସମାନ ସମୟରେ କନ୍ୟା ସ୍ୱର୍ଗରେ ଅଛି।" ନା, ନା, ଆପଣ ଭୁଲ୍ କରୁଛନ୍ତି।

38 ସେଠାରେ ତିନୋଟି ଶ୍ରେଣୀର ଲୋକ ଅଛନ୍ତି। ଦେଖନ୍ତୁ, ଅର୍ଥାତ୍, ଅସ୍ୱୀକୃତ ଯିହୁଦୀ, ଆଉ ସେଠାରେ ଶୁପ୍ତ କୁମାରୀ ଅଛନ୍ତି ଯାହାକୁ ସେହି ଜଳ...ଏହା ନାରୀର ବୀଜ ନୁହେଁ, ଏହା ତ ନାରୀର ବୀଜର ଅବଶିଷ୍ଟାଂଶ ଅଟେ ଯାହାକୁ ସେହି ସର୍ପ ତାହାର ପାଟିରୁ ପାଣି ନିର୍ଗତ କରିଥିଲା...ପ୍ରକାଶିତ ବାକ୍ୟ 11। ଏବଂ ତାହାପରେ, ବାସ୍ତବରେ, ସେହି ଏକ ଲକ୍ଷ ଚଉରା-ଳିଶ ସହସ୍ର ଯିହୁଦୀମାନେ କୌଣସି ରୂପେ କନ୍ୟା ନ ଥିଲେ, ସେମାନେ ଯିହୁଦୀ ମଣ୍ଡଳୀର ଅବଶିଷ୍ଟାଂଶ ଅଟନ୍ତି। ଏବଂ ସେହି ଯିହୋବା ୱିଟନେସ୍ ଶିକ୍ଷା ଯାହା ସେମାନଙ୍କୁ କନ୍ୟା ଭାବରେ ଉପସ୍ଥାପିତ କରେ, ମୁଁ ଦେଖେ ନାହିଁ ଯେ ଆପଣ ଏହାକୁ କିପରି ଭାବରେ କରିପାରନ୍ତି, କାରଣ, ଏହା କନ୍ୟା ନୁହେଁ।

39 ଯଦି ଆପଣ ସେଠାରେ ପ୍ରକାଶିତ ବାକ୍ୟରେ ଧ୍ୟାନ ଦେବେ, ଏହା କୁହେ, "ଏବଂ ସେମାନେ କୁମାରୀ ଅଟନ୍ତି।" ଏବଂ ସେମାନେ ନପୁଂସକ ଅଟନ୍ତି। ଆଉ ଜଣେ ନପୁଂସକ କଅଣ ଥିଲା? ସେମାନେ ଥିଲେ...ନପୁଂସକମାନେ ରାଣୀଙ୍କୁ ଜଗି ରହିଥିବା ମନ୍ଦିର ରକ୍ଷକ ଥିଲେ, କାରଣ ସେମାନେ ଥିଲେ...କା-...ସେମାନେ ପୁରୁଷମାନେ ଥିଲେ ଯେଉଁମାନଙ୍କୁ ବନ୍ଧ୍ୟା କରାଯାଇଥିଲା। ସେମାନେ ଥିଲେ...କଅଣ ଆପଣ ଧ୍ୟାନ ଦେଲେ କି, କୁହେ, "ସେମାନେ ନିଜକୁ ସ୍ତ୍ରୀମାନଙ୍କ ସହିତ ଅଶୁଚି କରି ନ ଥିଲେ"? ସେମାନେ ମନ୍ଦିରର ନପୁଂସକ ଥିଲେ। ଏବଂ ଏହା ଏକ ବଛାଯାଇଥିବା ସଂଖ୍ୟା ଥିଲା ଯାହାକି ପରମେଶ୍ୱର ମନୋନୀତ ଯିହୁଦୀମାନଙ୍କ ମଧ୍ୟରୁ ନେଇଥିଲେ। ବର୍ତ୍ତମାନ, ଯଦି ଆପଣମାନେ ଧ୍ୟାନ ଦେବେ... ଯଦି ଆମେ କେବଳ ତାହା ଗୋଟିଏ କ୍ଷଣ ପାଇଁ ତାହା ପାଇପାରିବା, ଯେପରିକି ଏହା ଆପଣଙ୍କ ମନରେ ଏକ ପ୍ରକାରେ ସମାଧାନ କରିଦେବ, ଯେଉଁଠାରେ ଆପଣ ପ୍ରକୃତରେ କରିପାରିବେ...

40 ଆସନ୍ତୁ ପ୍ରକାଶିତ ବାକ୍ୟ, ତାହାର 7ମ ପର୍ବ ନେବା, ଏବଂ ଆମେମାନେ ବର୍ତ୍ତମାନ ଏଠାରେ ପାଇବା, ଯେଉଁଠାରେକି...ଏହା କଅଣ କହିଥିଲା। ଏହା ଏକ ସୁନ୍ଦର ବିଷୟ ଅଟେ:

> *ତତ୍ପରେ ମୁଁ ଦେଖିଲି...ପୃଥିବୀର ଚାରି କୋଣରେ ଚାରିଜଣ ଦୂତ ଠିଆ ହୋଇ,...* (ତେବେ, ଏହା ଯିହିଜିକଲ 9 ସହିତ ସମାନାନ୍ତର ଅଟେ, ଯେଉଁଠାରେ ସେ ଯିହୁଦୀମାନଙ୍କର ବିନାଶ ଦେଖିଥିଲେ। ଏବଂ ଏଠାରେ ସେ ବିଜାତିମାନଙ୍କର ବିନାଶ ଦେଖନ୍ତି, ପ୍ରକାଶିତ ବାକ୍ୟ, ତାହାର 7ମ ପର୍ବ) *ତତ୍ପରେ ମୁଁ ଦେଖିଲି... ପୃଥିବୀର ଚାରି କୋଣରେ ଚାରିଜଣ ଦୂତ ଠିଆ ହୋଇ, ଚାରି ବାୟୁକୁ ଅଟକାଇ ଧରିଅଛନ୍ତି* (*ବାୟୁର ଅର୍ଥ "ଯୁଦ୍ଧ ଏବଂ ସଂଘର୍ଷ"*)*...ପୃଥିବୀ କି ସମୁଦ୍ର କି କୌଣସି*

ବୃକ୍ଷ ଉପରେ *ଯେପରି*... ବାୟୁ ନ ବହେ। (ଏବଂ ତାହା ସେହି ଯୁଦ୍ଧକୁ, “ଅଟକାଇ ଧରିଅଛନ୍ତି”)

41 ଓଃ, ଯଦି ଆମ ପାଖରେ ଏହି ପ୍ରଶ୍ନ ଉପରେ ସବିଶେଷ ବିବରଣୀ ଭିତରକୁ ଯିବା ପାଇଁ ସମୟ ଥାଆନ୍ତା। ତାହା ଘଟିଥିଲା...ସେହିଠାରେ ହିଁ ଅଟେ ଯେଉଁଠାରେକି ରସେଲ ମିଶ୍ରିତ ହୋଇ ଯାଇଥିଲେ। ରସେଲ ଏହାକୁ ଆସୁଥିବାର ଦେଖି, ଭବିଷ୍ୟତ୍‌ବାଣୀ କରିଥିଲେ। ସେ ଭବିଷ୍ୟତ୍‌ବାଣୀ କଲେ “ଏହା ପ୍ରଭୁ ଯୀଶୁଙ୍କ ଆଗମନ ହେବ,” ଏହା ନ ଜାଣି ଯେ ତାହା ସେହି—ସେହି ମଣ୍ଡଳୀର ମୁଦ୍ରାଙ୍କନ ହେବା ବିଷୟ ଥିଲା। ବୁଝିଲେ?

42 ଏବଂ ସେମାନେ ଆଶ୍ଚର୍ଯ୍ୟ କରିଥିଲେ ଯେ କିପରି ସେହି ବିଶ୍ୱଯୁଦ୍ଧ...ପ୍ରଥମ ବିଶ୍ୱଯୁଦ୍ଧ। ଦେଖନ୍ତୁ, ଏହା ନଭେମ୍ବର ମାସର ଏଗାର ଦିନାଙ୍କରେ, ସେହି ଦିନର ଏଗାର ଘଟିକାରେ ବନ୍ଦ ହେଲା; ଏଗାର ମାସ, ଏଗାର ଦିନ ଏବଂ ଏଗାର ଘଟିକା। ଏବଂ ତତକ୍ଷଣାତ୍ ତାହାର ପରେ, ଯୀଶୁଙ୍କ ନାମରେ ଜଳ ବାପ୍ତିସ୍ମ ପ୍ରକାଶ ପାଇଲା ଏବଂ ମଣ୍ଡଳୀ ପ୍ରତି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପ୍ରକାଶ ପାଇଲା। ଅବିକଳ, ଠିକ ଏହାର ତତକ୍ଷଣାତ୍ ପରେ।

43 ଯଦି ଆପଣ ଏହାକୁ ପ୍ରକାଶିତ ବାକ୍ୟରେ ଦେଖିବା ପାଇଁ ଯିବେ, ଯେ ଆମେ ଏହାକୁ କିପରି ଭାବରେ ଏକତ୍ର ମିଶାଇଅଛୁ, ଏବଂ ଫିଲାଦେଲଫିଆ ଯୁଗ ଓ ଲାଅଦିକୀଆ ମଧ୍ୟରେ ରଖିଅଛୁ। ଏବଂ ମେଥୋଡିଷ୍ଟମାନଙ୍କର ଫିଲାଦେଲଫିଆ ଯୁଗ, ଭ୍ରାତୃପ୍ରେମର ଯୁଗ ଥିଲା। ଏବଂ ସେହି ଶେଷ ଯୁଗ, ମଣ୍ଡଳୀ ଯୁଗ, ଲାଅଦିକୀଆ ଯୁଗ ଥିଲା, ଯାହାକି ଈଷଦୁଷ୍ଣ ଯୁଗ ଥିଲା। ଏବଂ ସେ ସେଠାରେ କହିଥିଲେ, “ମୁଁ ତୁମ ସମ୍ମୁଖରେ ଏକ ଦ୍ୱାର (ଉନ୍ମୁକ୍ତ ଦ୍ୱାର) ରଖିଅଛି।” ଏକ ଉନ୍ମୁକ୍ତ ଦ୍ୱାର! ଏବଂ ଯଦି ଆପଣ ସେହି ଶାସ୍ତ୍ରଗୁଡ଼ିକୁ ପୁନଃ ଉଦ୍ଧୃତ କରିବେ, ତେବେ ଆପଣଙ୍କୁ ଅବିକଳ ଠିକ୍ ଠିକ୍ ଦେଖାଇବା ନିମନ୍ତେ, ଏହା ସମଗ୍ର ବାର୍ତ୍ତାକୁ ସେଠାରେ ଗୋଟିଏ ସ୍ଥାନରେ ବାନ୍ଧି ପକାଇବ।

44 ଧ୍ୟାନ ଦିଅନ୍ତୁ! ଏଠାରେ ଯେ ବାପ୍ତିସ୍ମରେ ସବୁକିଛି ପିତା, ପୁତ୍ର, ପବିତ୍ରଆତ୍ମା ରହିଥିଲା, (ଯାହାକି ଆମେ ତାହା ଭିତରକୁ ସିଧାସଳଖ ପ୍ରବେଶ କରିବାକୁ ଯାଉଅଛୁ) ଯାହା ସଂପୂର୍ଣ୍ଣ ଭାବରେ ଏକ କ୍ୟାଥୋଲିକ୍ ଧର୍ମମତ ଥିଲା ଏବଂ କଦାପି ଖ୍ରୀଷ୍ଟିଆନ ଶିକ୍ଷା ନୁହେଁ। ନା, ଆଜ୍ଞା। ମୁଁ କେବଳ...ଆମ ପାଖରେ ତାହା ଭିତରକୁ ଆସିବା ନିମନ୍ତେ, ଆଜି ରାତିରେ, ଏଠାରେ ତାହା ଠିକ ରହିଛି; ଲେକ୍ସିକନ୍ ସହିତ, ମଧ୍ୟ। ବୁଝିଲେ? ହଁ, ଆଜ୍ଞା, ଏବଂ ଇତିହାସ ସହିତରେ ମଧ୍ୟ। ବାଇବଲରେ କେବେହେଲେ କେହି ସେହିପରି ଭାବରେ ବାପ୍ତିଜିତ ହୋଇ ନ ଥିଲେ, କିମ୍ବା ବାଇବଲ ପରେ ପ୍ରଥମ ଛଅ ଶହ ବର୍ଷ ପର୍ଯ୍ୟନ୍ତ ନୁହେଁ। ଏବଂ ମୁଁ ଏହାକୁ ଠିକ ଏହିଠାରେ କ୍ୟାଥୋଲିକର ନିଜସ୍ୱ ଶିକ୍ଷା ଦ୍ୱାରା ପ୍ରମାଣ କରି ଦେଇପାରିବି, ଯେ ସେମାନେ ହିଁ ଅଟନ୍ତି ଯିଏକି ଏହାକୁ ଆରମ୍ଭ କରିଥିଲେ, ଆଉ ଛିଞ୍ଚଣ କରିବା ଏବଂ ଢାଳିବା।

45 ସେମାନେ ସେଠାରୁ ବାହାରି ୱେସଲୀୟ ମଣ୍ଡଳୀକୁ, ଏବଂ ମେଥୋଡିଷ୍ଟ ମଣ୍ଡଳୀକୁ ଆସିଲେ, ମେଥୋଡିଷ୍ଟ ଏହାକୁ ନେଇ ବାପ୍‌ଟିଷ୍ଟଙ୍କ ନିକଟକୁ ଆଣିଲେ, ବାପ୍‌ଟିଷ୍ଟ ଏହାକୁ

ଆଗକୁ ନେଇ ଆସିଲେ, ଆଉ ଏହା ଏବେ ମଧ୍ୟ ଏକ ଭଣ୍ଡ ଶିକ୍ଷା ଅଟେ! ଆଉ ବାଇବଲକୁ ଫେରି ଆସି ଆପଣଙ୍କୁ ଏହା ପ୍ରମାଣ କରିପାରିବା ଯେ ବାଇବଲ ତାହା କହିଅଛି "ତୁମର ଏକ ନାମ ଅଛି ଯାହା ଦ୍ଵାରା ତୁମେ ବଞ୍ଚିଥାଅ, କିନ୍ତୁ ତୁମେ ମୃତ ଅଟ।" ତାହା ଅବିକଳ ଠିକ୍ ଅଟେ। ଏବଂ ସେମାନଙ୍କର ଥିଲା...

46 ମୁଁ ପ୍ରମାଣ କରିପାରେ ଯେ ବାଇବଲ ଏହି ବିଷୟ ଶିକ୍ଷା ଦିଏ ଯେ ସେମାନେ ଅନ୍ଧକାର ଯୁଗ ପର୍ଯ୍ୟନ୍ତ ତାହାଙ୍କର ନାମକୁ ବାପ୍ତିସ୍ମରେ ବ୍ୟବହାର କରିବେ, ମଣ୍ଡଳୀ ଯୁଗର—ର... ସେହି—ସେହି ଚତୁର୍ଥ ଯୁଗ, ପର୍ଗମ ମଣ୍ଡଳୀ ଯୁଗ ଅନୁଯାୟୀ। ଆହୁରି ସେ କହିଥିଲେ, ସେହି ପନ୍ଦର ଶହ ବର୍ଷର ଅନ୍ଧକାର ଯୁଗ ମଧ୍ୟରେ, ରେ, ପ୍ରତ୍ୟେକ ଜଣ, କହିଥିଲେ, "ତୁମ ପାଖରେ ଅଳ୍ପ ଟିକିଏ ପ୍ରକାଶ ଅବଶିଷ୍ଟ ଅଛି, କାରଣ ତୁମେ ମୋ ନାମକୁ ଅସ୍ଵୀକାର କରି ନାହଁ।"

47 ଯେତେବେଳେ ଏହା ସେଠାରେ ସେହି ଅନ୍ୟ ଯୁଗ, କ୍ୟାଥୋଲିକ୍ ଯୁଗ ବିଷୟରେ କଥା ଆସେ, ସେ କହିଥିଲେ, "ତୁମର ଏକ ନାମ ଅଛି ଯାହା ଦ୍ଵାରା ତୁମେ 'ବଞ୍ଚିଥାଅ,' କିନ୍ତୁ ତୁମେ ମୃତ ଅଟ! ଏବଂ ତୁମେ ମୋର ନାମକୁ ଅସ୍ଵୀକାର କରିଅଛ।" ଆପଣ ସେଠାରେ ଅଛନ୍ତି। ବୁଝିଲେ? ଏହା କେବଳ ସବୁକିଛିକୁ, ସେହି ସମଗ୍ର ବାଇବଲକୁ ଗୋଟିଏ ବଡ ସୁନ୍ଦର ଚିତ୍ର ଭାବରେ ଏକତ୍ର ବାନ୍ଧିଥାଏ।

48 ତେବେ ଏହାକୁ ଧ୍ୟାନ ଦିଅନ୍ତୁ:

> ...*ଚାରି ବାୟୁକୁ ଅଟକାଇ ଧରିଅଛନ୍ତି*...
>
> *ପୁଣି ମୁଁ ଆଉ ଜଣେ ଦୂତଙ୍କୁ ସ୍ଵର୍ଗରୁ ଉଠି ଆସିବାର ଦେଖିଲି, ତାହାଙ୍କ ହସ୍ତରେ ଜୀବିତ ପରମେଶ୍ଵରଙ୍କ ମୁଦ୍ରା ଥିଲା:*...(ସେହି ମୁଦ୍ରା)

49 ବର୍ତ୍ତମାନ, ଜୀବିତ ପରମେଶ୍ଵରଙ୍କ ମୁଦ୍ରା କଅଣ ଅଟେ? ତେବେ, ଆପଣ ଆଡଭେଣ୍ଟ ଭାଇମାନେ କହିବାକୁ ଯାଉଛନ୍ତି, "ବିଶ୍ରାମବାର ପାଳନ କର।" ମୁଁ ଚାହେଁ ଯେ ଆପଣ ମୋତେ ତାହା ଶାସ୍ତ୍ରରେ ଦେଖାନ୍ତୁ। ଏହା ସେଠାରେ ନାହିଁ। ଗୋଟିଏ ସ୍ଥାନରେ ବି ତାହା ନାହିଁ...ଯେ ତାହା ହେଉଛି—ହେଉଛି ସେହି ମୁଦ୍ରା...

50 ଯଦି ଆପଣ ଏଫିସୀୟ 4:30 ପାଠ କରିବେ, ଠିକ୍ ଶୀଘ୍ର, ଆପଣ ପାଇଯିବେ ଯେ ଜୀବିତ ପରମେଶ୍ଵରଙ୍କ ମୁଦ୍ରା କଅଣ ଅଟେ। ଏଫିସୀୟ 4:30 କୁହେ, "ପରମେଶ୍ଵରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ଵାରା ତୁମ୍ଭେମାନେ ମୁକ୍ତି ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ ତାହାଙ୍କୁ ଦୁଃଖ ଦିଅ ନାହିଁ।" ପରବର୍ତ୍ତୀ ଉଦ୍ଦୀପନା ପର୍ଯ୍ୟନ୍ତ ନୁହେଁ, କିନ୍ତୁ ଅନନ୍ତ ସୁରକ୍ଷା ପାଇଅଛ (ଉ-ହୁ)। "ପରମେଶ୍ଵରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ଵାରା ତୁମ୍ଭେମାନେ ମୁକ୍ତି ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ ତାହାଙ୍କୁ ଦୁଃଖ ଦିଅ ନାହିଁ।" ଦେଖନ୍ତୁ ଯେ ଏଫିସୀୟ 4:30 ତାହା କୁହେ କି ନାହିଁ, ତାହାପରେ ନିଜର ପୃଷ୍ଠାର ସୀମାନ୍ତ ପାଠ୍ୟଗୁଡିକୁ ନିଅନ୍ତୁ ଏବଂ ଏହାକୁ ସେଠାରେ ବାକି ଶାସ୍ତ୍ର ସହିତ ମିଶାଇ ଦେଖନ୍ତୁ, ଏବଂ ଖୋଜି ବାହାର କରନ୍ତୁ। ତେବେ, "ତୁମ୍ଭେମାନେ ମୁକ୍ତି ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ। ଜୀବିତ ପରମେଶ୍ଵରଙ୍କ ମୁଦ୍ରା ଧାରଣ କରିଅଛ।"

51 ତେବେ, ମନେରଖନ୍ତୁ, ପବିତ୍ରଆତ୍ମାଙ୍କୁ ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଭାବରେ ଶିକ୍ଷା ଦିଆଯାଇ ନ ଥିଲା । ଆମେ ଏବେ ହେଁ ଆମର—ଆମର ସୁବର୍ଣ୍ଣ ଜୟନ୍ତୀ ପାଳନ କଲୁ, ଚାଳିଶ ବର୍ଷ, କିମ୍ବା ଜୟନ୍ତୀର ଚାଳିଶତମ ବର୍ଷ ।

> *...ପୃଥିବୀ ଓ ସମୁଦ୍ରର କ୍ଷତି କରିବା ନିମନ୍ତେ କ୍ଷମତା ପ୍ରାପ୍ତ, ସେହି ଚାରି ଦୂତଙ୍କୁ ସେ ଉଚ୍ଚ ସ୍ୱରରେ ଡାକି କହିଲେ,*
>
> *ଆମ୍ଭେମାନେ ଆପଣାମାନଙ୍କ ପରମେଶ୍ୱରଙ୍କ ଦାସମାନଙ୍କ କପାଳରେ* ମୁଦ୍ରାଙ୍କ ନ ଦେବା ପର୍ଯ୍ୟନ୍ତ, ତୁମ୍ଭେମାନେ *ପୃଥିବୀ କିଅବା ସମୁଦ୍ର କିଅବା ବୃକ୍ଷସମୂହର କ୍ଷତି କର ନାହିଁ...* (ବର୍ତ୍ତମାନ ଆପଣ ନିଜର ପ୍ରଶ୍ନ ପାଖକୁ ଆସୁଅଛନ୍ତି, *"ପିଲାମାନେ,"* ଦେଖନ୍ତୁ)*...ଆପଣାମାନଙ୍କ ପରମେଶ୍ୱରଙ୍କ ଦାସମାନଙ୍କ କପାଳରେ ମୁଦ୍ରାଙ୍କ ନ* ଦେବା ପର୍ଯ୍ୟନ୍ତ । (ଆଘାତ କର ନାହିଁ, ପୃଥିବୀକୁ ନଷ୍ଟ କର ନାହିଁ, ପରମାଣୁ ବୋମା ବିସ୍ଫୋଟ କରିବାକୁ ଦିଅ ନାହିଁ, ଏକ ସମ୍ପୂର୍ଣ୍ଣ ବିଷୟ ହୋଇ ନାହିଁ ଯେପର୍ଯ୍ୟନ୍ତକି ଆମ୍ଭମାନଙ୍କର ପରମେଶ୍ୱରଙ୍କ *ଦାସମାନଙ୍କର* ମୁଦ୍ରାଙ୍କନ ନ ହୋଇଯାଇଅଛି)

52 ବର୍ତ୍ତମାନ, ଯଦି ଆମେ ତାହାକୁ ପଛକୁ ନେଇପାରିବା ଓ ସେଠାରେ ଦେଖିପାରିବା, ଯେ କିପରି ତାହା—ତାହା ଏପରିକି *ଦି ଡିକ୍ଲାଇନ୍ ଅଫ୍ ୱାର୍ଲ୍ଡ ୱାର ଅର୍ଥାତ ଦ୍ୱିତୀୟ ବିଶ୍ୱଯୁଦ୍ଧର ହ୍ରାସ*, ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଉପଲବ୍ଧ ଅଛି, ଯେତେବେଳେ ଜେନେରାଲ୍ ଆଲେନ୍‌ବାୟ ଯୁଦ୍ଧ କରୁ କରୁ ଯିରୁଶାଲମର ସୀମା ପର୍ଯ୍ୟନ୍ତ ଆସି ଯାଇଥିଲେ, ଏବଂ ସେ ତୁରନ୍ତ ଇଂଲଣ୍ଡର ରାଜାଙ୍କ ନିକଟକୁ ଖବର ପଠାଇଲେ, ଓ କହିଲେ, "ମୁଁ ଏହି ସହରର ପବିତ୍ରତା ଯୋଗୁଁ, ତାହା ଉପରେ ଗୁଳି ଚଳାଇବାକୁ ଚାହେଁ ନାହିଁ ।" ସେ ପଚାରିଲେ, "ମୁଁ କଅଣ କରିବି?"

53 ସେ କହିଲେ, "ପ୍ରାର୍ଥନା କର ।"

54 ଏବଂ ସେ ପୁନର୍ବାର ତାହା ଉପରେ ଉଡ଼ିକରି ଗଲେ, ଆଉ ଯେତେବେଳେ ସେମାନେ ତାହା କଲେ, ସେମାନେ କହିଲେ, "ଆଲେନ୍‌ବାୟ ଆସୁଅଛନ୍ତି ।" ଏବଂ ସେଠାରେ ମୁସଲମାନମାନେ ଥିଲେ, ଭାବିଲେ ଯେ ସେ କହିଥିଲେ, "ଆଲ୍ଲା ଆସୁଛନ୍ତି ।" ଏବଂ ସେମାନେ ଧଳା ପତାକା ଉତ୍ତୋଳନ କରି ଆତ୍ମସମର୍ପଣ କଲେ ଆଉ ଆଲେନ୍‌ବାୟ ଯିରୁଶାଲମ ମଧ୍ୟକୁ ପ୍ରବେଶ କଲେ ଏବଂ ବିନା ଗୋଟିଏ ଗୁଳି ଚଳାଇ ଏହାକୁ ଅଧିକାର କରିନେଲେ, ଯାହାକି ଭବିଷ୍ୟତ୍‌ବାଣୀ ଅନୁଯାୟୀ ଥିଲା, ତାହା ଠିକ୍ ଅଟେ, ଏବଂ ଏହାକୁ ଯିହୁଦୀମାନଙ୍କୁ ଫେରାଇ ଦେଲେ ।

55 ତାହାପରେ ସେମାନେ ଏକ ହିଟଲରକୁ ଉଠାଇଲେ ଯେପରିକି ଯିହୁଦୀମାନଙ୍କୁ, ଏବଂ ସମଗ୍ର ବିଶ୍ୱରେ ନିର୍ଯ୍ୟାତନା ଦିଆଯାଏ, ଏବଂ ସେମାନଙ୍କୁ ସେହି ସ୍ଥାନକୁ ଫେରାଇଅଣାଯାଏ ।

56 ଏବଂ ବାଇବଲ କୁହେ ଯେ ସେ "ସେମାନଙ୍କୁ ଏକ ଉତ୍କ୍ରୋଶ ପକ୍ଷୀର ଡେଣା ଉପରେ ଫେରାଇ ଆଣିବେ ।" ଏବଂ ଯେତେବେଳେ ସେମାନେ ଫେରି ଆସିବାକୁ ଆରମ୍ଭ କଲେ...

ସେହି *ଲାଇଫ୍* ପତ୍ରିକା ଓ ସେମାନେ ଏହାକୁ କିଛି ସପ୍ତାହ ପୂର୍ବରୁ ପ୍ରକାଶିତ କରିଥିଲେ, ଯେଉଁଠାରେ ସେମାନେ ହଜାର ହଜାର ସଂଖ୍ୟାରେ, ଲୋକମାନଙ୍କୁ ଯିରୁଶାଲମକୁ ଫେରାଇ ଆଣିଥିଲେ, ପୁଣି ସେମାନେ ସେହି ବୃଦ୍ଧ ବୃଦ୍ଧାମାନଙ୍କୁ ନିଜ ପିଠିରେ ଲଦି ନେଇ ଆସିଥିଲେ। ସେମାନଙ୍କର ସାକ୍ଷାତକାର ନିଆଯାଇଥିଲା। ମୋ ପାଖରେ ଏହା ରିଲ୍ ଫଟୋ ଏବଂ ଚିତ୍ରରେ ରଖା ହୋଇଛି। ଏବଂ ସେ କହିଲେ...ସେଠାରେ ଦାଉଦଙ୍କର ସେହି ଚାରି-ତାରକା ବିଶିଷ୍ଟ ପତାକା ଝୁଲି ରହିଅଛି; ବିଶ୍ୱର ସବୁଠୁଁ ପୁରାତନ ପତାକା, ପ୍ରଥମ ଥର ପାଇଁ ଏହା ଦୁଇ ହଜାର ବର୍ଷରେ ଉଡ଼ିଲା।

57 ଯୀଶୁ କହିଥିଲେ, "ଡିମ୍ବିରି ଗଛ ଯେତେବେଳେ ଏହାର ନୂତନ ପଲ୍ଲବ ଦିଏ, ଏହି ପୀଢୀ ଅତିକ୍ରମ କରିବ ନାହିଁ।"

58 ଆଉ ଏଠାରେ ସେମାନେ ପୁରାତନ ଲୋକମାନଙ୍କୁ ନେଇ ଆସିଥିଲେ, ଏବଂ କହିଥିଲେ, "କଅଣ? ଆପଣମାନେ ମରିବା ପାଇଁ ମାତୃଭୂମିକୁ ଫେରି ଆସୁଛନ୍ତି କି?"

59 କହିଲେ, "ନା, ଆମେ ମଶୀହଙ୍କୁ ଦେଖିବା ପାଇଁ ଆସିଅଛୁ।"

60 ଏବଂ, ଭାଇ, ମୁଁ ଆପଣଙ୍କୁ କହୁଛି, ଆମେ ଦ୍ୱାରରେ ଅଛୁ! ସେଠାରେ ଦାସମାନେ ଅଛନ୍ତି, ସେମାନେ ଯେଉଁମାନେକି ତଳେ ଅପେକ୍ଷା କରି ରହିଛନ୍ତି। ଯିହୁଦୀମାନଙ୍କର ଏହି ସମୂହ ନୁହେଁ ଯିଏକି ଯଦି ପାରିବେ ଆପଣଙ୍କଠାରୁ ଆପଣଙ୍କର ନକଲି ଦାନ୍ତକୁ ମଧ୍ୟ ଠକି କରି ନେଇଯିବେ, ତାହା ସେହି ଯିହୁଦୀ ନୁହେଁ ଯାହା ବିଷୟରେ ସେ କହୁଛନ୍ତି। କିନ୍ତୁ ଏହା ତ ସେହି ତଳେ ଥିବା ସମୂହ ଅଟେ ଯେଉଁମାନେକି ସେହି—ସେହି ବ୍ୟବସ୍ଥାଗୁଡିକୁ ଓ ସେହି ବିଷୟଗୁଡ଼ିକୁ ପାଳନ କରିଥିଲେ, ଏବଂ ଏହା କଦାପି ସୁଦ୍ଧା ଜାଣି ନ ଥିଲେ ଯେ ସେଠାରେ ଜଣେ ଖ୍ରୀଷ୍ଟ ଅଛନ୍ତି।

61 ଏବଂ ଭାଇ...ଷ୍ଟକହୋମରେ, ଭାଇ ପେଟ୍ରସ୍, ସେମାନଙ୍କୁ ଦଶ ଲକ୍ଷ ନୂତନ ନିୟମଗୁଡିକୁ ପଠାଇଥିଲେ, ଏବଂ ଯେତେବେଳେ ସେମାନେ ତାହା ପାଇଲେ ସେମାନେ ତାହା ପାଠ କରିଥିଲେ। ସେମାନେ କହିଲେ, "ତେବେ, ଯଦି ଏହା ମଶୀହ ଅଟନ୍ତି, ତାହାହେଲେ ଆସନ୍ତୁ ଆମେ ତାହାଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ଚିହ୍ନ କରୁଥିବାର ଦେଖିବା, ଆଉ ଆମେ ତାହାଙ୍କୁ ବିଶ୍ୱାସ କରିବା।"

62 ତାହା ମୋ ସେବାକାର୍ଯ୍ୟ ପାଇଁ କି ଏକ ସୁବ୍ୟବସ୍ଥା ଅଟେ! ମୁଁ ଯିରୁଶାଲମ ଭିତରକୁ ଯିବା ପାଇଁ, ତାହାର ଫାଟକର ଦୁଇ ଘଣ୍ଟା ମଧ୍ୟରେ ରହିଥିଲି, ଆଉ ମୁଁ ମିସରର, କାହିରାଠାରେ ଥିଲି। ଏବଂ ମୁଁ ସେଠାରେ ଚାଲି ଚାଲି ଯାଉଥିଲି, ଆଉ ପବିତ୍ରଆତ୍ମା କହିଲେ, "ବର୍ତ୍ତମାନ ଯାଅ ନାହିଁ।"

63 ମୁଁ ଭାବିଲି, "ତାହା ମୋର କଳ୍ପନା ମାତ୍ର ଅଟେ। ମୋର ଟିକେଟ୍ କ୍ରୟ ହୋଇସାରିଛି, ମୁଁ ମୋ ମାର୍ଗରେ ଅଛି। ସେହି ବ୍ୟକ୍ତି ଜଣକ ମୋତେ ସାକ୍ଷାତ କରିବା ପାଇଁ, ସମଗ୍ର ଗୋଷ୍ଠୀ, ବିଦ୍ୟାଳୟମାନ ଏବଂ ପ୍ରଭୃତି ସେଠାରେ ଅଛନ୍ତି।"

64 ମୁଁ ଟିକିଏ ଆଗକୁ ଚାଲିକରି ଗଲି, ଏବଂ ଆତ୍ମା କହିଲେ, "ଯାଅ ନାହିଁ! ତୁମେ ଯାଅ ନାହିଁ।"

65 ମୁଁ ଟିକେଟ୍ ବିକ୍ରେତା ନିକଟକୁ ଫେରିଗଲି, ମୁଁ କହିଲି, "ମୁଁ ଏହି ଟିକେଟ୍ ବାତିଲ୍ କରେ। ମୁଁ ଗ୍ରୀସ୍‌ର, ଏଥେନ୍‌ସ ସହର, ମାର୍ସ୍ ହିଲକୁ ଯିବାକୁ ଚାହେଁ।

66 ଆଉ ସେ କହିଲେ, "ତେବେ, ମହାଶୟ, ଯିରୁଶାଲମ ନିମନ୍ତେ ଆପଣଙ୍କର ଟିକେଟ୍ ଗୁଡିକ।"

67 ମୁଁ କହିଲି, "ମୁଁ ଯିରୁଶାଲମ ଯିବା ପରିବର୍ତ୍ତେ ଏଥେନ୍‌ସକୁ ଯିବାକୁ ଚାହୁଁଛି।" ପବିତ୍ରଆତ୍ମା ଅପେକ୍ଷା କରୁଥିଲେ, ସେହି ଘଟିକା ସେପର୍ଯ୍ୟନ୍ତ ଆସି ନ ଥିଲା। ଏହା ଠିକ୍ କେବଳ ଠିକ୍ ହିଁ ନ ଥିଲା।

68 ଧ୍ୟାନ ଦିଅନ୍ତୁ:

> ...*ଆମ୍ଭମାନଙ୍କ ପରମେଶ୍ୱରଙ୍କ ଦାସମାନଙ୍କ କପାଳରେ ମୁଦ୍ରାଙ୍କ ନ* ଦେବା ପର୍ଯ୍ୟନ୍ତ,
>
> *ଆମ୍ଭେମାନେ ଆପଣାମାନଙ୍କ ପରମେଶ୍ୱରଙ୍କ ଦାସମାନଙ୍କ କପାଳରେ ମୁଦ୍ରାଙ୍କ*...ନ ଦେବା ପର୍ଯ୍ୟନ୍ତ,...*ତୁମ୍ଭେମାନେ ପୃଥିବୀ, କିଅବା ସମୁଦ୍ର କିଅବା ବୃକ୍ଷସମୂହର କ୍ଷତି କର ନାହିଁ।* (କେହିହେଲେ ଏହା ଜାଣନ୍ତି ଯେ ତାହା ହେଉଛି ପବିତ୍ରଆତ୍ମାଙ୍କର ମୁଦ୍ରାଙ୍କ; ଧ୍ୟାନ ଦିଅନ୍ତୁ)
>
> *ତତ୍ପରେ ମୁଦ୍ରାଙ୍କିତ ଲୋକମାନଙ୍କର ସଂଖ୍ୟା ମୁଁ ଶୁଣିଲି:*...(ବର୍ତ୍ତମାନ, ଯଦି ସେମାନେ ଯିହୁଦୀ ନୁହଁନ୍ତି, ଏହାକୁ ଦେଖନ୍ତୁ) ...*ଇସ୍ରାଏଲ ସନ୍ତାନମାନଙ୍କ* ସମଗ୍ର *ବଂଶ* ମଧ୍ୟରୁ *ଏକ ଲକ୍ଷ* ଚଉରା-ଳିଶ *ସହସ୍ର ଲୋକ ମୁଦ୍ରାଙ୍କିତ ହେଲେ।* (ସେମାନଙ୍କ ମଧ୍ୟରେ କେହି ଜଣେ ବିଜାତି ନୁହଁନ୍ତି। ତାହା ଶେଷ ସମୟରେ ଅଟେ)

69 ଧ୍ୟାନ ଦିଅନ୍ତୁ! ଯିହୂଦା ବଂଶ, ଦ୍ୱାଦଶ ସହସ୍ର; ରୁବେନ୍ ବଂଶ, ଦ୍ୱାଦଶ ସହସ୍ର; ଏବଂ ତଳକୁ, ଗାଦ୍, ଦ୍ୱାଦଶ ସହସ୍ର; ନପ୍‌ତାଲି, ଏବଂ—ଏବଂ—ଏବଂ ତଳକୁ ସମଗ୍ର ଆଶେର ପର୍ଯ୍ୟନ୍ତ, ଏବଂ—ଏବଂ ସବୁଲୂନ୍, ଏବଂ ଇସ୍ରାଏଲର ସମସ୍ତ ଏହି ବାରଟି ବଂଶ। ଏବଂ ବାର ଗୁଣନ ବାର କଅଣ ଅଟେ? ଏକ ଲକ୍ଷ ଚଉରା-ଳିଶ ସହସ୍ର। ସେଠାରେ ସେହି ଏକ ଲକ୍ଷ ଚଉରା-ଳିଶ ସହସ୍ର, ଯିହୁଦୀମାନେ ଅଛନ୍ତି! ବିଜାତିମାନେ ନୁହଁନ୍ତି, ଯିହୂଦୀମାନେ! କନ୍ୟା ସହିତ ତାହାର କୌଣସି କିଛି କରିବାର ନାହିଁ। ତେଣୁ ଯିହୋବା ୱିଟନେସ୍ ସେମାନଙ୍କର ଶିକ୍ଷା ଉପରେ ଭୁଲ୍ ଅଟନ୍ତି। ବାଇବଲ ସ୍ପଷ୍ଟ ଭାବରେ କୁହେ ଯେ ସେମାନେ "ଯିହୁଦୀମାନେ" ଅଟନ୍ତି, ବିଜାତିମାନେ ନୁହଁନ୍ତି। ସେମାନେ ପରମେଶ୍ୱରଙ୍କ ଦାସମାନେ ଅଟନ୍ତି, ଆଉ ବିଜାତିକୁ କେବେବି ଏକ ଦାସ ଭାବରେ ବିବେଚିତ କରାଯାଇ ନ ଥିଲା। ଆମେମାନେ ପୁତ୍ର ଓ ପୁତ୍ରୀଗଣ ଅଟୁ, ଦାସ ନୋହୁଁ।

70 ତେବେ ଏହାର ବାକି ଅଂଶ ପାଠ କରନ୍ତୁ । ଯେପରିକି ତରଭୁଜ ଖାଉଥିବା ବ୍ୟକ୍ତିଜଣକ, କହିଥିଲେ, "ତାହା ଭଲ ଅଟେ, ମାତ୍ର ଆସନ୍ତୁ ଆମେ ଏହାର ଆହୁରି କିଛି ଖାଇବା ।" ଠିକ ଅଛି, ପରମେଶ୍ୱରଙ୍କ ପାଖରେ ତାହା ଏଠାରେ ପ୍ରଚୁର ପରିମାଣରେ ଅଛି । ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ । ତେବେ, ବର୍ତ୍ତମାନ ଆମେ ୫ମ ପଦରେ ଅଛୁ:

> *ଏବଂ ସବୂଲୂନ୍ ବଂଶରୁ... ଦ୍ୱାଦଶ ସହସ୍ର ମୁଦ୍ରାଙ୍କିତ ହେଲେ । ଏବଂ ଯୋସେଫ ବଂଶରୁ ଦ୍ୱାଦଶ ସହସ୍ର ମୁଦ୍ରାଙ୍କିତ ହେଲେ । ବିନ୍ୟାମୀନ ବଂଶରୁ ଦ୍ୱାଦଶ ସହସ୍ର ମୁଦ୍ରାଙ୍କିତ ହେଲେ ।*

71 ଦେଖନ୍ତୁ, ଯୋହନ, ଜଣେ ଯିହୂଦୀ ହୋଇଥିବା ହେତୁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କୁ ଚିହ୍ନିଲେ, ଇସ୍ରାଏଲର ବାର ବଂଶକୁ ଦେଖିଲେ; ପ୍ରତ୍ୟେକ ବଂଶରୁ ବାର ହଜାର, ବାର ଗୁଣନ ବାର ଏକ ଲକ୍ଷ ଚଉରା-ଳିଶ ସହସ୍ର ହୋଇଥିଲା । ସେଠାରେ ସେମାନେ ଅଛନ୍ତି, ମଣ୍ଡଳୀ ନୁହେଁ, ଯିହୁଦୀମାନେ । ବାଇବଲ ଏଠାରେ କୁହେ, ସେମାନେ ସମସ୍ତେ "ଇସ୍ରାଏଲ ସନ୍ତାନଗଣ" ଥିଲେ, ପ୍ରତ୍ୟେକ ବଂଶ ନାମିତ ହୋଇଥିଲା ।

72 ବର୍ତ୍ତମାନ ୨ମ ପଦ, ଧ୍ୟାନ ଦିଅନ୍ତୁ:

> *ଏହା ପରେ* (ବର୍ତ୍ତମାନ ଏଠାରେ କନ୍ୟା ଆସେ)...
>
> *ଏହା ପରେ ମୁଁ ଦୃଷ୍ଟିପାତ କଲି,... ଦେଖ, ଅଗଣ୍ୟ, ଏକ ମହା ଜନତା,...*

73 ସେଠାରେ ଆପଣଙ୍କର ମନ୍ଦିର ନପୁଂସକମାନେ ଅଛନ୍ତି, ସେମାନେ ମାତ୍ର ଏକ ଲକ୍ଷ ଚଉରା-ଳିଶ ସହସ୍ର, କେବଳ ଏକ ଛୋଟ ସ୍ଥାନ ମାତ୍ର, କେବଳ ଅଳ୍ପ ମନ୍ଦିର ରକ୍ଷକଗଣ ଯାହାକି କନ୍ୟା ସହିତ ରହିବାକୁ ଯାଉଛନ୍ତି; କେବଳ ତାଙ୍କର—କେବଳ ତାଙ୍କର ସୁରକ୍ଷା ନିମନ୍ତେ । ତାହା ହେଉଛି ଏକ ଲକ୍ଷ ଚଉରା-ଳିଶ ସହସ୍ର, କନ୍ୟାର ସୁରକ୍ଷା ନିମନ୍ତେ; ମନ୍ଦିର ନପୁଂସକଗଣ ।

74 ଧ୍ୟାନ ଦିଅନ୍ତୁ! ଅବଶ୍ୟ, ମୁଁ ଜାଣେ ଯେ ଆପଣ ଏଠାରେ 14ତମକୁ ଫେରି ଯାଆନ୍ତି, ଏବଂ କୁହନ୍ତି, "କାହିଁକି, ସେମାନେ ତ କନ୍ୟା ସହିତରେ ଅଛନ୍ତି ଯେଉଁଠାକୁ ବି ସେମାନେ..." ଅବିକଳ ଭାବରେ! ନପୁଂସକମାନେ ରାଣୀଙ୍କ ସହିତ ଯାତ୍ରା କରନ୍ତି ସେ ଯେଉଁଆଡ଼କୁ ବି ଯାଆନ୍ତି । ପ୍ରକୃତରେ! ମାତ୍ର ସେମାନେ କଅଣ ଥିଲେ? ସେମାନେ ଆଉ କିଛି ନୁହଁ ବରଂ ସୁରକ୍ଷା ନିମନ୍ତେ ଥିଲେ, ଏବଂ ଠିକ୍ ତାହାହିଁ ଅଟେ ଯାହାକି ସେ ଅଟେ ବୋଲି ଶାସ୍ତ୍ର ତାହାକୁ ଏଠାରେ ଘୋଷଣା କରେ ।

75 ଧ୍ୟାନ ଦିଅନ୍ତୁ:

> ଏହା *ପରେ... ଆଉ, ଦେଖ, ଅଗଣ୍ୟ, ଏକ ମହା ଜନତା, ସର୍ବଜାତୀୟ,... ଗୋଷ୍ଠୀୟ,... ବଂଶୀୟ, ଓ* ସର୍ବଭାଷାବାଦୀ,... (ସେଠାରେ ଆପଣଙ୍କର ବିଜାତି କନ୍ୟା ଆସୁଅଛି, ଠିକ୍ ଅଛି) ...ଏମାନେ *ସବୁ... ମେଷଶାବକଙ୍କ ସମ୍ମୁଖରେ*

*ଦଣ୍ଡାୟମାନ ହୋଇଅଛନ୍ତି,* (ସେଠାରେ ସେମାନଙ୍କର ତ୍ରାଣକର୍ତ୍ତା, ମେଷଶାବକ, ବ୍ୟବସ୍ଥା ନୁହେଁ; ମେଷଶାବକ, ଅନୁଗ୍ରହ) ...*ଶୁକ୍ଳ ବସ୍ତ୍ର ପରିହିତ ହୋଇ,*...(କିଛି ମିନିଟ୍ ମଧ୍ୟରେ, ଧ୍ୟାନ ଦିଅନ୍ତୁ, ଦେଖନ୍ତୁ ଯେ ସେହି ଶୁକ୍ଳ ବସ୍ତ୍ର ସାଧୁଙ୍କ ଧାର୍ମିକତା ନୁହେଁ କି)...*ଓ ଖଜୁରିବାହୁଙ୍ଗା ହସ୍ତରେ ଧରି;*

*ଏବଂ ସେମାନେ ଉଚ୍ଚ ସ୍ୱରରେ କହୁଅଛନ୍ତି,*...(ଯଦି ଏହା ଏକ ପେଣ୍ଟିକଷ୍ଟାଲ୍ ଉଦ୍ଦୀପନା ନୁହେଁ କି, ତେବେ ମୁଁ କେବେବି ଗୋଟିଏ ଶୁଣି ନାହିଁ)...*କହୁଅଛନ୍ତି, ପରିତ୍ରାଣ ସିଂହାସନୋପବିଷ୍ଟ ଆମ୍ଭମାନଙ୍କ ପରମେଶ୍ୱରଙ୍କ ଓ ମେଷଶାବକଙ୍କର କାର୍ଯ୍ୟ ।*

*ପୁଣି ସମସ୍ତ ଦୂତ ସିଂହାସନ, ପ୍ରାଚୀନବର୍ଗ ଏବଂ ଚାରି ପ୍ରାଣୀଙ୍କ ଚତୁର୍ଦ୍ଦିଗରେ ଉଭା ହୋଇଅଛନ୍ତି,...ଉବୁଡ ହୋଇପଡ଼ି... ସିଂହାସନ ସମ୍ମୁଖରେ ଉବୁଡ ହୋଇପଡ଼ି, ପରମେଶ୍ୱରଙ୍କୁ ପ୍ରନାମ୍ କରି କହୁଅଛନ୍ତି,*

*କହୁଅଛନ୍ତି, ଆମେନ୍: ପ୍ରଶଂସା,...ଗୌରବ,...ଜ୍ଞାନ,...ଧନ୍ୟବାଦ,... ସମ୍ଭ୍ରମ,...*ପରାକ୍ରମ, ଶକ୍ତି, *ଯୁଗେ ଯୁଗେ ଆମ୍ଭମାନଙ୍କ ପରମେଶ୍ୱରଙ୍କର: ଆମେନ୍ ।*

76 ଏହା ଏକ କ୍ୟାମ୍ପ ସଭାର ସମୟ ଭଳି ଲାଗୁଛି, କଅଣ ନୁହେଁ କି? ହେବାକୁ ଯାଉଥିଲେ! ତାହା କିଏ ଥିଲେ? ଏକ ଲକ୍ଷ ଚଉରା-ଳିଶ ସହସ୍ର? ଆଦୌ ନୁହଁ! ଏହି ଅଗଣ୍ୟ ମହା ଜନତା... ସର୍ବଗୋଷ୍ଠୀୟ, ସର୍ବଭାଷାବାଦୀ, ଏବଂ ସର୍ବଜାତୀୟ । ମୋର ପ୍ରିୟ ବନ୍ଧୁ, କଅଣ ଆପଣ ଦେଖିପାରୁ ନାହାଁନ୍ତି କି?

77 ତେବେ ଧ୍ୟାନ ଦିଅନ୍ତୁ, ଏହାକୁ କେବଳ ପାଠ କରନ୍ତୁ । ବର୍ତ୍ତମାନ:

*ପୁଣି ପ୍ରାଚୀନମାନଙ୍କ ମଧ୍ୟରୁ ଜଣେ ମୋତେ ପଚାରିଲେ, କହିଲେ, ଏଗୁଡ଼ିକ କଅଣ ଏବଂ...ଶୁକ୍ଳ ବସ୍ତ୍ର ପରିହିତ ଏହି ଲୋକମାନେ କିଏ? ଓ ସେମାନେ* କେଉଁଠାରୁ *ଆସିଅଛନ୍ତି?*

78 ପ୍ରାଚୀନ ଯୋହନଙ୍କୁ କହିଲେ, ଯିଏକି ଜଣେ ଯିହୂଦୀ ଥିଲେ ଯିଏକି ଏକ ଲକ୍ଷ ଚଉରା-ଳିଶ ସହସ୍ର ଲୋକଙ୍କୁ ଚିହ୍ନିଥିଲେ, କହିଲେ, "ବର୍ତ୍ତମାନ, ତୁମେ ସେମାନଙ୍କୁ ଜାଣିଥିଲ, ସେମାନେ ସମସ୍ତେ ଯିହୁଦୀ ଅଟନ୍ତି । କିନ୍ତୁ ଏମାନେ କିଏ? ସେମାନେ କେଉଁଠାରୁ ଆସିଛନ୍ତି?" ଦେଖନ୍ତୁ ସେହି ପ୍ରାଚୀନ କଅଣ କହିଲେ? "ଜଣେ ପ୍ରାଚୀନ ଉତ୍ତର ଦେଲେ," (ତାହା ହେଉଛନ୍ତି ସିଂହାସନ ସମ୍ମୁଖସ୍ଥ ପ୍ରାଚୀନମାନେ) "ମୋତେ ଉତ୍ତର ଦେଇ, କହିଲେ, 'ଶୁକ୍ଳ ବସ୍ତ୍ର ପରିହିତ ଏମାନେ କଅଣ ଅଟନ୍ତି? ଏବଂ ସେମାନେ କେଉଁଠାରୁ ଆସିଛନ୍ତି? ବର୍ତ୍ତମାନ, ଆମେ ସମସ୍ତେ ଯିହୁଦୀମାନଙ୍କୁ ଏବଂ ସେମାନଙ୍କର ନିୟମ ଓ ଇତ୍ୟାଦି ସବୁ ଜାଣୁ, କିନ୍ତୁ ଏମାନେ କେବେ ଆସିଲେ?'" ତେବେ ଧ୍ୟାନ ଦିଅନ୍ତୁ:

*ମୁଁ ତାହାଙ୍କୁ କହିଲି, ହେ ମୋହର ପ୍ରଭୁ, ଆପଣ ହିଁ ତାହା ଜାଣନ୍ତି ।* ("ମୁଁ— ମୁଁ—ମୁଁ ଜାଣେ ନାହିଁ," ଯୋହନ କହିଲେ, "ଏହା ମୋର ଜ୍ଞାନ ବାହାରେ ଅଟେ । ମୁଁ ଜାଣେ ନାହିଁ ।") *ସେଥିରେ ସେ* ମୋତେ *କହିଲେ, ଏମାନେ ମହାକ୍ଲେଶରୁ ବାହାରି* ଆସିଅଛନ୍ତି, ("ପରୀକ୍ଷାମାନ ଏବଂ ଏହି ଅନେକ ବିପଦ ଆପଦ ଦେଇ, କଷ୍ଟ ଏବଂ ଫାନ୍ଦମନ ମଧ୍ୟ ଦେଇ, ମୁଁ ଆସିଅଛି ।" ବୁଝିଲେ?) ... ଏମାନେ *ମହାକ୍ଲେଶରୁ* ବାହାରି ଆସିଅଛନ୍ତି, *ଓ ଆପଣା ଆପଣା ବସ୍ତ୍ର ଧୋଇ...* (ମଣ୍ଡଳୀରେ? କଅଣ ଏହା ଠିକ୍ ଲାଗୁଛି କି?) *...ଓ ମେଷଶାବକଙ୍କ ରକ୍ତରେ ଆପଣା ଆପଣା ବସ୍ତ୍ର ଧୋଇ, ଶୁକ୍ଳବର୍ଣ୍ଣ କରିଅଛନ୍ତି ।*

...ସେମାନେ *ପରମେଶ୍ୱରଙ୍କ ସିଂହାସନ ସମ୍ମୁଖରେ ଥାଇ, ଦିବାରାତ୍ର ତାହାଙ୍କର ଉପାସନା କରନ୍ତି...* (ମୋ ଘରେ ମୋର ସେବା କିଏ କରେ? ମୋ ପତ୍ନୀ । କଅଣ ଏହା ଠିକ୍?)...ଏବଂ *ତାହାଙ୍କ ମନ୍ଦିରରେ:...* (ସେ ହିଁ ଅଟେ ଯିଏକି ମୋ ସହିତ ମୋର ଘରେ ଏବଂ ମୋର ଅର୍ଥନୀତିରେ ରୁହନ୍ତି, ସେ ହେଉଛନ୍ତି ମୋର ପତ୍ନୀ । ସେ ହିଁ ସେହି ଜଣକା ଯିଏକି ମୋ ସହିତ ବସନ୍ତି, ଏବଂ ମୋର ଲୁଗାଗୁଡିକୁ ଧୋଇ ଦିଅନ୍ତି, ଏବଂ ମୋ ପାଇଁ ସବୁ ଜିନିଷ ପ୍ରସ୍ତୁତ କରନ୍ତି) ...*ପୁଣି ସିଂହାସନୋପବିଷ୍ଟ ବ୍ୟକ୍ତି* ସେମାନଙ୍କର *ଆଶ୍ରୟସ୍ୱରୂପ ହେବେ ।* (ଓଃ, ମୋର ପ୍ରଭୁ, ଶୁଣନ୍ତୁ!)

ଏବଂ *ସେମାନଙ୍କର ଆଉ କେବେହେଁ କ୍ଷୁଧା...ହେବ ନାହିଁ,*(ଏପରି ମନେ ହୁଏ ଯେପରି ସେମାନେ ଆସୁଥିବାବେଳେ କେତେକ ଭୋଜନରୁ ବଞ୍ଚିତ ହୋଇଥିଲେ) ...*କି* ସେମାନଙ୍କର ଆଉ *ତୃଷା ହେବ ନାହିଁ;* ପୁଣି *ସୂର୍ଯ୍ୟ, କିଅବା କୌଣସି ଉତ୍ତାପ ସେମାନଙ୍କୁ ଆଘାତ* କରିବ *ନାହିଁ ।*

*କାରଣ ସିଂହାସନମଧ୍ୟସ୍ଥିତ ମେଷଶାବକ ସେମାନଙ୍କର ପାଳକ ହେବେ, ଓ ଜୀବନଦାୟକ ନିର୍ଝର ନିକଟକୁ ସେମାନଙ୍କୁ କଢାଇ* ନେବେ: *ପୁଣି ପରମେଶ୍ୱର ସେମାନଙ୍କ ଚକ୍ଷୁରୁ ସମସ୍ତ ଲୋତକ...ପୋଛି* ଦେବେ । (ସେଠାରେ ସେ ଅଛି, ସେଠାରେ ଆପଣଙ୍କର କନ୍ୟା ଅଛି)

79 ସେଠାରେ ଆପଣଙ୍କର ଏକ ଲକ୍ଷ ଚଉରା-ଳିଶ ସହସ୍ର ଅଛନ୍ତି, ଆପଣଙ୍କର ଦାସଗଣ ଅଛନ୍ତି । ତେଣୁ "ରାଜ୍ୟର ସନ୍ତାନମାନେ" ଏଠାରେ, ପ୍ରିୟ ବ୍ୟକ୍ତି ଯିଏକି ଏହି ପ୍ରଶ୍ନକୁ ପଚାରିଥିଲେ, ଏହା ଏକ...ଯିଏ ଏହି ଉଲ୍ଲେଖନୀୟ ପ୍ରଶ୍ନକୁ ପଚାରିଥିଲେ । ମୁଁ ଭାବୁଛି ମୁଁ ହୁଏତ ଏହାକୁ ଏଠାରେ ପଛରେ ଛାଡି ଦେଇଥିବି...କୌଣସି ସ୍ଥାନରେ, କିନ୍ତୁ "ଯେତେବେଳେ ସେମାନଙ୍କୁ ବାହାରେ ନିକ୍ଷେପ କରି ଦିଆଯିବ," ଏହାର ଅର୍ଥ ତାହା ନୁହେଁ ଯେ ସେମାନଙ୍କୁ ପରମେଶ୍ୱରଙ୍କ ମନରୁ ବାହାର କରି ଦିଆଯିବ । ସେମାନେ କେବଳ ଗୋଟିଏ ଋତୁ ପାଇଁ ଆତ୍ମିକ ଲାଭରୁ ବାଦ ପଡିଥାନ୍ତି । ଦେଖନ୍ତୁ, କେବଳ ଅଳ୍ପ ଏକ ଋତୁ ପାଇଁ ।

80 କାରଣ, ଯେତେବେଳେ ଭବିଷ୍ୟଦ୍‌ବକ୍ତା ଇସ୍ରାଏଲକୁ ଏହି ଦିନରେ ଆସୁଥିବାର ଦେଖିଲେ, ସେ କହିଥିଲେ, "ତେବେ, ଇସ୍ରାଏଲ କି ରହିବ ଯେତେବେଳେ ବିଶ୍ରାମବାରକୁ ନେଇ ନିଆଯିବ, ଏବଂ—ଏବଂ କଅଣ ସେମାନେ ବିଶ୍ରାମବାରରେ ସେହିପରି ଭାବରେ ବିକ୍ରୟ କରୁଥିବେ ଯେପରି ସେମାନେ ଅନ୍ୟ ଦିନରେ କରନ୍ତି, ଏବଂ ଏହି ସବୁ ବିଷୟମାନ ରହିଥିବ?" ସେ କହିଲେ, "ତେବେ, କଅଣ ତୁମେ—କଅଣ ତୁମେ କେବେ...କଅଣ ଇସ୍ରାଏଲକୁ ସମ୍ପୂର୍ଣ୍ଣ ଭାବେ ପାଶୋରି ଦିଆଯିବ କି?"

81 ସେ କହିଲେ, "ସ୍ୱର୍ଗକୁ ଏହା କେତେ ଉଚ୍ଚ ଅଟେ? ପୃଥିବୀ କେତେ ଗଭୀର ଅଟେ? ତୁମ ସମ୍ମୁଖରେ ଥିବା ସେହି ବାଡ଼ି ସାହାଯ୍ୟରେ ଏହାକୁ ମାପ।"

ସେ କହିଲେ, "ମୁଁ କରିପାରେ ନାହିଁ!"

82 ସେ କହିଲେ, "ମୁଁ ମଧ୍ୟ ଇସ୍ରାଏଲକୁ କେବେ ଭୁଲି ପାରିବି ନାହିଁ।" ନିଶ୍ଚିତରେ ନୁହେଁ! ଇସ୍ରାଏଲକୁ କେବେବି ଭୁଲି ପାରିବି ନାହିଁ।

83 ତେଣୁ, ଆପଣ ଦେଖନ୍ତୁ, *ଚିରକାଳ* ଏବଂ *ଅନନ୍ତ* ଦୁଇଟି ଭିନ୍ନ ବିଷୟ ଅଟେ। ଇସ୍ରାଏଲକୁ ବାହାର କରାଯାଇଥିଲା, କିନ୍ତୁ ପରମେଶ୍ୱରଙ୍କ ମନରୁ ନୁହେଁ। ଏବଂ ପାଉଲ ତାହାକୁ ଏଠାରେ କୁହନ୍ତି, ଯଦି ମୋର ଏକ ଥାଆନ୍ତା...ଅଧ୍ୟୟନ କରିବାକୁ ସମୟ ଥାଆନ୍ତା, ଯେ ମୁଁ ଶୀଘ୍ର ଶାସ୍ତ୍ରକୁ ଯାଇପାରିଥାନ୍ତି ଯେପରିକି...ମୁଁ ସେଗୁଡିକୁ ଆପଣମାନଙ୍କଠାରେ ଉଦ୍ଧୃତ କରିପାରନ୍ତି, ଦେଖନ୍ତୁ, ଯାହା ମୋ ମନକୁ ଆସିଥାଏ।

84 ପାଉଲ ସେଠାରେ କହୁଥିବାବେଳେ, କହିଲେ ଯେ ଆମେ ବିଜାତିମାନେ ତାହା ପ୍ରତି ଧ୍ୟାନ ଦେବା ଉଚିତ୍, ଯେଉଁପ୍ରକାରେ ଆମେ ଆଚରଣ କରିଥାଉ ଏବଂ ଯାହା କାର୍ଯ୍ୟ ଆମେ କରିଥାଉ। ବୁଝିଲେ? କାରଣ ଯଦି ପରମେଶ୍ୱର ପ୍ରଥମ ଶାଖାକୁ ଛାଡିଲେ ନାହିଁ, ଦେଖନ୍ତୁ, ଏବଂ ଆମେ ତ କେବଳ କଲମ କରାଯାଇଛୁ, ଦେଖନ୍ତୁ,...ଏବଂ ଇସ୍ରାଏଲ, ଯାହାକୁ ଗୋଟିଏ ଋତୁ ପାଇଁ ଅନ୍ଧ କରାଯାଇଥିଲା, ବୋଲି ସେ କହିଥିଲେ। କେବଳ ଗୋଟିଏ ଋତୁ ପାଇଁ, ଇସ୍ରାଏଲ ଅନ୍ଧ କରାଯାଇଥିଲା। ତାହା ଠିକ୍ ଅଟେ, ମାତ୍ର ସେମାନଙ୍କ ଆଖିରୁ ପରଦା ଉଠାଇ ଦିଆଯିବ। ଏବଂ ତାହା ସେତେବେଳେ ଅଟେ ଯେତେବେଳେ ସେହି ଅନ୍ତିମ ବିଜାତିଜଣକ ପରମେଶ୍ୱରଙ୍କ ରାଜ୍ୟରେ ଜନ୍ମ ହୁଅନ୍ତି, ତାହାପରେ ଇସ୍ରାଏଲର ଆଖିରୁ ସେମାନଙ୍କର ପରଦା ଉଠାଇ ଦିଆଯିବ। ଆଉ ସେମାନେ କହିବେ, "ଏହା ହେଉଛନ୍ତି ସେହି ମଶୀହ ଯାହାଙ୍କୁ ଆମେ ଦେଖିବା ପାଇଁ ଚାହୁଁଥିଲୁ।" ତାହା ଠିକ୍, କିନ୍ତୁ ବିଜାତି ଦ୍ୱାର ବନ୍ଦ ହୋଇଯାଇଛି (ଜାହାଜଟି—ଟି ବନ୍ଦ ହୋଇଯାଇଛି), ସେହି ସମୟରେ ବିଜାତିମାନଙ୍କ ପାଇଁ ଅନୁଗ୍ରହ ଆଉ ଅଧିକ—ଆଉ ଅଧିକ ବାକି ରହି ନ ଥାଏ।

85 ବର୍ତ୍ତମାନ, ମୁଁ ଗୋଟିଏ ପ୍ରଶ୍ନ ଉପରେ ବହୁତ ସମୟ ନେଇ ନେଉଛି। ଆଉ କେହିଜଣେ କହିବେ, "ତେବେ ଆପଣ ମୋର ପ୍ରଶ୍ନ ପାଖକୁ ଆସନ୍ତି ନାହିଁ।" ତେବେ, ଆମେ ଶୀଘ୍ର କରିବା ଏବଂ ଦେଖିବା ଯଦି ଆମେ ଏହାକୁ ପହଞ୍ଚି ପାରିବା କି ନାହିଁ।

86 ଠିକ ଅଛି, ଏଠାରେ ଏକ—ଏକ ଲମ୍ବା ପ୍ରଶ୍ନଟିଏ ଅଛି। ଏବଂ ଏହାର ପ୍ରତ୍ୟେକଟି ବିଷୟ ଯାହା ସେହି ମହିଳା ପଚାରିଛନ୍ତି କିମ୍ବା ସେହି ପୁରୁଷ ପଚାରିଛନ୍ତି, କିମ୍ବା ଏହା ଯେକେହି ବି ଅଟନ୍ତି, ଠିକ୍ ଅଟେ।

**53. କଅଣ ଏହା ସତ୍ୟ ନୁହେଁ ଯେ ପ୍ରଭୁ ଯୀଶୁ ସମଗ୍ର ଜଗତ ପାଇଁ ମରି ନାହାଁନ୍ତି, ଅର୍ଥାତ୍ ଜଗତର ସମସ୍ତଙ୍କ ପାଇଁ, ମାତ୍ର ବରଂ...**(ବର୍ତ୍ତମାନ, ମୁଁ ତାହା ବ୍ୟାଖ୍ୟା କରିବି, କିନ୍ତୁ ସେ ସ୍ତ୍ରୀ...ସେ ପୁରୁଷ କିମ୍ବା ସ୍ତ୍ରୀ, ଏହା ଯେକେହି ବି ଅଟନ୍ତି...ଜଣେ ସ୍ତ୍ରୀଲୋକର ଲେଖା ପରି ଲାଗୁଛି)**...ମାତ୍ର ବରଂ ଏମାନଙ୍କ ପାଇଁ—ବରଂ ଏମାନଙ୍କ ପାଇଁ ଯେଉଁମାନେକି ଜଗତର ପ୍ରତ୍ୟେକ ପ୍ରାନ୍ତରେ ଅଛନ୍ତି, ଯେଉଁମାନଙ୍କୁ ପିତା ତାହାଙ୍କୁ ଦେଇଅଛନ୍ତି? ଏମାନେ ଯେଉଁମାନଙ୍କୁକି ଜଗତ ପତ୍ତନାବଧି ପୂର୍ବରୁ, ପରମେଶ୍ୱର ତାହାଙ୍କର ନିଜ ଉତ୍ତମ ଇଚ୍ଛାରେ ସେମାନଙ୍କୁ ମନୋନୀତ କରି, ଅନନ୍ତ ଜୀବନ ନିମନ୍ତେ ନିରୂପିତ କରିଥିଲେ?**

87 ଅବିକଳ ଭାବରେ, ତାହା ଠିକ୍ ଅଟେ! ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ। ଯୀଶୁ ମୃତ୍ୟୁବରଣ କଲେ...କେବଳ ଏଥିପାଇଁ ନୁହେଁ...ତାହାଙ୍କର ଉଦ୍ଦେଶ୍ୟ ରହିଥିଲା।

88 ଆସନ୍ତୁ ଦେଖିବା, ମୁଁ ବିଶ୍ୱାସ କରେ...ମୁଁ—ମୁଁ ବିଶ୍ୱାସ କରେ ଯେ ସେମାନେ ପାଠ କରିଥିଲେ...ଏହା ଉପରେ ଏକ ପ୍ରଶ୍ନ ଆସେ:

**54. ଶାସ୍ତ୍ର ନିଃସନ୍ଦେହ ଭାବରେ ଆମକୁ କହିଥାଏ ଯେ ଏହି ଲୋକମାନେ ସେମାନେ ଅଟନ୍ତି ଯେଉଁମାନେକି ହେବେ ନାହିଁ—ସେମାନେ ଅଟନ୍ତି ଯେଉଁମାନେକି ପରିତ୍ରାଣ ପାଇବେ ନାହିଁ। ଅତଏବ...**

89 ତାହା ସମ୍ପୂର୍ଣ୍ଣ ଠିକ୍ ଅଟେ। ଶାସ୍ତ୍ର ଆମକୁ କୁହେ ଯେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେକି ନିନ୍ଦିତ ହେବା ନିମନ୍ତେ ପରମେଶ୍ୱରଙ୍କ ଦ୍ୱାରା ପୂର୍ବନିରୂପିତ ହୋଇଥିଲେ।

90 କଅଣ ଆପଣ ତାହା ପାଠ କରିବାକୁ ଚାହିଁବେ କି, ଯେପରିକି ଏହା ସର୍ବଦା ଆପଣଙ୍କ ମନରୁ ଦୂରେଇ ହୋଇଯିବ? ଠିକ୍ ଅଛି, ତେବେ ଆସନ୍ତୁ ବର୍ତ୍ତମାନ ଯିହୂଦାର—ର ପୁସ୍ତକ ନିକଟକୁ ଯିବା, ଯିହୁଦା ଏଠାରେ କହୁଛନ୍ତି।

*ଯିହୂଦା, ଯୀଶୁ ଖ୍ରୀଷ୍ଟଙ୍କ ଜଣେ ଦାସ, ଓ ଯାକୁବଙ୍କ ଭ୍ରାତା, ଯେଉଁମାନେ ଆହୂତ, ଓ ପିତା ପରମେଶ୍ୱରଙ୍କ ପ୍ରିୟପାତ୍ର, ପୁଣି ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ସୁରକ୍ଷିତ:*

91 ଦେଖନ୍ତୁ ସେ ଏହି ବିଷୟକୁ କାହାକୁ ସମ୍ବୋଧିତ କରୁଛନ୍ତି? ପାପୀଙ୍କୁ ନୁହେଁ, କେବଳ ସୁସମାଚାର ସେବାକୁ ନୁହେଁ, ବରଂ ପ୍ରିୟପାତ୍ର ପବିତ୍ରୀକୃତ ଏବଂ ଆହୂତମାନଙ୍କୁ। ଦେଖନ୍ତୁ, ସେମାନଙ୍କୁ ଯେଉଁମାନେକି ପୂର୍ବରୁ ରାଜ୍ୟରେ ଅଛନ୍ତି।

*ତୁମ୍ଭମାନଙ୍କ ପ୍ରତି ଦୟା, ଶାନ୍ତି, ଏବଂ ପ୍ରେମ, ପ୍ରଚୁରଭାବେ ହେଉ।*

*ହେ ପ୍ରିୟମାନେ,...ମୁଁ ଆମ୍ଭମାନଙ୍କର ସାଧାରଣ ପରିତ୍ରାଣ ସମ୍ବନ୍ଧରେ ତୁମ୍ଭମାନଙ୍କ ନିକଟକୁ କିଛି ଲେଖିବାକୁ ବିଶେଷ ଯତ୍ନଶୀଳ ହୋଇ, ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସ ସପକ୍ଷରେ, ପ୍ରାଣପଣରେ ଯୁଦ୍ଧ କରିବା ପାଇଁ ତୁମ୍ଭମାନଙ୍କୁ ଉତ୍ସାହିତ କରିବା ନିମନ୍ତେ...ଲେଖିବା ଆବଶ୍ୟକ ମନେ କଲି ।*

*କାରଣ...ଦଣ୍ଡର ପାତ୍ର ବୋଲି ବର୍ଣିତ ହୋଇଥିବା କେତେକ ଲୋକ ତୁମ୍ଭମାନଙ୍କ ମଧ୍ୟରେ ଗୁପ୍ତରେ ପ୍ରବେଶ କରିଅଛନ୍ତି,*(କିପରି?) ...*ଆମ୍ଭମାନଙ୍କ ପରମେଶ୍ୱରଙ୍କ ଅନୁଗ୍ରହକୁ ବିପରୀତ ଭାବରେ କାମୁକତାରେ ବ୍ୟବହାର କରି ପରିଣତ କରନ୍ତି,...*

92 ପୁରାତନ ସମୟରୁ ନିରୂପିତ! ଏହା ନୁହେଁ ଯେ ପରମେଶ୍ୱର ସିଂହାସନ ଉପରେ ବସିଲେ, ଓ କହିଲେ, "ମୁଁ *ଏହି* ବ୍ୟକ୍ତିଙ୍କୁ ଉଦ୍ଧାର କରିବି, ମୁଁ *ସେହି* ବ୍ୟକ୍ତିଙ୍କୁ ହରାଇବି ।" ଏହା ତାହା ନ ଥିଲା! ପରମେଶ୍ୱର ମୃତ୍ୟୁବରଣ କଲେ, ଏବଂ ଯେତେବେଳେ ଯୀଶୁ ମଲେ, ସେହି ପ୍ରାୟଶ୍ଚିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମଗ୍ର ପୃଥିବୀକୁ ଆଚ୍ଛାଦନ କରିଥିଲା । ମାତ୍ର ପରମେଶ୍ୱର, ପୂର୍ବଜ୍ଞାନ ଦ୍ୱାରା...ଏହା ନୁହେଁ ଯେ ସେ କରିବେ...ସେ ଇଚ୍ଛା କରନ୍ତି ନାହିଁ ଯେ କେହି ବିନଷ୍ଟ ହୁଅନ୍ତୁ । ସେ ଚାହାଁନ୍ତି ଯେ ସମସ୍ତେ ଉଦ୍ଧାର ପାଆନ୍ତୁ । ଏହା ତାହାଙ୍କର—ଏହା ତାହାଙ୍କର ଅନନ୍ତ ଉଦ୍ଦେଶ୍ୟ ଥିଲା । ମାତ୍ର ଯଦି ସେ ପରମେଶ୍ୱର ଥିଲେ, ସେ ଜାଣିଥିଲେ ଯେ କିଏ ଉଦ୍ଧାର ପାଇବେ ଏବଂ କିଏ ଉଦ୍ଧାର ପାଇବେ ନାହିଁ । ଯଦି ସେ ଜାଣନ୍ତି ନାହିଁ, ତାହାହେଲେ ସେ ଅସୀମ ପରମେଶ୍ୱର ନୁହଁନ୍ତି । ତେଣୁ ବାଇବଲ ତାହା ଶିକ୍ଷା ଦିଏ । ଯେପରିକି ଆମେ କରିପାରିବା...

93 ଯଦି ଆମ ପାଖରେ ଏଠାରେ ରୋମୀୟ, ତାହାର ୫ମ ପର୍ବ ନିକଟକୁ ଯିବା ପାଇଁ ସମୟ ଥାଆନ୍ତା, ଏବଂ ଆପଣ ତାହା ପାଠ କରିପାରନ୍ତେ । ରୋମୀୟ, ତାହାର ୨ମ ପର୍ବ, ବାଇବଲର ଅନ୍ୟାନ୍ୟ ସ୍ଥାନରେ । ଏଫିସୀୟ, ତାହାର 1ମ ପର୍ବ । ଏବଂ ଆପଣ ଦେଖିପାରିବେ ଯେ ପରମେଶ୍ୱରଙ୍କ ସେହି ମନୋନୟନ, ଯେପରି ତାହା ଅଟଳ ରହିପାରେ, ପରମେଶ୍ୱର ସେହି ନିୟମକୁ ବିନା ସର୍ତ୍ତରେ ଦେଇଥିଲେ । ସେ ଯୀଶୁଙ୍କୁ ସେମାନଙ୍କ ନିମନ୍ତେ ମରିବା ପାଇଁ ପଠାଇଲେ ଯେଉଁମାନଙ୍କୁ ସେ ପୂର୍ବରୁ ଜାଣିଥିଲେ । ବୁଝିଲେ?

94 କେବଳ ଏହା କହିବା ପାଇଁ ନୁହେଁ ଯେ, "ତେବେ, ଆପଣ କହୁଛନ୍ତି ପରମେଶ୍ୱର ଜାଣି ନାହାଁନ୍ତି ଯେ ସେହି ସ୍ତ୍ରୀ ଉଦ୍ଧାର ପାଇବେ କି ନାହିଁ?" ଜଗତ ଆରମ୍ଭ ହେବା ପୂର୍ବରୁ ହିଁ ପରମେଶ୍ୱର ଜାଣିଥିଲେ ଯେ ଆପଣ ଉଦ୍ଧାର ପାଇବେ, କିମ୍ବା ଆପଣ ପାଇବେ କି ନାହିଁ, ଅନ୍ୟଥା ସେ ପରମେଶ୍ୱର ନ ଥିଲେ ।

95 *ଅସୀମ* ଶବ୍ଦର ଅର୍ଥ କଅଣ ଆପଣ ଜାଣନ୍ତି କି? ଦେଖନ୍ତୁ...ଶବ୍ଦକୋଷରେ ଦେଖନ୍ତୁ ଓ ଖୋଜନ୍ତୁ ଯେ ସେହି ଶବ୍ଦ *ଅସୀମ*ର ଅର୍ଥ କଅଣ ଅଟେ । କାହିଁକି, ସେ ପ୍ରତ୍ୟେକ ପୋକକୁ ଜାଣିଥିଲେ ଯାହାକି କେବେ ପୃଥିବୀ ଉପରେ ରହିବ, ପ୍ରତ୍ୟେକ ମାଛି, ପ୍ରତ୍ୟେକ କୀଟ,

ପ୍ରତ୍ୟେକ ଜୀବାଣୁକୁ ଜାଣିଥିଲେ। ଏମାନେ ସୃଷ୍ଟି ହେବା ପୂର୍ବରୁ ହିଁ ସେ ଏମାନଙ୍କୁ ଜାଣିଥିଲେ, ଅନ୍ୟଥା ସେ ପରମେଶ୍ୱର ନ ଥିଲେ। ନିଶ୍ଚିତ ଭାବରେ, ସେ ତାହା ଜାଣିଥିଲେ। ଠିକ୍ ଅଛି।

96 ତାହାପରେ, ସେଠାରେ, ପରମେଶ୍ୱର କହିପାରନ୍ତି ନାହିଁ—ନାହିଁ, "ମୁଁ *ତୁମକୁ* ନେବି, ଓ ତୁମକୁ ନରକକୁ ପଠାଇବି; ଏବଂ ମୁଁ *ତୁମକୁ* ନେବି, ଓ ତୁମକୁ ସ୍ୱର୍ଗକୁ ପଠାଇବି।" ପରମେଶ୍ୱର ଚାହୁଁଥିଲେ ଯେ ଆପଣ ଉଭୟେ ସ୍ୱର୍ଗକୁ ଯାଆନ୍ତୁ। କିନ୍ତୁ ପୂର୍ବଜ୍ଞାନ ଦ୍ୱାରା ସେ ଜାଣିଥିଲେ ଯେ ଜଣେ ଲାଜକୁଳି ହେବ, ଓ ଅନ୍ୟଜଣେ ଭଦ୍ରଲୋକ ଏବଂ ଖ୍ରୀଷ୍ଟିଆନ ହେବ। ବୁଝିଲେ? ଅତଏବ ତାହାଙ୍କୁ ଯୀଶୁଙ୍କୁ ମୃତ୍ୟୁବରଣ କରିବା ନିମନ୍ତେ ପଠାଇବାକୁ ପଡ଼ିଲା, ଯେପରିକି ସେହି ବ୍ୟକ୍ତିକୁ ଉଦ୍ଧାର କରନ୍ତି ଯାହାକୁ ସେ ପୂର୍ବଜ୍ଞାନରୁ ଜାଣିଥିଲେ ଯେ ସେ ଉଦ୍ଧାର ପାଇବା ନିମନ୍ତେ ଇଚ୍ଛୁକ ହେବ। କଅଣ ଆପଣ ଏହା ବୁଝିଲେ?

ତେବେ ଏଠାରେ ଦେଖନ୍ତୁ:

**ଶାସ୍ତ୍ର ସନ୍ଦେହରେ ଆମକୁ କହିଥାଏ ଯେ ଏମାନେ ହିଁ ସେହି ଲୋକମାନେ ଅଟନ୍ତି ଯେଉଁମାନେକି ଉଦ୍ଧାର ପାଇବେ ନାହିଁ।**

**55. ଅତଏବ ଯଦି ପ୍ରାୟଶ୍ଚିତ ସମସ୍ତ...ଆଦମଙ୍କର ସମସ୍ତ ବଂଶକୁ ଆଚ୍ଛାଦନ କରିଥିଲା, ଏବଂ କେତେକ ଏଥିପାଇଁ ବିନଷ୍ଟ ହୋଇଥିଲେ କାରଣ ସେମାନେ ସେହି ପ୍ରତିଜ୍ଞା, କିମ୍ବା ସେହି ବ୍ୟବସ୍ଥାରେ ଲାଭ ନେଇପାରି ନ ଥିଲେ, କଅଣ ଏହା ହେବ ନାହିଁ... ମହତ୍-...ସ୍ୱାଧୀନ...କଅଣ ସେ...କଅଣ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅନନ୍ତ ଯୋଜନାମାନ ଏବଂ ଉଦ୍ଦେଶ୍ୟଗୁଡିକ ଅପେକ୍ଷା ଏକ ଅଧିକ ମହତ୍ତର ଶକ୍ତି ହେବ ନାହିଁ କି? ଏହା ହେବ କି...**(ବର୍ତ୍ତମାନ ସେହି ବ୍ୟକ୍ତି, ଏହି ଦ୍ୱିତୀୟ ପ୍ରଶ୍ନ ଉପରେ, ପଚାରୁଛନ୍ତି।) **କଅଣ ମନୁଷ୍ୟର ସ୍ୱାଧୀନ ଇଚ୍ଛା ପରମେଶ୍ୱରଙ୍କ ଅନନ୍ତ ଯୋଜନାମାନ ଏବଂ ଉଦ୍ଦେଶ୍ୟ ଅପେକ୍ଷା ଏକ ଅଧିକ ମହତ୍ତର ଶକ୍ତି ହେବ ନାହିଁ କି?**

97 ନା, ମୋର ଭାଇ କିମ୍ବା ଭଉଣୀ। ନିଶ୍ଚିତରେ ନୁହେଁ! ଅଧିକ ଶକ୍ତିଶାଳୀ କିଛି ହେଲେ ନାହିଁ...ମନୁଷ୍ୟର ଇଚ୍ଛା କେବେବି ପରମେଶ୍ୱରଙ୍କ ବିଚାରର ସେହି—ସେହି ଅନନ୍ତ ଉଦ୍ଦେଶ୍ୟ ସହିତ ତୁଳନା କରାଯାଇପାରିବ ନାହିଁ। ଏହା ହୋଇପାରିବ ନାହିଁ, ଦେଖନ୍ତୁ।

98 ବର୍ତ୍ତମାନ, ଆପଣଙ୍କର ପ୍ରଥମ ପ୍ରଶ୍ନଟି ଠିକ୍ ଥିଲା। ବନ୍ଧୁ, ଆପଣଙ୍କର ଦ୍ୱିତୀୟ ପ୍ରଶ୍ନଟି ଠିକ୍ ହୋଇପାରିବ ନାହିଁ। କାରଣ ଦେଖନ୍ତୁ, ଦେଖନ୍ତୁ ଯେ ଏହା ଏଠାରେ କିପରି ଲେଖା ହୋଇଛି, ଦେଖନ୍ତୁ: "ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅନନ୍ତ ଯୋଜନା ଏବଂ ଉଦ୍ଦେଶ୍ୟ ଅପେକ୍ଷା ମନୁଷ୍ୟର ସ୍ୱାଧୀନ ଇଚ୍ଛା କଅଣ ଏକ ଅଧିକ ମହତ୍ତର ଶକ୍ତି ହେବ ନାହିଁ କି?" କାହିଁକି, ନିଶ୍ଚିତରେ ନୁହେଁ। ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅନନ୍ତ ଯୋଜନା ଏବଂ ଉଦ୍ଦେଶ୍ୟ ଅପେକ୍ଷା ମନୁଷ୍ୟର ସ୍ୱାଧୀନ ଇଚ୍ଛା କିପରି ଏକ ଅଧିକ ମହତ୍ତର ଶକ୍ତି ହୋଇପାରିବ? ଏବଂ ମନୁଷ୍ୟ ତାହାର ଶାରୀରିକ ଅବସ୍ଥାରେ ସେହି ଇଚ୍ଛା ପ୍ରତି ଯାହା ସେ ଚାହିଁଥାଏ, କିପରି ତାହା ଅପେକ୍ଷା ଅଧିକ ଶକ୍ତିଶାଳୀ ହେବ ଯାହାକି ଏକ ଅନନ୍ତ, ସିଦ୍ଧ ପରମେଶ୍ୱର ହେବେ? ନିଶ୍ଚିତରେ ନୁହେଁ!

ଏହା ହୋଇପାରିବ ନାହିଁ, ଦେଖନ୍ତୁ । ସେହି ଅନନ୍ତ ପରମେଶ୍ୱର, ଯାହାଙ୍କର ଉଦ୍ଦେଶ୍ୟ ସିଦ୍ଧ ଅଟେ, ଆପଣ ଏହା କିପରି କହିପାରିବେ ଯେ ଜଣେ—ଜଣେ ଶାରୀରିକ ମନୁଷ୍ୟ ତଳେ ଏଠାରେ, ଯେତେ ଧାର୍ମିକ ହୋଇଥାଉ ନା କାହିଁକି (ଏବଂ ସେ ହୋଇ ଥାଇପାରେ), ତାହାର ଉଦ୍ଦେଶ୍ୟସକଳ ଏହା ସହିତ କୌଣସି ମତେ ତୁଳନାଯୋଗ୍ୟ ହେବ ନାହିଁ: ସେହି ଅନନ୍ତ ଏବଂ ସର୍ବଶକ୍ତିମାନ ପରମେଶ୍ୱରଙ୍କ ସେହି—ସେହି ଉଦ୍ଦେଶ୍ୟ ସହିତରେ ।

99 [ଜଣେ ଭଉଣୀ ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] ହଁ । ["ମୁଁ ଦୁଃଖିତ । ମୁଁ କେବଳ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହୁଁଥିଲି, ଏବଂ—ଏବଂ ଆପଣ ଭୁଲ୍ ବୁଝିଥିଲେ ଯାହା ମୁଁ ସେଠାରେ କହିବାକୁ ଚାହୁଁଥିଲି ।"] ହଁ, ଠିକ ଅଛି, ଭଉଣୀ । ["ମୁଁ ତାହା ଆଦୌ ବିଶ୍ୱାସ କରେ ନାହିଁ, ମୋର କହିବାର ଅର୍ଥ 'ପରମେଶ୍ୱରଙ୍କ ଅନନ୍ତ ଉଦ୍ଦେଶ୍ୟ ମନୁଷ୍ୟର ସ୍ୱାଧୀନ ଇଚ୍ଛା ଉପରେ ପ୍ରବଳ ଏବଂ ବଳବତ୍ତର ଅଟେ ।'"]

100 ତାହା ଠିକ୍ ଅଟେ । ଓଃ, ତେବେ, ମୁଁ—ମୁଁ ଏହାକୁ ସେତେବେଳେ ଭୁଲ୍ ପାଠ କରିଅଛି, ଦେଖନ୍ତୁ । ଠିକ୍ ଅଛି । ହଁ, ଆପଣ ସମ୍ପୂର୍ଣ୍ଣ ଠିକ୍ ଅଟନ୍ତି, ଭଉଣୀ । ମୁଁ ଜାଣି ନ ଥିଲି ଯେ ଏହା ଆପଣଙ୍କର—ଆପଣଙ୍କର ପ୍ରଶ୍ନ ଥିଲା । ଠିକ୍ ଅଛି । ମାତ୍ର, ଦେଖନ୍ତୁ, ମୁଁ ଏହାକୁ ଏଠାରେ କେଉଁଠାରେ ପାଇଲି, ଦେଖନ୍ତୁ,...ତେବେ ମୁଁ ଦେଖେ, "ଆଦମଙ୍କ ସମସ୍ତ ବଂଶକୁ ଆଚ୍ଛାଦନ କରିଥିଲା, ଏବଂ କେତେକ ଏଥିପାଇଁ ବିନଷ୍ଟ ହୋଇଥିଲେ କାରଣ ସେମାନେ ନିଜ—ନିଜ ପାଇଁ ଏହି ବ୍ୟବସ୍ଥାର ଲାଭ ନେଇପାରି ନ ଥିଲେ, ତାହାହେଲେ ମନୁଷ୍ୟର ସ୍ୱାଧୀନ ଇଚ୍ଛା କଅଣ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅନନ୍ତ ଯୋଜନା ଏବଂ ଉଦ୍ଦେଶ୍ୟ ଅପେକ୍ଷା ଏକ ଅଧିକ ମହତ୍ତର ଶକ୍ତି ହେବ ନାହିଁ କି?" ଦେଖନ୍ତୁ, ମୁଁ—ମୁଁ ସେଠାରେ ଆପଣଙ୍କର ଭାବନାକୁ ଭୁଲ୍ ବ୍ୟାଖ୍ୟା କରିଥିଲି । ହଁ, ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅନନ୍ତ ଉଦ୍ଦେଶ୍ୟ । ତେବେ, ତାହା ଏହାକୁ ସମାଧାନ କରେ ।

101 ମୁଁ ଅନୁମାନ କରେ ସମସ୍ତେ ଏହାକୁ ବୁଝିଛନ୍ତି । ଆପଣ କଲେ, ନିଜର ହାତ ଉଠାନ୍ତୁ । ଏହା—ଏହା ତ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅନନ୍ତ ଉଦ୍ଦେଶ୍ୟ ଅଟେ, ଯାହାକି ନିଶ୍ଚିତ ଭାବରେ ତାହାର ବହୁତ ଉପରେ ରହିବ—ବହୁତ ଉପରେ ରହିବ ଯାହା ମନୁଷ୍ୟ କରିପାରେ ।

ବର୍ତ୍ତମାନ:

### 56. ମୁଁ ମାଥିଉ, ୨୪ଶ ପର୍ବର...୧୨ତମ ପଦରେ, ଜଳ ବାପ୍ତିସ୍ମ ଉପରେ ପ୍ରକାଶ ବିଷୟ ବୁଝେ ନାହିଁ । ଏହାର ଅର୍ଥ କଅଣ ଅଟେ?

102 ତେବେ, ବର୍ତ୍ତମାନ, ବୋଧହୁଏ ଏହା ମୋତେ ଅଧିକ ସମୟ ଲାଗିବ ନାହିଁ ମାତ୍ର କେବଳ ଗୋଟିଏ ମିନିଟ୍ । ଏବଂ ଯଦି କେହି ଚାହାଁନ୍ତି ତେବେ ଆପଣ ମୋ ସହିତ, ମାଥିଉ, ତାହାର ୨୪ଶ ପର୍ବ, ଓ ୧୨ତମ ପଦକୁ ଆସନ୍ତୁ । ଏବଂ ଆମେ ଦେଖିବା, ଯେ ସେହି ବ୍ୟକ୍ତିଜଣକ କଅଣ...ପଚି-ଶ...ତେବେ, ଏହା ଆପଣଙ୍କୁ ଶକ୍ତିଶାଳୀ କରିବ ଯଦି ଆପଣ ଏହା ସହିତ

ରହିବେ । ଏହା—ଏହା ଭଲ ଅଟେ, ଆପଣ ଦେଖନ୍ତୁ । ଏହା ସୁସମାଚାର ପ୍ରଚାର ଭାବରେ ନୁହେଁ, କିନ୍ତୁ ଏହା…

103 ବର୍ତ୍ତମାନ ଆମେ…ବର୍ତ୍ତମାନ ଏଠାରେ ଯେଉଁଠାରେକି ଲୋକମାନେ କହିବାକୁ ଚେଷ୍ଟା କରନ୍ତି, "ବାଇବଲରେ ଏକ ବିରୋଧାଭାସ ଅଛି ।" ବର୍ତ୍ତମାନ, ମୁଁ ଚାହେଁ ଯେ କେହି ଜଣେ… ସହିତ ମାଥିଉ ୨୫:୧୨ କୁ ଆସନ୍ତୁ । କିମ୍ବା, ନା, ମୁଁ ଚାହୁଁଛି ଯେ କେହି…ମାଥିଉ ୨୫:୧୨ । ମୁଁ ଚାହେଁ ଯେ କେହି ଜଣେ ପ୍ରେରିତ କ୍ରିୟା 2:୩୫ କୁ ଆସନ୍ତୁ । ଭାଇ ନେଭିଲ, ଆପଣଙ୍କ ପାଖରେ ସେଠାରେ ନିଜର ବାଇବଲ ଅଛି କି?

104 ଆଉ ମୁଁ ଚାହେଁ ଯେ ଆପଣ ବର୍ତ୍ତମାନ ନିଜେ ପାଠ କରନ୍ତୁ । "ଏବଂ ମୁଁ ଆପଣଙ୍କୁ ବାଇବଲରେ ଏକ କଠୋର ବିରୋଧାଭାସ ଦେଖାଇବି । ଏବଂ ଯାହା ସେହି—ସେହି ବାଇବଲ…ଲୋକମାନେ କୁହନ୍ତି 'ବାଇବଲ ଆପଣାକୁ ବିରୋଧ କରେ ନାହିଁ, ' ମୁଁ ଚାହେଁ ଯେ ଆପଣ ଏହାକୁ ବିବେଚନାରେ ରଖନ୍ତୁ ।"

105 ଏବଂ ଏହା ସେହି ପଣ୍ଡିତ ଶିକ୍ଷକମାନଙ୍କୁ ଉଦବିଗ୍ନ କରିଥାଏ । କିନ୍ତୁ ଏହା—ଏହା ସରଳ ଅଟେ । ବର୍ତ୍ତମାନ ମୁଁ ମାଥିଉ ୨୫:୧୨ ପାଠ କରିବି, ଆପଣ ମୋ ପଛରେ ପଛରେ ଆସନ୍ତୁ । ଏବଂ ଆପଣମାନଙ୍କ ମଧ୍ୟରୁ କେତେକେ ପ୍ରେରିତ କ୍ରିୟା 2:୩୫ ସହିତରେ, ଏହାକୁ ପ୍ରସ୍ତୁତ ରଖିଥାଆନ୍ତୁ । ମୁଁ ୧୫ତମ ପଦରୁ ଆରମ୍ଭ କରିବି, ଏହା ମାଥିଉର ଶେଷ ପର୍ବ ଅଟେ:

> *ପୁଣି ଯୀଶୁ* ତାହାଙ୍କର ଶିଷ୍ୟ-…*ସେମାନଙ୍କ ନିକଟକୁ ଆସି, ଆଳାପ କରି କହିଲେ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି ।* (ପିତାଙ୍କ ଶକ୍ତି କେଉଁଠାରେ ଅଛି?)

106 ଯଦି ସ୍ୱର୍ଗ ଏବଂ ପୃଥିବୀର ସମସ୍ତ ଅଧିକାର ଯୀଶୁଙ୍କୁ ଦିଆଯାଇଅଛି, ତେବେ ପରମେଶ୍ୱର ଶକ୍ତିହୀନ ହୋଇଗଲେ, କଅଣ ସେ ନୁହଁନ୍ତି କି? କିଅବା କଅଣ ସେ କେବଳ ଏକ କାହାଣୀ କହିଥିଲେ? କଅଣ ସେ ଥଟ୍ଟା କରୁଥିଲେ କି? ତାହାଙ୍କର ଏହା ଅଭିପ୍ରାୟ ଥିଲା! କଅଣ ଆପଣ ଏହା ବିଶ୍ୱାସ କରନ୍ତି ନାହିଁ ଯେ ତାହାଙ୍କର ଏହା ଅଭିପ୍ରାୟ ଥିଲା? ତେବେ, ଯଦି ସମସ୍ତ ଅଧିକାର ତାହାଙ୍କୁ ଦିଆଯାଇଅଛି, ତାହାହେଲେ ପରମେଶ୍ୱରଙ୍କ ଶକ୍ତି କେଉଁଠାରେ ଅଛି? ସେ ପରମେଶ୍ୱର ଥିଲେ! ତାହା ଅବିକଳ ଠିକ୍ ଅଟେ । ତାହାହିଁ ଏକମାତ୍ର ବିଷୟ ଯାହାକି ଏହା ସହିତର ଅଟେ । ତାହାହିଁ କେବଳ ସମସ୍ତକିଛି ସେଠାରେ ଥିଲା । ଦେଖନ୍ତୁ, ସେ ପରମେଶ୍ୱର ଥିଲେ; କିଅବା ସେଠାରେ ଏପରି କେହିଜଣେ ବସିଥିଲେ, ଯାହାଙ୍କ ପାଖରେ କୌଣସି ଶକ୍ତି ରହିଥିଲା, ବର୍ତ୍ତମାନ ଆଉ ତାହା ନାହିଁ । ବୁଝିଲେ? ତେଣୁ ଆପଣ ଏହାକୁ—ଆପଣ ଏହାକୁ ଦ୍ୱନ୍ଦରେ ପକାଇପାରନ୍ତି ନାହିଁ । ଆମେ ଏଠାରେ ଠିକ୍ ସେହି ସମାନ ବିଷୟ ଉପରେ ତାହାକୁ ପାଇବା । ଠିକ୍ ଅଛି:

> …ସ୍ୱର୍ଗ ଓ ପୃଥିବୀର *ସମସ୍ତ ଅଧିକାର…ସ୍ୱର୍ଗ ଓ ପୃଥିବୀର ।*

*ଅତଏବ, ତୁମ୍ଭେମାନେ ଯାଇ...ସମସ୍ତ ଜାତିର, ଲୋକଙ୍କୁ ପିତା, ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ:*

*ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ:... ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ, ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।*

107 ପ୍ରେରିତ 2:୩୫, ବର୍ତ୍ତମାନ କେହି ଜଣେ ପାଠ କରନ୍ତୁ । ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ପ୍ରେରିତ, 2ୟ ପର୍ବ, ତାହାର ୩୫ତମ ପଦ । ତେବେ, ବର୍ତ୍ତମାନ ପ୍ରକୃତ ଧ୍ୟାନ ସହକାରେ ଶୁଣନ୍ତୁ, ଏବଂ ଧୈର୍ଯ୍ୟର ସହିତ ରୁହନ୍ତୁ, ଏବଂ ଆମେମାନେ ବର୍ତ୍ତମାନ ଦେଖିବା । ତେବେ, ବର୍ତ୍ତମାନ ଏହା ଦଶ ଦିନ ପରେ ଯେତେବେଳେକି ଯୀଶୁ ସେମାନଙ୍କୁ, ମାଥିଉ 2୫:୧୨ ରେ କହିଥିଲେ, ଅତଏବ, ତୁମ୍ଭେମାନେ ଯାଇ, ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ଶିକ୍ଷା ଦିଅ ।

108 ବର୍ତ୍ତମାନ, ପିତର, ଦଶ ଦିନ ପରେ...ସେମାନେ କଦାପି ଅନ୍ୟ କୌଣସି ଉପଦେଶ ପ୍ରଚାର କଲେ ନାହିଁ । ସେମାନେ ଯିରୁଶାଲମର ଉପରିସ୍ଥ କୋଠରୀକୁ ଯାଇ, ସେଠାରେ (ଦଶ ଦିନ ପର୍ଯ୍ୟନ୍ତ) ପବିତ୍ରଆତ୍ମାଙ୍କ ଆସିବା ନିମନ୍ତେ ଅପେକ୍ଷା କଲେ । କେତେ ଜଣ ତାହା ଜାଣନ୍ତି? ଏହି ସ୍ଥାନରେ । ଏଠାରେ ପିତର, ପିତରଙ୍କ ପାଖରେ ରାଜ୍ୟର କଞ୍ଚି ଅଛି । ଠିକ ଅଛି, ଆମେ ଦେଖିବା ଯେ ସେ କଅଣ କରନ୍ତି । ମାଥିଉ, କିମ୍ବା ମୋର କହିବାର ଅର୍ଥ ପ୍ରେରିତ 2, ଆସନ୍ତୁ ତାହାର ୩ତେମ ପଦ ନେବା:

*ଅତଏବ ସମସ୍ତ ଇସ୍ରାଏଲକୂଳ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ...ବଧ କଲେ, ତାହାଙ୍କୁ ପରମେଶ୍ୱର, ପ୍ରଭୁ ଏବଂ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଛନ୍ତି ।*

"ପ୍ରଭୁ ଏବଂ ଖ୍ରୀଷ୍ଟ ଉଭୟ ।" ଆଶ୍ଚର୍ଯ୍ୟର ବିଷୟ ନୁହେଁ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ତାହାଙ୍କୁ ଦିଆଯାଇଥିଲା ।

*ଏହି କଥା ଶୁଣି, ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, ପୁଣି ସେମାନେ ପିତର ଓ...ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ହେ ପୁରୁଷ ଓ ଭାଇମାନେ, ଆମ୍ଭେମାନେ କଅଣ କରିବା?*

ପିତର ଉତ୍ତର ଦେଲେ...*ପିତର ସେମାନଙ୍କୁ କହେିଲ,* ଆପଣମାନେ, *ମନପରିବର୍ତ୍ତନ କରନ୍ତୁ,* ଆଉ *ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ* ବାପ୍ତିଜିତ ହେଉନ୍ତୁ, *ତାହାହେଲେ* ଆପଣମାନେ *ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।*

109 ବର୍ତ୍ତମାନ, ଏକ ବିରୋଧାଭାସ ଅଛି, ମାଥିଉ କହିଥିଲେ, "ପିତା, ପୁତ୍ର, ପବିତ୍ରଆତ୍ମାଙ୍କ: ନାମରେ ବାପ୍ତିସ୍ମ ଦେବ," ଏବଂ ଦଶ ଦିନ ପରେ, ପିତର ପ୍ରେରିତ 2:38 ରେ କହିଲେ, "ମନପରିବର୍ତ୍ତନ କର ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ।"

110 ତାହାପରେ ପରବର୍ତ୍ତୀ ସମୟରେ ଯେତେବେଳେ କି ମନପରିବର୍ତ୍ତନର କଥା କୁହାଯାଇଥିଲା—କୁହାଯାଇଥିଲା, କିମ୍ବା, ବାପ୍ତିସ୍ମ ବିଷୟରେ, ବାଇବଲରେ, ଏହା ପ୍ରେରିତ ତାହାର—ତାହାର 8ମ ପର୍ବ ଥିଲା, ଯେତେବେଳେ ଫିଲିପ୍ପ ତଳକୁ ଯାଇ ସେହି...ସେହି ଶମିରୋଣୀୟମାନଙ୍କୁ—ଙ୍କୁ ପ୍ରଚାର କରିଥିଲେ। ଏବଂ ସେମାନେ ପବିତ୍ରଆତ୍ମା ଗ୍ରହଣ କରିଥିଲେ, ଏବଂ ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ।

111 ପରବର୍ତ୍ତୀ ସମୟ ଯେତେବେଳେ ଏହା ବିଷୟରେ କୁହାଯାଇଥିଲା, ତାହା ଥିଲା ଯେତେବେଳେ ବିଜାତିମାନେ ଏହାକୁ ଗ୍ରହଣ କରିଥିଲେ, ପ୍ରେରିତ 10:47:

> ଏବଂ *ପିତର ଏହିସବୁ କଥା...କହୁଥିବା ସମୟରେ,* ଯେତେ *ଲୋକ ବାକ୍ୟ ଶୁଣୁଥିଲେ, ସେହି...ସମସ୍ତଙ୍କ*...ଉପରେ *ପବିତ୍ରଆତ୍ମା* ଅବତରଣ କଲେ।
>
> *କାରଣ ସେମାନେ ସେମାନଙ୍କୁ ବିଭିନ୍ନ ଭାଷାରେ କଥା କହୁଥିବା, ଓ ପରମେଶ୍ୱରଙ୍କ ପ୍ରଶଂସା କରୁଥିବା ଶୁଣୁଥିଲେ। ସେତେବେଳେ ପିତର ଉତ୍ତର ଦେଲେ,*
>
> *ଏହି ଯେଉଁ ଲୋକମାନେ* ଆମ୍ଭମାନଙ୍କ ପରି...*ପବିତ୍ରଆତ୍ମା ପ୍ରାପ୍ତ ହୋଇଅଛନ୍ତି, ଏମାନେ ଯେପରି ବାପ୍ତିଜିତ ନ ହୁଅନ୍ତି,* ସେଥି ନିମନ୍ତେ କି କେହି *ଜଳ ନିଷେଧ କରି ପାରେ?*
>
> *ପୁଣି ସେ ସେମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ହେବା ନିମନ୍ତେ ଆଦେଶ ଦେଲେ।*

112 ବର୍ତ୍ତମାନ ମୋତେ ଏଠାରେ କିଛି କହିବାକୁ ଦିଅନ୍ତୁ, କେବଳ ଆପଣମାନଙ୍କୁ ଟିକିଏ କିଛି ଦେଖାଇବା ପାଇଁ ଯେପରିକି ଆପଣ ଏହାକୁ ଭୁଲିବେ ନାହିଁ; ଏକ ଛୋଟ ଉଦାହରଣ କରିବାକୁ ଯାଉଛି। ମୁଁ ରଖିବାକୁ ଯାଉଛି...କେତେ ବଂଶ-...ଜାତିର ଲୋକମାନେ ଜଗତରେ ଅଛନ୍ତି? ତିନୋଟି ଅଛନ୍ତି: ହାମ, ଶେମ, ଏବଂ ଜାଫେତର ଲୋକମାନେ। କେତେ ଜଣ ତାହା ଜାଣନ୍ତି? ଆମେ ନୋହଙ୍କର ସେହି ତିନିପୁତ୍ରଙ୍କଠାରୁ ଆସିଅଛୁ। ହାମର ଲୋକମାନେ, ଶେମର ଲୋକମାନେ...ଜାଫେତଙ୍କ ଲୋକମାନେ ହେଉଛନ୍ତି ଆଙ୍ଗ୍ଲୋ-ସାକ୍ସନ୍, ଶେମର ଲୋକମାନେ ହେଉଛନ୍ତି...ସେହି ତିନୋଟି ବଂଶ, ତାହା ହେଉଛି: ଯିହୁଦୀ, ବିଜାତି, ଏବଂ ଅଧା ଯିହୁଦୀ ଓ ବିଜାତି। ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ, ଯେତେବେଳେ ସେଠାରେ...ଆଉ *ଏହା* ହେଉଛି ହାମ...ଶେମ, ହାମ ଏବଂ ଜାଫେତ୍।

113 ବର୍ତ୍ତମାନ, ପ୍ରଥମ ଥର ପାଇଁ ଯେତେବେଳେ ବାପ୍ତିସ୍ମ ବିଷୟ କୁହାଯାଇଥିଲା, ତାହା ବାପ୍ତିଜକ ଯୋହନଙ୍କ ଦ୍ୱାରା କୁହାଯାଇଥିଲା । କେତେ ଜଣ ତାହା ସତ୍ୟ ବୋଲି ଜାଣନ୍ତି? ଠିକ ଅଛି, ମୁଁ *ଏହାକୁ* ଏଠାରେ ରଖିବାକୁ ଯାଉଛି, ଏଠାରେ ରଖିବାକୁ ଯାଉଛି, ବାପ୍ତିଜକ ଯୋହନ । ଆଉ ଯୋହନ ଯର୍ଦ୍ଦନ ନଦୀରେ ଲୋକମାନଙ୍କୁ ବାପ୍ତିସ୍ମ ଦେଇ, ସେମାନଙ୍କୁ ଆଦେଶ ଦେଇଥିଲେ ଯେ ସେମାନେ ଅନୁତାପ କରନ୍ତୁ ଏବଂ ପରମେଶ୍ୱରଙ୍କ ସହିତରେ ସମ୍ପର୍କକୁ ଭଲ କରନ୍ତୁ, ଏବଂ ସେମାନଙ୍କର ଦ୍ରବ୍ୟ ବିକ୍ରୟ କରି, ଦରିଦ୍ର ଲୋକମାନଙ୍କୁ ଭୋଜନ କରାନ୍ତୁ, ଏବଂ ସୈନିକମାନେ ସେମାନଙ୍କ ଅର୍ଥରେ ସନ୍ତୁଷ୍ଟ ହୁଅନ୍ତି ଏବଂ ପରମେଶ୍ୱରଙ୍କ ସହିତରେ ସମ୍ପର୍କ ଭଲ କରନ୍ତୁ । କେତେ ଜଣ ତାହା ଜାଣନ୍ତି? ଆଉ ସେ ସେମାନଙ୍କୁ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେଇଥିଲେ, ସେମାନଙ୍କୁ ଛିଞ୍ଚିଲେ ନାହିଁ, ସେମାନଙ୍କ ଉପରେ ଢାଳିଲେ ନାହିଁ, ବରଂ ସେମାନଙ୍କୁ ଡୁବିତ କଲେ! ଯଦି ଆପଣ ଏହାକୁ ବିଶ୍ୱାସ କରୁନାହାଁନ୍ତି, ତେବେ ଏଠାରେ ଲେକ୍ସିକନ୍ ଅଛି, ଖୋଜି ଦେଖନ୍ତୁ ଯେ ଏହା *ବାପ୍ଟିଜୋ* ନୁହେଁ କି, ଯାହାକି ହେଉଛି "ବାପ୍ତିଜିତ କରିବା, ଡୁବିତ କରିବା, ବୁଡାଇବା, ସମାଧି ଦେବା ।" ତେବେ, ପ୍ରଥମ ଥର ପାଇଁ ବାପ୍ତିସ୍ମ ବିଷୟରେ କେବେ କୁହାଯାଇଥିଲା, ତାହା ସେଠାରେ ଥିଲା ।

114 ଦ୍ୱିତୀୟ ଥର ବାପ୍ତିସ୍ମ ବିଷୟରେ କେବେ କୁହାଯାଇଥିଲା, ତାହା ସେତେବେଳେ ଯୀଶୁ ଏହାକୁ ନିର୍ଦ୍ଦେଶ ଦେଇଥିଲେ, ମାଥିଉ ୨୪:୧୨ ।

115 ପରବର୍ତ୍ତୀ ସମୟ ବାପ୍ତିସ୍ମ ବିଷୟରେ କୁହାଯାଇଥିଲା, ତାହା ପ୍ରେରିତ 2:୩୪ ଥିଲା ।

116 ପରବର୍ତ୍ତୀ ସମୟ ବାପ୍ତିସ୍ମ ବିଷୟରେ କୁହାଯାଇଥିଲା, ତାହା ପ୍ରେରିତ ୪ମ ପର୍ବରେ ଥିଲା ।

117 ତାହାର ପରେ ବାପ୍ତିସ୍ମ ବିଷୟରେ କୁହାଯାଇଥିଲା, ତାହା ସେହି—ସେହି ପ୍ରେରିତ ୧0ମ ପର୍ବରେ ଥିଲା ।

118 ଏବଂ ତାହାପରେ ଆମେ ସେହି ସମୟରୁ ଆସୁ ଯେଉଁଠାରେ ଯୀଶୁ କହିଥିଲେ, ଏଠାରେ, "ଅତଏବ, ତୁମ୍ଭେମାନେ ଯାଇ, ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ ।"

119 ତେବେ ପ୍ରଥମେ ଆସନ୍ତୁ, ଏହି ଶାସ୍ତ୍ରକୁ ସଳଖ କରୁ । ମୁଁ ଆପଣମାନଙ୍କୁ କହିଅଛି ଯେ "ବାଇବଲରେ ଏପରି ଗୋଟିଏ ହେଲେ ଶାସ୍ତ୍ର ନାହିଁ ଯାହାକି ଅନ୍ୟ ଅଂଶର ବିରୋଧ କରିବ ।" ମୁଁ ଚାହେଁ ଯେ ଆପଣ ତାହା ମୋ ପାଖକୁ ନେଇକି ଆସନ୍ତୁ । ମୁଁ ଛ-ତିଶ ବର୍ଷ ହେଲାଣି ତାହା ପଚାରୁଅଛି, ଆଉ ମୁଁ ତାହା ଏବେ ସୁଦ୍ଧା ପାଇ ନାହିଁ । ଏପରି କୌଣସି ଶାସ୍ତ୍ର ନାହିଁ ଯାହାକି ବିରୋ-...ଯଦି ଏହା ତାହାର ବିରୋଧ କରେ, ତେବେ ଏହା ଏକ ମାନବ-ଲିଖିତ କାର୍ଯ୍ୟ ଅଟେ । ନା, ଆଜ୍ଞା, ବାଇବଲରେ କୌଣସି ବିରୋଧାଭାସ ନାହିଁ!

120 ବର୍ତ୍ତମାନ ଏହା ଆପଣ କହିଲେ, "*ତାହା* ବିଷୟରେ କଅଣ?"

121 ଏଠାରେ ଯୀଶୁ ଛିଡ଼ା ହୋଇ କହୁଛନ୍ତି, "ଅତଏବ, ତୁମ୍ଭେମାନେ ଯାଇ, ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ।"

122 ଏବଂ ପିତର ଠିକ୍ ପଛକୁ ବୁଲିପଡ଼ି, କହିଲେ, "ଆପଣମାନେ, ମନପରିବର୍ତ୍ତନ କରନ୍ତୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ।"

123 "ସେଠାରେ ଆପଣଙ୍କର ବିରୋଧାଭାସ ଅଟେ।" ଏହା ସେହିପରି ମନେହୁଏ। ବର୍ତ୍ତମାନ, ଯଦି ଆପଣ ଏକ ଶାରୀରିକ ମନୋଭାବରେ ପାଠ କରୁଛନ୍ତି, ଏବଂ ଖୋଲା ହୃଦୟରେ ନୁହେଁ, ତେବେ ଏହା ଏକ ବିରୋଧାଭାସ ହେବ।

124 କିନ୍ତୁ ଯଦି ଆପଣ ଏହାକୁ ଖୋଲା-ମନୋଭାବରେ ପାଠ କରିବେ, "ପବିତ୍ରଆତ୍ମା ଏହାକୁ ଜ୍ଞାନୀ ଓ ବୁଦ୍ଧିମାନ ଲୋକମାନଙ୍କ ଆଖିରୁ ଲୁଚାଇ ରଖିଛନ୍ତି," ଯୀଶୁ ତାହା କହିଥିଲେ, ଏବଂ ସେଥିପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇଲେ, "ଏବଂ ଶିକ୍ଷା କରିବାକୁ ଇଚ୍ଛୁକ ଥିବା ଶିଶୁମାନଙ୍କଠାରେ ଏହାକୁ ପ୍ରକାଶ କରିଛନ୍ତି।" ଯଦି ଆପଣ ଏକ ମନ ପାଇଛନ୍ତି, ଏବଂ ଏକ ସ୍ୱାର୍ଥପର ମନ ନୁହେଁ, ବରଂ ଶିକ୍ଷା କରିବାକୁ ଇଚ୍ଛୁକ ଥିବା ଏକ ହୃଦୟ, ତାହାହେଲେ ପବିତ୍ରଆତ୍ମା ଆପଣଙ୍କୁ ଏହିସବୁ ଶିକ୍ଷା ଦେବେ।

125 ତେବେ ଯଦି ଏହା ସାମଞ୍ଜସ୍ୟ ରଖେ ନାହିଁ...ଆପଣ କୁହନ୍ତି, "ଆପଣ କିପରି ଜାଣନ୍ତି ଯେ ଆପଣ ସଠିକ୍ ଅଟନ୍ତି?" ତେବେ, ଏହା ଶାସ୍ତ୍ରର ଅବଶିଷ୍ଟାଂଶ ସହିତ ସାମଞ୍ଜସ୍ୟ ରଖେ। ଯଦି ଆପଣ ରଖନ୍ତି ନାହିଁ, ତାହାହେଲେ ଆପଣଙ୍କର ଏଠାରେ ଏକ ଅର୍ଥହୀନ ବିରୋଧାଭାସ ଅଛି।

126 ବର୍ତ୍ତମାନ ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ। ଏହା ମାଥିଉର ଶେଷ ପର୍ବ ଅଟେ। ମୁଁ ଏହାକୁ ଏକ ଛୋଟ ରୂପରେ ନେବି, ଯେପରିକି ଆପଣମାନେ ପ୍ରତ୍ୟେକେ... ପିଲାମାନେ ଏହାକୁ ବୁଝିଯିବେ।

127 ଉଦାହରଣ ସ୍ୱରୂପ, ଯଦି ଆପଣ ଏକ ପ୍ରେମ କାହାଣୀ ପଢନ୍ତି, ଏବଂ ତାହାର ପଛ ଭାଗରେ ଏହା କୁହେ, "ଏବଂ ଏହାପରେ ମରିୟମ ଏବଂ ଯୋହନ ସବୁଦିନ ପାଇଁ ଖୁସିରେ ରହିଲେ।" ତେବେ, ଆପଣ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଯୋହନ ଏବଂ ମରିୟମ କିଏ ଥିଲେ ଯିଏକି ଏହାପରେ ସର୍ବଦା ଖୁସିରେ ରହିଲେ। ବର୍ତ୍ତମାନ, ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ଯୋହନ ଏବଂ ମରିୟମ କିଏ ଅଟନ୍ତି, ଉତ୍ତମ ହେବ ଯେ ଆପଣ ସେହି ପୁସ୍ତକର ପ୍ରଥମକୁ ଫେରିଯାଆନ୍ତୁ ଏବଂ ଯୋହନ ଓ ମରିୟମ କିଏ ଅଟନ୍ତି ତାହା ଖୋଜି ବାହାର କରନ୍ତୁ। ତାହାପରେ ଏଠାକୁ ଫେରିଆସନ୍ତୁ ଏବଂ ମରିୟମ କିଏ ଥିଲେ, ଓ ସେ କେଉଁ ପରିବାରରୁ ଆସିଥିଲେ ତାହା ଖୋଜି ଜାଣନ୍ତୁ; ଆଉ ଯୋହନ କିଏ ଥିଲେ, ଏବଂ ସେ କେଉଁ ପରିବାରରୁ ଆସିଥିଲେ, ଓ ତାଙ୍କ ନାମ କଅଣ ଥିଲା, ପୁଣି ସେମାନେ କିପରି ବିବାହିତ ହେଲେ, ଏବଂ ଏହା ବିଷୟରେ ସବୁକିଛି। କଅଣ ଏହା ଠିକ୍ କି?

128 ତେବେ, ଏଠାରେ ବାଇବଲ ପାଠ କରିବାରେ ଠିକ୍ ସେହି ସମାନ ବିଷୟ ଅଟେ। କେବେ...ଦେଖନ୍ତୁ, ଯୀଶୁ କଦାପି କହିଲେ ନାହିଁ, "ଯାଇ ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ପବିତ୍ରଆତ୍ମାଙ୍କ ନାମରେ ଲୋକମାନଙ୍କୁ ବାପ୍ତିସ୍ମ ଦିଅ," ତ୍ରିତ୍ତ୍ୱବାଦୀ ଲୋକମାନେ ଯେପରି ବାପ୍ତିସ୍ମ ଦେଇଥାନ୍ତି। ବାଇବଲରେ ଏଥିପାଇଁ କୌଣସି ଶାସ୍ତ୍ର ନାହିଁ। ସେ କଦାପି କହି ନାହାଁନ୍ତି, "ନାମଗୁଡିକରେ (ନା-ମ-ଗୁ-ଡି-କ), ନାମଗୁଡିକ" ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କର।

129 ସେ କହିଲେ, "(ନା-ମ) ନାମରେ," ଏକବଚନ। ସେଠାରେ ନିଜର ବାଇବଲରେ ଦେଖନ୍ତୁ ଓ ଖୋଜି ବାହାର କରନ୍ତୁ ଯେ ତାହା ଠିକ ଅଟେ କି ନାହିଁ, ମାଥିଉ ୨୮, "*ନାମ*ରେ।"

130 ଏହା ନୁହେଁ ଯେ "ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ,..." ସେହିଭଳି ତ ଜଣେ ତ୍ରିତ୍ତ୍ୱବାଦୀ ପ୍ରଚାରକ ବାପ୍ତିସ୍ମ ଦିଅନ୍ତି। "ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ଏବଂ ପବିତ୍ରଆତ୍ମାଙ୍କ ନାମରେ।" ତାହା ତ ଏପରିକି ବାଇବଲରେ ସୁଦ୍ଧା ନାହିଁ।

131 "ତାହାହେଲେ ନାମରେ..." ଆପଣ କୁହନ୍ତି, "ତେବେ, ତାହାହେଲେ 'ପିତା, ପୁତ୍ର, ଏବଂ ପବିତ୍ରଆତ୍ମା'" ଙ୍କ ନାମରେ। ତାହାହେଲେ ସେଠାରେ ଏକ ନିର୍ଦ୍ଦିଷ୍ଟ ନାମ ଅଛି।

132 ତେବେ, *ପିତା* ଏକ ନାମ କି? କେତେ ଜଣ ଜାଣନ୍ତି ଯେ ପିତା ଏକ ନାମ ନୁହେଁ? ପିତା ଏକ ଉପାଧି ଅଟେ। *ପୁତ୍ର* ଏକ ନାମ ନୁହେଁ। କେତେ ଜଣ ଜାଣନ୍ତି ଯେ *ପୁତ୍ର* ଏକ ନାମ ନୁହେଁ? ଏଠାରେ କେତେଜଣ ପିତାମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ। ଏଠାରେ କେତେଜଣ ପୁତ୍ରମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ। ଆଚ୍ଛା, ଆପଣମାନଙ୍କ ମଧ୍ୟରୁ କାହାର ନାମ "ପୁତ୍ର" ରଖାଯାଇଛି? ଆପଣମାନଙ୍କ ମଧ୍ୟରୁ କାହାର ନାମ "ପିତା" ରଖାଯାଇଛି? ଠିକ ଅଛି, *ପବିତ୍ରଆତ୍ମା* ଏକ ନାମ ନୁହେଁ, *ପବିତ୍ରଆତ୍ମା* ତ ହେଉଛନ୍ତି ତାହା ଯାହାକି ସେ ଅଟନ୍ତି। ଏଠାରେ କେତେଜଣ ମଣିଷ ଅଛନ୍ତି? ନିଜର ହାତ ଉଠାନ୍ତୁ। ବୁଝିଲେ? ସେଠାରେ ଆପଣ ଅଛନ୍ତି, ପବିତ୍ରଆତ୍ମା ତ ହେଉଛନ୍ତି ତାହା ଯାହାକି ସେ ଅଟନ୍ତି। *ପିତା, ପୁତ୍ର,* ଏବଂ *ପବିତ୍ରଆତ୍ମା,* ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ନାମ ନୁହେଁ; ଏହା ସହିତ କୌଣସି ନାମ ନାହିଁ।

133 ତେବେ, ତାହାହେଲେ, ଯଦି ସେ କହିଥିଲେ, "ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ," ଉତ୍ତମ ହେବ ଯେ ଆମେମାନେ ଫେରିଯାଉ ଓ ଏହା ଖୋଜି ବାହାର କରୁ ଯେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମା କିଏ ଅଟନ୍ତି। ଆସନ୍ତୁ ତାହାହେଲେ ଆମେମାନେ ମାଥିଉର ୧ମ ପର୍ବକୁ ଫେରି ଯାଉ, ଓ ଦେଖୁ ଯେ ଏହି ବ୍ୟକ୍ତି ଜଣକ କିଏ ଥିଲେ ଯାହାଙ୍କର କେଉଁ ନାମରେ ଆମେ ବାପ୍ତିଜିତ ହେବା କଥା। ଆଉ ବର୍ତ୍ତମାନ ଆମେମାନେ ମାଥିଉ, ତାହାର ୧ମ ପର୍ବ, ଏବଂ ୧୮ତମ ପଦ ସହିତ ଆରମ୍ଭ କରୁ। ଆପଣମାନେ ସମସ୍ତେ, ଧ୍ୟାନ ସହକାରେ ପାଠ କରନ୍ତୁ।

134 ତେବେ, ଆପଣ ଯିଏକି ଏହି ପ୍ରଶ୍ନକୁ ପଚାରିଛନ୍ତି, ମୁଁ ଏଠାରେ ଏକ ଛୋଟ ଉଦାହରଣ ଦେବାକୁ ଚାହେଁ। ବର୍ତ୍ତମାନ ମୁଁ ଏଠାରେ ତିନୋଟି ଜିନିଷ ରଖିବାକୁ ଯାଉଛି ଯେପରିକି ଆପଣ ସ୍ପଷ୍ଟ ଭାବରେ ବୁଝିଯିବେ, (ଦୃଷ୍ଟାନ୍ତ ପ୍ରସ୍ତୁତ କରେ) ଏହି ବାଇବଲ ଏବଂ ପୁସ୍ତକଗୁଡ଼ିକ, ଚିତ୍ରଣ କରିବା ନିମନ୍ତେ।

135 ଠିକ୍ ଅଛି, ତେବେ ମୁଁ ଚାହେଁ ଯେ ଆପଣ ମୋତେ ଅତି ଧ୍ୟାନ ସହକାରେ ଲକ୍ଷ୍ୟ କରନ୍ତୁ, ଏବଂ ପ୍ରତ୍ୟେକ ଜଣ ମୋତେ ଅନୁସରଣ କରନ୍ତୁ। ବର୍ତ୍ତମାନ, ଏଠାରେ *ଏହା* ହେଉଛନ୍ତି ପିତା ପରମେଶ୍ୱର। ଏଠାରେ *ଏହା* ହେଉଛନ୍ତି ପୁତ୍ର ପରମେଶ୍ୱର। *ଏହା* ଏଠାରେ ହେଉଛନ୍ତି ପବିତ୍ରଆତ୍ମା ପରମେଶ୍ୱର। ବର୍ତ୍ତମାନ, କେତେ ଜଣ ବୁଝିଲେ? ଆପଣ ଏହାକୁ ମୋ ପଛରେ କୁହନ୍ତୁ। *ଏଠାରେ* ତଳେ କିଏ ଅଛନ୍ତି? [ମଣ୍ଡଳୀ କୁହନ୍ତି, "ପବିତ୍ରଆତ୍ମା"—ସମ୍ପା।] ପବିତ୍ରଆତ୍ମା। *ଏଠାରେ* ଉପରେ କିଏ ଅଛନ୍ତି? ["ପିତା।"] *ଏଠାରେ* ଏହା କିଏ ଅଟନ୍ତି? ["ପୁତ୍ର।"] ତେବେ, ସେହିଭଳି ଭାବରେ ତ୍ରିତ୍ତ୍ୱବାଦୀ ତାହା ବିଶ୍ୱାସ କରନ୍ତି, ଦେଖନ୍ତୁ, ତାହା ଆମକୁ ପ୍ରତିମାପୂଜକ କରିଥାଏ, ତାହା ଯେତିକି ସରଳ ଓ ସ୍ୱଷ୍ଟ ହୋଇପାରେ।

136 ସେହି ଯିହୂଦୀ; ସେହି କାରଣରୁ ହିଁ ଆପଣ ଜଣେ ଯିହୁଦୀ ସହିତ କିଛି କରିପାରନ୍ତି ନାହିଁ। ସେ କହିଲେ, "ତୁମେ ପରମେଶ୍ୱରଙ୍କୁ ତିନି ଖଣ୍ଡରେ କାଟି ଜଣେ ଯିହୁଦୀକୁ ଦେଇପାରିବ ନାହିଁ।" ମାତ୍ର, ନିଶ୍ଚିତ ଭାବରେ ନୁହେଁ, ଆପଣ ମୋତେ ମଧ୍ୟ ତାହା ଦେଇପାରିବେ ନାହିଁ। ବୁଝିଲେ? ନା, ଆଜ୍ଞା। ସେ ହେଉଛନ୍ତି ଏକ ପରମେଶ୍ୱର। ତାହା ଅବିକଳ ଠିକ୍। ତିନୋଟି ପରମେଶ୍ୱର ନୁହଁନ୍ତି। ତେବେ ଦେଖନ୍ତୁ ତାହା କିପରି—କିପରି—କିପରି ସରଳ ଅଟେ।

137 ବର୍ତ୍ତମାନ ଆମେ ଖୋଜିବାକୁ ଯାଉଛୁ। ତେବେ, କିଏ... *ଏହା* କିଏ ଅଟନ୍ତି? ବର୍ତ୍ତମାନ କେହି ଜଣେ କୁହନ୍ତୁ। ପରମେଶ୍ୱର ପୁତ୍ର। ଏହା ଠିକ୍ କି? *ଏହା* ହେଉଛନ୍ତି ପୁତ୍ର। ତେବେ, ତାହାହେଲେ ତାଙ୍କର ପିତା ପରମେଶ୍ୱର ଅଟନ୍ତି। କଅଣ ଏହା ଠିକ୍? କେତେ ଲୋକ ବିଶ୍ୱାସ କରନ୍ତି ଯେ ତାଙ୍କ ପିତା ପରମେଶ୍ୱର ଅଟନ୍ତି? ନିଜର ହାତ ଉଠାନ୍ତୁ। କେତେ ଲୋକ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ପିତା ଅଟନ୍ତି? ଠିକ୍ ଅଛି।

*ତେବେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଏହିପ୍ରକାରେ ହେଲା:...*

138 ବର୍ତ୍ତମାନ ଆମେ ଏହା ଖୋଜି ବାହାର କରିବାକୁ ଯାଉଛୁ ଯେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମା କିଏ ଅଟନ୍ତି, ଯାହାଙ୍କ ବିଷୟରେ ମାଥିଉ କହିଥିଲେ "ନାମରେ ବାପ୍ତିସ୍ମ ଦେବ।" ଦେଖନ୍ତୁ, ସେହି ନାମ; ତେବେ ନାମଗୁଡିକ ନୁହେଁ, କାରଣ ସେମାନେ ନାମଗୁଡିକ ହୋଇପାରନ୍ତି ନାହିଁ, କାରଣ ସେଠାରେ କୌଣସି ନାମ ହିଁ ନାହିଁ।

> *ତେବେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଏହିପ୍ରକାରେ ହେଲା: ତାହାଙ୍କ...ମାତା ମରିୟମଙ୍କର ଯୋଷେଫଙ୍କ ସହିତ ବିବାହନିର୍ବନ୍ଧ ହେଲା ପରେ, ସେମାନଙ୍କ ସହବାସ ପୂର୍ବେ, ସେ* ପିତା ପରମେଶ୍ୱରଙ୍କ *କର୍ତ୍ତୃକ ଗର୍ଭବତୀ ହୋଇଅଛନ୍ତି* ବୋଲି *ଜଣାପଡିଲା।* (କଅଣ ବାଇବଲ ତାହା କୁହେ? ବାଇବଲ କଅଣ କୁହେ?)...*ସେ ପବିତ୍ରଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଅଛନ୍ତି* ବୋଲି *ଜଣାପଡିଲା।*

139 ତେବେ *ଏମାନଙ୍କ* ମଧ୍ୟରୁ କେଉଁଟି ତାଙ୍କର ପିତା? ବର୍ତ୍ତମାନ, ବାଇବଲ କୁହେ ଯେ *ଏହା* ତାଙ୍କର ପିତା, ଏବଂ ଯୀଶୁ କହିଥିଲେ ଯେ *ଏହା* ତାଙ୍କର ପିତା। ତେବେ, ତାଙ୍କର ପିତା କିଏ

ଅଟନ୍ତି? ବର୍ତ୍ତମାନ, ଯଦି ତାଙ୍କର ଦୁଇଟି ପିତା ଥିଲେ, ତେବେ ଏହା ବିଷୟରେ କଅଣ? ଯଦି ତାଙ୍କର ଦୁଇଟି ପିତା ଥିଲେ, ସେ ଜଣେ ଅବୈଧ ସନ୍ତାନ ଅଟନ୍ତି।

140 ବର୍ତ୍ତମାନ ଆସନ୍ତୁ ଟିକିଏ ଆଗକୁ ପଢ଼ିବା:

*ଏଥିରେ ତାଙ୍କ ସ୍ୱାମୀ, ଯୋଷେଫ ଧାର୍ମିକ ଥିବାରୁ, ଏବଂ ତାଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ,* ଗୋପନରେ *ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ।*

*କିନ୍ତୁ ସେ ଏହା ମନସ୍ଥ କଲା ପରେ, ଦେଖ, ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ କହିଲେ, ହେ, ଦାଉଦଙ୍କ ସନ୍ତାନ, ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ: କାରଣ ତାଙ୍କର ଗର୍ଭ...କର୍ତ୍ତୃକ ହୋଇଅଛି* [ମଣ୍ଡଳୀ କୁହନ୍ତି, "ପବିତ୍ରଆତ୍ମା"—ସମ୍ପା।]

141 ତାହା *କଅଣ?* ପବିତ୍ରଆତ୍ମା? ତେବେ, ଗୋଟିଏ ସମୟରେ ପିତା କିପରି ଭାବରେ ତାଙ୍କର ପିତା ହୋଇପାରିବେ, ଏବଂ ପବିତ୍ରଆତ୍ମା ତାଙ୍କର ପିତା ହୋଇପାରିବେ? ତେବେ, ତାହାହେଲେ ତାଙ୍କର ଦୁଇଟି ପିତା ଥିଲେ, ଯଦି ତାହା ଠିକ୍ ହୁଏ। ନା, ଆଜ୍ଞା! ପବିତ୍ରଆତ୍ମା ପରମେଶ୍ୱର **ଅଟନ୍ତି।** ପବିତ୍ରଆତ୍ମା **ହେଉଛନ୍ତି ପରମେଶ୍ୱର।** ତେଣୁ ପରମେଶ୍ୱର ଏବଂ ପବିତ୍ରଆତ୍ମା ହେଉଛନ୍ତି ସେହି ଜଣେ ସମାନ ବ୍ୟକ୍ତି, ନତୁବା ତାଙ୍କର ଦୁଇଟି ପିତା ଥିଲେ।

142 ଦେଖନ୍ତୁ, କିଛି ସମୟ ପରେ, ଆମେ ଜାଣିବାକୁ ପାଇବା ଯେ *ଯୋହନ ଏବଂ ମରିୟମ* କିଏ ଅଟନ୍ତି। ଠିକ ଅଛି, ଆମେ ଜାଣିବାକୁ ପାଉ ଯେ ପିତର ଏବଂ ମାଥିଉ ପରସ୍ପରକୁ ବିରୋଧ କରିବାକୁ ଚେଷ୍ଟା କରୁଥିଲେ କି ନାହିଁ, ଦେଖନ୍ତୁ ଯେ ଶାସ୍ତ୍ର ନିଜକୁ ବିରୋଧ କରୁଅଛି କି। ଏହା ତ ଆତ୍ମିକ ବୁଝାମଣାର ଏକ ଅଭାବ ଅଟେ। ତାହା ଠିକ୍।

*କିନ୍ତୁ ସେ ଏହା ମନସ୍ଥ କଲା ପରେ...*

143 ମୁଁ ତାହା, ସେହି 20ତମ ପଦ ପାଇଲି। ବର୍ତ୍ତମାନ 21ତମ:

*ସେ ଏକ ପୁତ୍ର ପ୍ରସବ କରିବେ,...*(ଏହି ବ୍ୟକ୍ତି, *ଏମାନଙ୍କ* ମଧ୍ୟରୁ କିଏ? ଏକ ବ୍ୟକ୍ତି, ପରମେଶ୍ୱର।) ...*ଆଉ ତୁମ୍ଭେ* ତାହାଙ୍କ *ନାମ...*ଦେବ (କଅଣ?) [ମଣ୍ଡଳୀ ଉତ୍ତର ଦିଅନ୍ତି, "***ଯୀଶୁ***"—ସମ୍ପା।] ...*କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ।*

*...ଭାବବାଦୀଙ୍କ ଦ୍ୱାରା, ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ଯେପରି ସଫଳ ହୁଏ,... ଏଥିନିମନ୍ତେ ଏସମସ୍ତ ଘଟିଲା,*

*ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ, ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ ଦେବେ,...*ଏହି ନାମର ଅର୍ଥ, *ଆମ୍ଭମାନଙ୍କ ସହିତ ପରମେଶ୍ୱର।*

144 ତେବେ *ଯୋହନ ଏବଂ ମରିୟମ* କିଏ ଥିଲେ ଯିଏକି ଏହାପରେ ସବୁଦିନ ପାଇଁ ଖୁସିରେ ରହିଲେ? ସେହି ଜଣକ କିଏ ଥିଲେ ଯିଏକି କହିଥିଲେ, "ଅତଏବ, ତୁମ୍ଭେମାନେ ଯାଇ, ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ"? ପିତା କିଏ ଥିଲେ? ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମ କଅଣ ଥିଲା? [କେହିଜଣେ କୁହନ୍ତି, "ଯୀଶୁ ।"—ସମ୍ପା ।] ନିଶ୍ଚିତରେ, ଏହା ଥିଲା । ନିଶ୍ଚିତ, ଏଥିରେ କୌଣସି ବିରୋଧାଭାସ ନାହିଁ । ତିନେ ମାତ୍ର ନୁହେଁ । ଏହା କେବଳ ଶାସ୍ତ୍ରକୁ ସଳଖ କରିଦିଏ । ସେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମା ଥିଲେ । ପରମେଶ୍ୱର (ଇମ୍ମାନୁୟେଲ) ଆମ ସହିତ ବାସ କରିଥିଲେ, ଏକ ଶରୀରରେ ନିବାସ କରିଥିଲେ ଯାହାର ନାମ ଥିଲା "ଯୀଶୁ ।"

145 ବର୍ତ୍ତମାନ, ସେହି ଏକତ୍ତ୍ୱବାଦୀ ମଣ୍ଡଳୀର ଏକତ୍ତ୍ୱବାଦ ଶିକ୍ଷା, ମୁଁ ନିଶ୍ଚିତ ଭାବରେ ଏଥି ସହିତ ଅସହମତ ଅଟେ, ଏହା ଚିନ୍ତା କରିବାକୁ ଯେ ଯୀଶୁ ଜଣେ ଅଟନ୍ତି ଯେପରିକି ଆପଣଙ୍କର ଆଙ୍ଗୁଠି ଗୋଟିଏ ଅଟେ । ତାହାଙ୍କର ତ ଏକ ପିତା ରହିବାକୁ ଥିଲା । ଯଦି ତାହାଙ୍କର ନ ଥିଲା, ତେବେ ସେ କିପରି ଆପଣା ନିଜର ପିତା ହୋଇପାରିବେ? ଏବଂ ଯଦି ତାହାଙ୍କର ପିତା ଜଣେ ବ୍ୟକ୍ତି ଥିଲେ ଯେପରିକି ତ୍ରିତ୍ତ୍ୱବାଦୀ କୁହନ୍ତି, ତାହାହେଲେ ସେ ଦୁଇ ପିତାଙ୍କ ସହିତ ଏକ ଅବୈଧ ଭାବରେ ଜନ୍ମ ହୋଇଥିଲେ । ତେଣୁ, ଆପଣ ଦେଖନ୍ତୁ, ଆପଣ ଉଭୟେ ଯୁକ୍ତି କରିବା ଦ୍ୱାରା ଭୁଲ୍ ଅଟନ୍ତି । ବୁଝିଲେ?

146 କିନ୍ତୁ ଏହାର ସତ୍ୟ ହେଉଛି, ଯେ ଉଭୟ ପିତା, ପୁତ୍ର, ଏବଂ ପବିତ୍ରଆତ୍ମା, ଏକ ବ୍ୟକ୍ତିତ୍ୱ ଅଟନ୍ତି । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ...ଜଗତରୁ ପାପକୁ ନେଇଯିବା ପାଇଁ, ଏକ ମାଂସମୟ ଶରୀରରେ ବାସ କରିଥିଲେ । ତାହା ଅବିକଳ ଠିକ୍, "ଆମ୍ଭମାନଙ୍କ ସହିତ ପରମେଶ୍ୱର ।" ବର୍ତ୍ତମାନ, ତେଣୁ, ଯେତେବେଳେ ମାଥିଉ ୨୮:୧୨...

147 ବର୍ତ୍ତମାନ, ଆପଣ ଶାସ୍ତ୍ରଗୁଡ଼ିକୁ ଖୋଜନ୍ତୁ, ଏବଂ ଯେତେବେଳେ ଆପଣ ପାଇପାରିବେ ଯେ ବାଇବଲରେ କେଉଁଠାରେ ଜଣେ ବ୍ୟକ୍ତି...(ବର୍ତ୍ତମାନ ଏହା ବିଷୟରେ ଚିନ୍ତା କରନ୍ତୁ, ତେବେ ଏହାକୁ ନିଜ ଉପରୁ ଖସି ଯିବାକୁ ଦିଅନ୍ତୁ ନାହିଁ ।) ...କେଉଁଠାରେ ବାଇବଲରେ ଜଣେ ବ୍ୟକ୍ତି କେବେ "ପିତା," ଏବଂ "ପୁତ୍ର," ଓ "ପବିତ୍ରଆତ୍ମା" ଙ୍କ ନାମରେ ବାପ୍ତିଜିତ ହୋଇଥିଲେ, ମୋ ପାଖକୁ ଫେରି ଆସନ୍ତୁ ଏବଂ ମୋତେ କୁହନ୍ତୁ ଯେ ମୁଁ ଜଣେ କପଟୀ, ଆଉ ମୁଁ ମୋ ପିଠି ପଛରେ ଏକ ଚିହ୍ନପଟା ଲଗାଇ ସହରରେ ଗମନ କରିବି । ଆଦି ପୁସ୍ତକରୁ ପ୍ରକାଶିତ ବାକ୍ୟ ପର୍ଯ୍ୟନ୍ତ, ଏହା ଶାସ୍ତ୍ରରେ ନାହିଁ । ମାତ୍ର ବାଇବଲରେ ପ୍ରତ୍ୟେକ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ!

148 ଆପଣ କୁହନ୍ତି, "ପ୍ରଚାରକ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ଯୋହନଙ୍କ ବିଷୟରେ କଅଣ? ସେ ଆଦୌ କୌଣସି ନାମରେ ବାପ୍ତିସ୍ମ ଦେଇ ନ ଥିଲେ!"

149 ଠିକ ଅଛି, ଆମେ ଖୋଜି ପାଇବା ଯେ କଅଣ ଘଟିଥିଲା; ଆସନ୍ତୁ—ନ୍ତୁ ସେହି—ସେହି ପ୍ରେରିତ, ତାହାର ୧୯ଶ ପର୍ବକୁ ଯିବା । ସେହିଠାରେ ହିଁ ଅଟେ ଯେଉଁଠି ଆମେ ଯୋହନଙ୍କ

ଶିଷ୍ୟମାନଙ୍କୁ ପାଉ । ପ୍ରତ୍ୟେକ ବ୍ୟକ୍ତି ଏଠାରେ ଏପର୍ଯ୍ୟନ୍ତ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ, ଯେପର୍ଯ୍ୟନ୍ତକି ବର୍ତ୍ତମାନ ଆମେ ଏଠାରେ ଏହି ଗୋଷ୍ଠୀକୁ ପାଉ । ପ୍ରେରିତ, ତାହାର 19ଶ ପର୍ବ । ଏବଂ ଆସନ୍ତୁ ବର୍ତ୍ତମାନ ଆମେମାନେ ପାଠ କରିବାକୁ ଆରମ୍ଭ କରିବା, ଆଉ ଆମେ ଯୋହନଙ୍କ ଶିଷ୍ୟମାନଙ୍କୁ ପାଉ:

> *ଆପଲ୍ଲ* (ଯିଏକି ଜଣେ ପରିବର୍ତ୍ତିତ, ଓକିଲ ଥିଲେ)...*କରିନ୍ଥରେ ଥିବା, ସମୟରେ, ପାଉଲ ପୂର୍ବ ଅଞ୍ଚଳ ଦେଇ ଯାତ୍ରା* କରି...*ଏଫିସ ନଗରକୁ ଆସି: କେତେକ ଶିଷ୍ୟଙ୍କ* ଦେଖା ପାଇଲେ, (ସେମାନେ ଯୀଶୁଙ୍କ ଅନୁଗାମୀ ଥିଲେ)

150 ଯଦି ଆପଣ ତାହାର ପୂର୍ବରୁ ସେଠାରେ ସେହି ପର୍ବକୁ ଲକ୍ଷ୍ୟ କରିଥିବେ, ସେମାନଙ୍କର ଏକ ଅତି ସୁନ୍ଦର ସମୟ ଚାଲିଥିଲା ଏପରିକି ସେମାନେ ଉଚ୍ଚ ସ୍ୱରରେ ପାଟି ତୁଣ୍ଡ କରୁଥିଲେ ଓ ଆନନ୍ଦ କରୁଥିଲେ । କେତେଜଣ ଜାଣନ୍ତି ଯେ ତାହା ସତ୍ୟ ଅଟେ? ଆଉ ଆକ୍ୱିଲା ଓ ପ୍ରୀସ୍କିଲ୍ଲା ଏହି ସଭାରେ ଯୋଗ ଦେଇଥିଲେ । ପୁଣି ପାଉଲ ଓ ସିଲାଙ୍କୁ ମାଡ଼ ମାରି ଉଲଙ୍ଗ କରାଯାଇ, କାରାଗାରରେ ନିକ୍ଷେପ କରା ଯାଇଥିଲା । କଅଣ ଏହା ଠିକ୍ ଅଟେ? ଏବଂ ସେମାନେ ଏଠାକୁ ଆସି, ଆକ୍ୱିଲା ଏବଂ ପ୍ରୀସ୍କିଲ୍ଲାଙ୍କ ଦେଖା ପାଇଲେ । ଏବଂ ସେମାନଙ୍କର ସେଠାରେ ଉପରେ ଆପଲ୍ଲ ନାମକ, ଜଣେ ବାପ୍ଟିଷ୍ଟ ପ୍ରଚାରକ ଦ୍ୱାରା, ଉଦ୍ଦୀପନା ସଭା ଚାଲିଥିଲା, ଯିଏକି ଶାସ୍ତ୍ର ଦ୍ୱାରା ଏହା ପ୍ରମାଣ କରୁଥିଲେ ଯେ "ଯୀଶୁ ହିଁ ଖ୍ରୀଷ୍ଟ ଥିଲେ ।" ତେବେ ପାଉଲ ତାଙ୍କର ଦେଖା ପାଇଲେ:

> ...*ପାଉଲ ପୂର୍ବ ଅଞ୍ଚଳ ଦେଇ ଯାତ୍ରା* କରି...*ଏଫିସ ନଗରକୁ ଆସି:... କେତେକ ଶିଷ୍ୟଙ୍କ* ଦେଖା ପାଇଲେ,

> *ସେ ସେମାନଙ୍କୁ ପଚାରିଲେ, ବିଶ୍ୱାସ* କରିବା *ସମୟରେ କଅଣ ତୁମ୍ଭେମାନେ ପବିତ୍ରଆତ୍ମାଙ୍କୁ ପାଇଥିଲ କି?...*

151 ବର୍ତ୍ତମାନ, ହେ ପ୍ରିୟ ବାପ୍ଟିଷ୍ଟ ବନ୍ଧୁ ଆପଣ, ଯଦି ତାହା *ଆପଣଙ୍କର* ଧର୍ମଶାସ୍ତ୍ର ଜ୍ଞାନ ତଳୁ ସେହି—ସେହି ଆଧାରଗତ ସାହାରାକୁ ବାହାର ନ କରି ନିଏ, ଯେତେବେଳେ ଆପଣ କହିଥିଲେ ଯେ ଆପଣ "ସେତେବେଳେ ପବିତ୍ରଆତ୍ମା ପାଇଥିଲେ *ଯେତେବେଳେ* ଆପଣ ବିଶ୍ୱାସ କଲେ ।"

152 ମାତ୍ର ପାଉଲ ଏହି ବାପ୍ଟିଷ୍ଟମାନଙ୍କୁ ପଚାରିବାକୁ ଚାହିଁଲେ, "ବିଶ୍ୱାସ କରିବା *ସମୟରେ* କଅଣ ତୁମ୍ଭେମାନେ ପବିତ୍ରଆତ୍ମାଙ୍କୁ ପାଇଥିଲ?" ତେବେ ଦେଖନ୍ତୁ ସେମାନେ କଅଣ କହିଲେ:

> ...*ସେମାନେ ତାଙ୍କୁ ଉତ୍ତର ଦେଲେ, ନା ପବିତ୍ରଆତ୍ମା ଯେ ଦତ୍ତ ହୋଇଅଛନ୍ତି,... ତାହା ସୁଦ୍ଧା ଆମ୍ଭେମାନେ ଶୁଣି ନାହୁଁ ।*

*ତେଣୁ ସେ ପଚାରିଲେ, ତେବେ ତୁମ୍ଭେମାନେ କାହିଁରେ*...(ବର୍ତ୍ତମାନ, ଯଦି ଆପଣ ଏଠାରେ ଗ୍ରୀକ୍ ଲେକ୍ସିକନ୍ ଦେଖିବାକୁ ଚାହିଁବେ, ଏହା ଆପଣଙ୍କୁ ଦେଖାଇବ, "ତେବେ ତୁମ୍ଭେମାନେ *କିପରି* ବାପ୍ତିଜିତ ହୋଇଥିଲ?")...ତେବେ ତୁମ୍ଭେମାନେ *କାହିଁରେ*...ବାପ୍ତିଜିତ *ହୋଇଥିଲ? ଆଉ ସେମାନେ* କହିଲେ, ଏଠାରେ ଯୋହନଙ୍କ ଅଧୀନରେ । ଯୋହନ ଆମକୁ ବାପ୍ତିସ୍ମ ଦେଇଥିଲେ ।

153 ବର୍ତ୍ତମାନ ମୁଁ ପଚାରିବାକୁ ଚାହେଁ: ଯଦି ଆପଣଙ୍କର ସେହି ବାପ୍ତିସ୍ମ ହୋଇଥାଆନ୍ତା, କଅଣ ଆପଣ ଏଥିରେ ସନ୍ତୁଷ୍ଟ ହୋଇଥାଆନ୍ତେ କି? ସେହି ସମାନ ବ୍ୟକ୍ତି ଯିଏକି ଯୀଶୁଙ୍କୁ ନଦୀ ଭିତରକୁ ନେଇ, ଯୀଶୁ ଖ୍ରୀଷ୍ଟଙ୍କୁ ବାପ୍ତିସ୍ମ ଦେଇଥିଲେ, ଠିକ୍ ସେହି ସମାନ ବ୍ୟକ୍ତି ହିଁ ଏହି ଲୋକମାନଙ୍କୁ ବାପ୍ତିସ୍ମ ଦେଇଥିଲେ । ତାହା ଏକ ଖୁବ୍ ସୁନ୍ଦର ଭଲ ବାପ୍ତିସ୍ମ ଅଟେ: ଛିଞ୍ଚଣ ନୁହେଁ, ଢାଳିବା ନୁହେଁ, ମାତ୍ର ସେହି ପୁରୁଣା କାଦୁଅ ଥିବା ଯର୍ଦ୍ଦନର ସେହି ସ୍ଥାନରେ ବୁଡ଼ିତ ହୋଇଥିଲେ ଯେଉଁଠାରେ ଯୀଶୁ ବାପ୍ତିଜିତ ହୋଇଥିଲେ । ସେ ବିଷୟରେ ଚିନ୍ତା କରନ୍ତୁ ।

154 ପାଉଲ କହିଲେ, "ବିଶ୍ୱାସ କରିବା ସମୟରେ କଅଣ ତୁମ୍ଭେମାନେ ପବିତ୍ରଆତ୍ମାଙ୍କୁ ପାଇଥିଲ?" ସେମାନେ...ସେ...

ସେମାନେ କହିଲେ, "ନା ପବିତ୍ରଆତ୍ମା ଯେ ଦତ୍ତ ହୋଇଅଛନ୍ତି...ତାହା ସୁଦ୍ଧା ଆମ୍ଭେମାନେ ଶୁଣି ନାହୁଁ ।"

ସେ କହିଲେ, "ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ?"

ସେମାନେ କହିଲେ, "ଆମେ ବାପ୍ତିଜିତ ହୋଇଅଛୁ ।"

"ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ?"

"ଯୋହନଙ୍କ ଦେଇ!"

155 ବର୍ତ୍ତମାନ ଲକ୍ଷ୍ୟ କରନ୍ତୁ ଯେ ପାଉଲ କଅଣ କହିଲେ । ଏଠାରେ ଦେଖନ୍ତୁ:

*ସେଥିରେ ପାଉଲ ସେମାନଙ୍କୁ କହିଲେ,*...କଅଣ ତୁମେ ବାପ୍-...ଯୋହନଙ୍କ *ଦେଇ*...ଏବଂ ସେମାନେ...

ସେଥିରେ *ପାଉଲ କହିଲେ, ଯୋହନ ମନପରିବର୍ତ୍ତନର*...ବାପ୍ତିସ୍ମରେ ବାପ୍ତି-...ଦେଇ,...*ଲୋକମାନଙ୍କୁ କହୁଥିଲେ,* ...*ତାଙ୍କ ପରେ ଯେ ଆସିବେ, ତାହାଙ୍କଠାରେ,* ଅର୍ଥାତ୍ ଯୀଶୁ ଖ୍ରୀଷ୍ଟ*ଠାରେ ବିଶ୍ୱାସ କରିବାକୁ ହେବ* ।

156 ଦେଖନ୍ତୁ, ଯୋହନ କେବଳ ମନପରିବର୍ତ୍ତନ *ନିମନ୍ତେ* ବାପ୍ତିସ୍ମ ଦେଇଥିଲେ, କିନ୍ତୁ ଯୀଶୁଙ୍କ ନାମରେ ଜଳ ବାପ୍ତିସ୍ମ ପାପ କ୍ଷମା ନିମନ୍ତେ ଅଟେ । ପ୍ରାୟଶ୍ଚିତ ସେତେବେଳେ ପର୍ଯ୍ୟନ୍ତ କରାଯାଇ ନ ଥିଲା, ତେଣୁ ପାପଗୁଡ଼ିକ କ୍ଷମା କରାଯାଇପାରି ନ ଥିଲା । ତେବେ...ଏହା କେବଳ ବିବେକର ଏକ ଉତ୍ତର ଦିଆଯିବା ନିମନ୍ତେ ଥିଲା, ଯେପରିକି ବ୍ୟବସ୍ଥା ଅଧିନରେ ହୋଇଥାଏ । ଲୂକ 16:16, ବ୍ୟକ୍ତ କରେ, "ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର

ଯୋହନଙ୍କ ପର୍ଯ୍ୟନ୍ତ ପ୍ରଚଳିତ ଥିଲା, ସେହି ସମୟଠାରୁ ପରମେଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାରିତ ହେଉଅଛି ।" ତେବେ ଲକ୍ଷ୍ୟ କରନ୍ତୁ । ଏବଂ...ଦେଖନ୍ତୁ

> ଏବଂ ପାଉଲ *ସେମା- କହିଲେ*...(ବର୍ତ୍ତମାନ ଦେଖନ୍ତୁ)...*କଅଣ* ତୁମ୍ଭେମାନେ *ପାଇଥିଲ*...

157 ସେହି 5ମ—5ମ ପଦ:

> *ସେମାନେ* ଏହା *ଶୁଣି*...ଯୀଶୁ ଖ୍ରୀଷ୍ଟ *ନାମରେ* (ପୁନର୍ବାର) *ବାପ୍ତିଜିତ ହେଲେ ।*

158 କଅଣ ତାହା ଠିକ୍ ଅଟେ? ତାହାପରେ ଏହି ଲୋକମାନେ, ପ୍ରେରିତ 2 ରେ ଥିବା ସେହି ଲୋକମାନେ, ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ । ଯିହୂଦୀମାନେ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ । ବିଜାତିମାନେ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ । ଏବଂ ସମଗ୍ର ବାଇବଲରେ ପ୍ରତ୍ୟେକ ବ୍ୟକ୍ତି ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ ।

159 ତେବେ ଗୋଟିଏ ସ୍ଥାନ ଖୋଜି ବାହାର କରନ୍ତୁ ଯେଉଁଠାରେକି ଅନ୍ୟ କେହି କେବେ ଅନ୍ୟ କୌଣସି ଉପାୟରେ ବାପ୍ତିଜିତ ହୋଇଥିଲେ, ଆଉ ମୁଁ ଠିକ୍ ଏଠାକୁ ଫେରିଯିବି ଏବଂ ଆପଣଙ୍କୁ ଦେଖାଇବି ଯେଉଁଠାରେ କ୍ୟାଥୋଲିକ୍ ମଣ୍ଡଳୀ ଏହାକୁ ସ୍ୱୀକାର କରେ, ଓ କୁହେ ଯେ ଆପଣ ଏହାକୁ ପ୍ରଣାମ କରନ୍ତି । ଆଉ କୁହେ, "ସେଠାରେ କିଛି ପ୍ରୋଟେଷ୍ଟାଣ୍ଟ ଉଦ୍ଧାର ପାଇ ଥାଇପାରନ୍ତି କାରଣ ସେମାନଙ୍କ ପାଖରେ କିଛି କ୍ୟାଥୋଲିକ୍ ଶିକ୍ଷାଗୁଡିକ ରହିଛି, ଯେପରିକି 'ପିତା, ପୁତ୍ର, ଏବଂ ପବିତ୍ରଆତ୍ମା' ଙ୍କ ନାମରେ ବାପ୍ତିସ୍ମ; ଯାହାକି ପବିତ୍ର କ୍ୟାଥୋଲିକ୍ ମଣ୍ଡଳୀ ପାଖରେ ଏକ ଅଧିକାର ଅଛି ଯେ ସେ ସେହି ପବିତ୍ର କାର୍ଯ୍ୟକୁ ଯୀଶୁଙ୍କ ନାମରୁ ପରିବର୍ତ୍ତନ କରି, 'ପିତା, ପୁତ୍ର, ଏବଂ ପବିତ୍ରଆତ୍ମା,' ଙ୍କୁ କରି ଦେଇପାରେ ଏବଂ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଏହାକୁ ସ୍ୱୀକାର କରନ୍ତି ।" ଏହି ଗୋଟିକ ତ ନୁହେଁ, ମୁଁ ବାଇବଲ ସହିତ ରୁହେ । ମୁଁ ବାଇବଲକୁ ବିଶ୍ୱାସ କରେ ।

160 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣ ଲୋକମାନଙ୍କୁ ପୁନଃ ବାପ୍ତିଜିତ ହେବାକୁ ଆଦେଶ ଦିଅନ୍ତି କି?" ଅବଶ୍ୟ! ପାଉଲ ଏଠାରେ, କରିଥିଲେ ।

161 ତେବେ ଲକ୍ଷ୍ୟ କରନ୍ତୁ, ଆସନ୍ତୁ ଗାଲାତୀୟ 1:8 କୁ ନେବା, ଏବଂ ଦେଖିବା ଯେ ପାଉଲ କଅଣ କହିଲେ:

> *...ଆମ୍ଭେମାନେ କିମ୍ବା, ସ୍ୱର୍ଗଦୂତ ହେଲେ, ଯଦି କେହି ତଦଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ...ସେ ଶାପଗ୍ରସ୍ତ ହେଉ ।*

162 ଆପଣ ସେଠାରେ ଅଛନ୍ତି, "ଯଦି ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ।" ଏବଂ ପାଉଲ, ସେହି ସମାନ ବ୍ୟକ୍ତି, ଲୋକମାନଙ୍କୁ ସେହି ବାପ୍ତିସ୍ମରେ ପୁନର୍ବାର ବାପ୍ତିଜିତ ହେବା ନିମନ୍ତେ ଆଦେଶ ଦେଇଥିଲେ ଯାହାକି ତାହାଠାରୁ ଅଧିକ ଉତ୍ତମ ବାପ୍ତିସ୍ମ ଥିଲା ଯାହା ଆପଣଙ୍କର ରହିଥିଲା, ମୋ ଭାଇ; କାରଣ ବାପ୍ତିଜକ ଯୋହନ ଯୀଶୁଙ୍କର ନିଜର ମାଉସୀ ପୁଅ ଭାଇ, ସମ୍ପର୍କୀୟ

ମାଉସୀ ପୁଅ ଭାଇ ଥିଲେ; ସେ ନିଜ ସମ୍ପର୍କୀୟ ମାଉସୀ ପୁଅ ଭାଇଙ୍କୁ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେଇଥିଲେ, ଏବଂ ଠିକ୍ ବୁଲି ପଡ଼ି ଯୋହନଙ୍କ ଶିଷ୍ୟମାନଙ୍କୁ ବାପ୍ତିସ୍ମ ଦେଇଥିଲେ । ଆଉ ଯୀଶୁ କହିଥିଲେ, "ତାହା କାମ କରିବ ନାହିଁ!" ଅଥବା ପାଉଲ ତାହା କହିଥିଲେ, ଏବଂ ସେମାନଙ୍କୁ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଆଦେଶ ଦେଇଥିଲେ ଏହା ପୂର୍ବେକି ସେମାନେ ପବିତ୍ରଆତ୍ମା ଗ୍ରହଣ କରିପାରନ୍ତି; ତାହା ପୁଣି ସେମାନେ ଉଚ୍ଚ ପାଟି କରି ପରମେଶ୍ୱରଙ୍କୁ ପ୍ରଶଂସା କରିବା ପରେ ଏବଂ ବହୁତ ଉତ୍ତମ ସମୟ ଅତିବାହିତ କରିବା ପରେ ଥିଲା, ସେମାନଙ୍କର ଏକ ବହୁତ ବଡ଼—ବଡ଼ ଉଦ୍ଦୀପନା ଚାଲିଥିଲା, ଏବଂ ବାଇବଲ ଦ୍ୱାରା ପ୍ରମାଣିତ କରୁଥିଲେ (ସେମାନଙ୍କର ଧର୍ମଶାସ୍ତ୍ର ଜ୍ଞାନ ସହିତ) ଯେ ଯୀଶୁ ହିଁ ଖ୍ରୀଷ୍ଟ ଥିଲେ । କେତେଜଣ ଜାଣନ୍ତି ଯେ ତାହା ଶାସ୍ତ୍ର ଅଟେ? ସେହି ୧୯ତମ ପର୍ବ । ନିଶ୍ଚିତ ଭାବରେ ଏହା ଅଟେ । ଆପଣ ସେଠାରେ ଅଛନ୍ତି । ତେଣୁ ଏଥିରେ କୌଣସି ପ୍ରଶ୍ନ ନାହିଁ ।

163 ବର୍ତ୍ତମାନ ମୋତେ ଆପଣଙ୍କୁ ଏକ ଛୋଟ ମୁଖ୍ୟ ଟିପ୍ପଣୀ ଦେବାକୁ ଦିଅନ୍ତୁ । ତେବେ, ସେ କଦାପି କ୍ରମରୁ ବାହାରି ଗଲେ ନାହିଁ, ମାତ୍ର ଲୂକରେ…ମାଥିଉ, ତାହାର ୧୬ଶ ପର୍ବରେ । ଯୀଶୁ, ଯେତେବେଳେ ସେମାନେ ପର୍ବତରୁ ଓହ୍ଲାଇ ଆସିଲେ, ସେ ପଚାରିଲେ, "ମନୁଷ୍ୟପୁତ୍ର ଯେ ମୁଁ କିଏ ବୋଲି ଲୋକମାନେ କଅଣ କୁହନ୍ତି?"

164 "କେହି କେହି କୁହନ୍ତି ଆପଣ 'ଏଲିୟ,' ଏବଂ କେତେକ କୁହନ୍ତି ଆପଣ 'ଭବିଷ୍ୟଦ୍‌ବକ୍ତା,' ଏବଂ କେତେକ କୁହନ୍ତି ଆପଣ '*ଏହା, ତାହା* ।'"

165 ସେ କହିଲେ, "କିନ୍ତୁ ତୁମେମାନେ କଅଣ କହୁଅଛ?"

166 ପିତର କହିଲେ, "ତୁମ୍ଭେ ଖ୍ରୀଷ୍ଟ, ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର ।"

167 ଧ୍ୟାନ ଦିଅନ୍ତୁ! "ହେ ଶିମୋନ ବାର-ଜୋନା (ଯୁନସର ପୁତ୍ର), ତୁମ୍ଭେ ଧନ୍ୟ, କାରଣ ମାଂସ ଏବଂ ରକ୍ତ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ ।" ଆମେନ୍!

168 ଦେଖନ୍ତୁ, ଏହାକୁ ତ ଆତ୍ମିକ ପ୍ରକାଶନ ଦ୍ୱାରା ଆସିବାକୁ ଅଛି । ମାଂସ ଏବଂ ରକ୍ତ କେବେହେଲେ ହେବଲଙ୍କୁ କହି ନ ଥିଲା ଯେ ସେ ଭୁଲ୍ (କୟିନ, ଯେ ସେ ଭୁଲ୍ ଥିଲା), କେବେହେଲେ ହେବଲଙ୍କୁ କହିଲା ନାହିଁ "କୟିନ ଭୁଲ୍ ଥିଲା ।" କିନ୍ତୁ ଏହା ତ ଏକ ପ୍ରକାଶନ ଥିଲା ଯାହାକି ହେବଲଙ୍କ ପାଖରେ ଥିଲା, "ଏହା ରକ୍ତ ଥିଲା!" ଆମେ ଅଳ୍ପ କିଛି ମିନିଟରେ ସେହି ପ୍ରଶ୍ନକୁ ଆସୁଅଛୁ । ଏହା ରକ୍ତ ଥିଲା, ଫଳ ନୁହେଁ, ଯାହାକି ଆମକୁ ଏଦନ ଉଦ୍ୟାନରୁ ବାହାର କରି ଦେଇଥିଲା । "ଏହା ରକ୍ତ ଥିଲା," ଏବଂ ହେବଲଙ୍କ ଠାରେ, ଆତ୍ମିକ ପ୍ରକାଶନ ଦ୍ୱାରା, ପରମେଶ୍ୱରଙ୍କ ଦ୍ୱାରା ପ୍ରକଟିତ କରା ଯାଇଥିଲା ଯେ ଏହା ରକ୍ତ ଥିଲା, ଏବଂ ସେ, "ବିଶ୍ୱାସ ଦ୍ୱାରା," ଏବ୍ରୀ 11:1 କୁହେ, "ସେ କୟିନଙ୍କ ଅପେକ୍ଷା ପରମେଶ୍ୱରଙ୍କୁ ଏକ ଅଧିକ ଉତ୍କୃଷ୍ଟ ବଳି ଉତ୍ସର୍ଗ କରିଥିଲେ । ଯାହାକି, ପରମେଶ୍ୱର ତାଙ୍କର ବଳିଦାନକୁ ଗ୍ରହଣ କରିଥିଲେ ।" ଆପଣ ସେଠାରେ ଅଛନ୍ତି । ଦେଖନ୍ତୁ, ସେ ଏହାକୁ ବିଶ୍ୱାସ ଦ୍ୱାରା, ପ୍ରକାଶନ ଦ୍ୱାରା ଉତ୍ସର୍ଗ କଲେ ।

169 ତେବେ ଲକ୍ଷ୍ୟ କରନ୍ତୁ, "ମାଂସ ଏବଂ ରକ୍ତ ତୁମ୍ଭ ନିକଟରେ ଏହାକୁ ପ୍ରକାଶ କରି ନାହିଁ," (ଠିକ ପ୍ରଭୁ ଯୀଶୁଙ୍କ ନିକଟକୁ) "ବରଂ ମୋହର ସ୍ୱର୍ଗସ୍ଥ ପିତା ଏହାକୁ ତୁମ୍ଭଠାରେ ପ୍ରକାଶ କରିଅଛନ୍ତି। ପୁଣି ଏହି ପଥର ଉପରେ (ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶନ)...ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିପାରିବ ନାହିଁ।" ତାହାହିଁ ଅଟେ ଯାହା ସେ କହିଥିଲେ। ଆତ୍ମିକ ପ୍ରକା-..."ଏବଂ ମୁଁ କହୁଅଛି ଯେ ତୁମ୍ଭେ ପିତର, ଏବଂ ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି। ଏବଂ ଯାହା ବି ହେଉ...କାରଣ ତୁମ ପାଖରେ ଏଠାରେ ଏବଂ ସ୍ୱର୍ଗ ମଧ୍ୟରେ ଏକ ଆତ୍ମିକ ଖୋଲା ମାର୍ଗ ରହିଛି। ମାଂସ ଏବଂ ରକ୍ତ: ତୁମ୍ଭେ ତାହା କେବେ ଏକ ସେମିନାରୀରେ ଗ୍ରହଣ କରିନାହଁ, ତୁମ୍ଭେ କେବେ ଏକ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିନାହଁ, ତୁମ୍ଭେ କେବେ ବି ଏକ—ଏକ—ଏକ ଧର୍ମଶାସ୍ତ୍ର ଜ୍ଞାନର ଏକ ପାଠ୍ୟକ୍ରମ ଶିକ୍ଷାଲାଭ କରି ନାହଁ। ମାତ୍ର ତୁମ୍ଭେ ପରମେଶ୍ୱରଙ୍କ ଉପରେ ନିର୍ଭର କଲ, ଏବଂ ପରମେଶ୍ୱର ତୁମ୍ଭ ନିକଟରେ ଏହାକୁ ପ୍ରକାଶ କଲେ, ଏବଂ ଏହା ସଂପୂର୍ଣ୍ଣ ଭାବେ ସ୍ପଷ୍ଟ ଶାସ୍ତ୍ର ଅଟେ ଯାହାକି ଏହାକୁ ଏକାଠି ବାନ୍ଧିକି ରଖେ। ମୁଁ କହୁଛି ତୁମ୍ଭେ ପିତର, ତାହା ଠିକ୍, ଏବଂ ମୁଁ ତୁମ୍ଭକୁ କଞ୍ଚି ଦେବି; ଆଉ ତୁମ୍ଭେ ପୃଥିବୀରେ ଯାହାକିଛି ବନ୍ଦ କରିବ, ମୁଁ ଏହାକୁ ସ୍ୱର୍ଗରେ ବନ୍ଦ କରିବି; ପୁଣି ତୁମ୍ଭେ ପୃଥିବୀରେ ଯାହାକିଛି ମୁକ୍ତ କରିବ, ମୁଁ ଏହାକୁ ସ୍ୱର୍ଗରେ ମୁକ୍ତ କରିବି।"

170 ଏବଂ ପେଣ୍ଟିକଷ୍ଟ ଦିନରେ ପିତର ମୁଖପାତ୍ର ଥିଲେ, ଯେତେବେଳେ ସେମାନେ ସମସ୍ତେ କହିବାକୁ ଡରିଥିଲେ, ସେ କହି ଉଠିଥିଲେ, "ହେ ଯିହୁଦୀ ଲୋକେ ଓ ଯିରୂଶାଲମ ନିବାସୀସମସ୍ତେ, ଆପଣମାନେ ଏହା ଜ୍ଞାତ ହେଉନ୍ତୁ ଏବଂ ମୋହର କଥାରେ କର୍ଣ୍ଣପାତ କରନ୍ତୁ। କାରଣ ଆପଣମାନେ ଯେପରି ମନେ କରୁଅଛନ୍ତି, ଏମାନେ ସେପରି ମାତାଲ୍ ନୁହଁନ୍ତି, ଯେଣୁ ବର୍ତ୍ତମାନ ସମୟ ସକାଳ ନଅ ଘଣ୍ଟା ମାତ୍ର, କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି ଏ ସେହି ଘଟଣା। 'ଶେଷକାଳରେ ଏପରି ଘଟିବ ଯେ,' ପରମେଶ୍ୱର କୁହନ୍ତି, 'ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା। ସେଥିରେ ତୁମର ପୁତ୍ରକନ୍ୟାମାନେ ଭାବବାଣୀ କହିବେ। ଏବଂ ଆମ୍ଭେ ନିଜ ଦାସ ଉପରେ, ଦାସୀ ଉପରେ, ଆପଣା ଆତ୍ମା ବୃଷ୍ଟି କରିବା। ଆମ୍ଭେ ଉର୍ଦ୍ଧ୍ୱସ୍ଥ ଆକାଶରେ ନାନା ଅଦ୍ଭୁତ କର୍ମ ପୁଣି ଅଧଃସ୍ଥ ପୃଥିବୀରେ ନାନା ଲକ୍ଷଣ, ଅଗ୍ନି ଓ ନିବିଡ ଧୂମ ଦେଖାଇବା। ପ୍ରଭୁଙ୍କର ମହତ ଓ ଭୟଙ୍କର ଦିନ ଆସିବା ପୂର୍ବରୁ ଏହା ଘଟିବ, ଯେ ଯେକେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ ସେ ପରିତ୍ରାଣ ପାଇବ।'" ଆପଣ ସେଠାରେ ଅଛନ୍ତି। ଓଃ, ମୋର ପ୍ରଭୁ।

171 "ପିତୃକୂଳପତି ଦାଉଦଙ୍କ ବିଷୟରେ ମୁଁ ଆପଣମାନଙ୍କୁ ମୁକ୍ତ କଣ୍ଠରେ କହି ପାରେ ଯେ," ସେ କହିଲେ, "ସେ ମଲେ ପୁଣି ସମାଧିପ୍ରାପ୍ତ ହେଲେ, ଆଉ ତାଙ୍କର ସମାଧି ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କ ମଧ୍ୟରେ ଅଛି। ତଥାପି, ସେ ଭାବବାଦୀ ହେବାରୁ, ଦେଖିଲେ...ତାହାଙ୍କୁ ଦକ୍ଷିଣ ପାର୍ଶ୍ୱରେ ଦର୍ଶନ କରିଥିଲେ, 'ପୁଣି ଯେପରି ମୁଁ ବିଚଳିତ ନ ହୁଏ। ଆହୁରି ମୋହର ଶରୀର ମଧ୍ୟ ଭରସାରେ ବାସ କରିବ କାରଣ ସେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବେ

ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବେ ନାହିଁ ।'"

172 "ଆଉ ଦାଉଦ ଉଭୟ ମଲେ ।" ସେ କହିଲେ, "ପୁଣି ସମାଧିପ୍ରାପ୍ତ ହେଲେ, ଆଉ ତାଙ୍କର ସମାଧି ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କ ମଧ୍ୟରେ ଅଛି । ତଥାପି, ସେ ଭାବବାଦୀ ହେବାରୁ, ସେ ସେହି ଧାର୍ମିକ ବ୍ୟକ୍ତିଙ୍କ ଆଗମନ ବିଷୟ ଦେଖିଥିଲେ, ଯାହାଙ୍କୁ ପରମେଶ୍ୱର ଉଭୟ ପ୍ରଭୁ ଏବଂ ଖ୍ରୀଷ୍ଟ ପଦରେ ନିଯୁକ୍ତ କରିଅଛନ୍ତି ।" ଓଃ, ମୋର ପ୍ରଭୁ । ସେଠାରେ ଆପଣଙ୍କର ଶାସ୍ତ୍ର ଅଛି । ସେଠାରେ ସେହି ବିଷୟ ଅଛି । ତାହାହିଁ ଏହା ଅଟେ ।

173 ତେବେ, ବର୍ତ୍ତମାନ ଆମେ ଏଠାରେ ଏହା ପାଉ, ଯେ ସେହି ସଠିକ୍ ଉପାୟ, ଏବଂ ପ୍ରକୃତ ଉପାୟ, ଏବଂ ଏକମାତ୍ର ଉପାୟ ଯାହାକି କେବେ ନିରୂପଣ କରାଯାଇଥିଲା... ଏବଂ ପିତରଙ୍କର ପାଖରେ କଞ୍ଚି ଥିଲା, ଏବଂ ସେହି ଦିନ ଯେତେବେଳେ ସେ ପ୍ରଚାର କଲେ, ସେମାନେ କହିଲେ...ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଏଠାରେ ସେହି ପ୍ରଥମ ମଣ୍ଡଳୀ ଅଟେ । ଆପଣ କ୍ୟାଥୋଲିକମାନେ ଏହାକୁ ଶୁଣନ୍ତୁ । ଆପଣ କ୍ୟାମ୍ପବେଲାଇଟ୍ ମାନେ ଏହାକୁ ଶୁଣନ୍ତୁ । ଆପଣ ବାପ୍ଟିଷ୍ଟ ଏବଂ ମେଥୋଡିଷ୍ଟମାନେ ଏହାକୁ ଶୁଣନ୍ତୁ । ଏବଂ ଆପଣ ପେଣ୍ଟିକଷ୍ଟାଲମାନେ ଏହାକୁ ଶୁଣନ୍ତୁ । ଚର୍ଚ୍ଚ ଅଫ୍ ଗଡ, ନାଜରିନ୍‌ମାନେ, ପିଲଗ୍ରିମ୍ ହୋଲିନେସ୍, ଏହାକୁ ଶୁଣନ୍ତୁ ।

174 ପିତରଙ୍କର ପାଖରେ କଞ୍ଚି ଥିଲା, ଏବଂ ତାଙ୍କଠାରେ ଅଧିକାର ଥିଲା, ନତୁବା ଯୀଶୁ ମିଛ କହିଥିଲେ । ଏବଂ ତାହାଙ୍କ ପାଇଁ ମିଛ କହିବା ଅସମ୍ଭବ, "ଦୁଇଟି ଅଟଳ ବିଷୟ, ମିଛ କହିବା ପରମେଶ୍ୱରଙ୍କ ପକ୍ଷେ ଏହା ଅସମ୍ଭବ ଅଟେ ।" ତାଙ୍କ ପାଖରେ କଞ୍ଚି ଥିଲା । ଯୀଶୁ ତାଙ୍କୁ କଞ୍ଚି ଦେଇଥିଲେ । ଯେତେବେଳେ ସେ ସେହିଭଳି ଭାବରେ ତୃତୀୟ ଦିନରେ—ରେ ଉଠିଲେ, ତାହାଙ୍କ ପାଖରେ ମୃତ୍ୟୁ ଏବଂ, ନରକର କଞ୍ଚି ଥିଲା, ମାତ୍ର ରାଜ୍ୟର କଞ୍ଚି ନ ଥିଲା । ସେଗୁଡିକ ପିତରଙ୍କ ପାଖରେ ଥିଲା! ଏହା ସମ୍ପୂର୍ଣ୍ଣ ଠିକ୍ ଅଟେ ।

175 ଏବଂ ବର୍ତ୍ତମାନ ଦେଖ, ପିତର, ତୁମ ପାର୍ଶ୍ୱରେ ତୁମର କଞ୍ଚିଗୁଡ଼ିକ ଝୁଲୁଅଛି, ଏବଂ ତୁମେ ପ୍ରଚାର କରୁଅଛ । ପ୍ରଶ୍ନ ଆସେ, ନୂତନ ମଣ୍ଡଳୀର ପ୍ରଥମ ଧର୍ମ ପରିବର୍ତ୍ତନକାରୀ । ସେହି ଆରମ୍ଭିକ ଖ୍ରୀଷ୍ଟିଆନ ମଣ୍ଡଳୀ । ବର୍ତ୍ତମାନ କ୍ୟାଥୋଲିକ୍, ବର୍ତ୍ତମାନ ବାପ୍ଟିଷ୍ଟ, ମେଥୋଡିଷ୍ଟ, ପ୍ରେସ୍‌ବିଟେରିଆନ୍, କଅଣ ଆପଣ ନୂତନ ମଣ୍ଡଳୀର ଶିକ୍ଷାରେ ଅଛନ୍ତି କି? ଆପଣ ଦେଖନ୍ତୁ ଯେ ଆପଣ ଅଛନ୍ତି କି ନାହିଁ ।

> ...*ପୁରୁଷ ଓ ଭାଇମାନେ, ଆମ୍ଭେମାନେ କଅଣ କରି ପାରିବା?*
>
> ...*ପିତର* ଛିଡ଼ା ହୋଇ *କହିଲେ...ଆପଣମାନେ* ପ୍ରତ୍ୟେକ ଜଣ... *ମନପରିବର୍ତ୍ତନ କରନ୍ତୁ,...* (ପିଲା, ଧ୍ୟାନ ଦିଅ; ତୁମେ ଯେପରି ଭାବରେ ସେହି କଞ୍ଚିଗୁଡ଼ିକୁ ଏଠାରେ ଲଗାଉଅଛ, ଖ୍ରୀଷ୍ଟ ତାହାକୁ ସ୍ୱର୍ଗରେ ସେହିପରି ଭାବରେ ଲଗାଇବେ) ...ଆପଣମାନେ ପ୍ରତ୍ୟେକ ଜଣ, *ମନପରିବର୍ତ୍ତନ କରନ୍ତୁ,* ଏବଂ... *ଯୀଶୁ ଖ୍ରୀଷ୍ଟଙ୍କ ନାମରେ* ବାପ୍ତିଜିତ ହେଉନ୍ତୁ (ସେହିପରି ଭାବରେ ହଁ ଆପଣ

ଏଥିରେ ପ୍ରବେଶ କରନ୍ତି) ...*ନିଜ ନିଜର ପାପ କ୍ଷମା ନିମନ୍ତେ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ।*

176 କଞ୍ଚିଗୁଡ଼ିକ ଏଠାରେ "କ୍ଲିକ୍" କରି ଲଗାଗଲା, ଏବଂ ତାହା ସେଠାରେ "କ୍ଲିକ୍" ହୋଇଗଲା। ସେହି କାରଣରୁ ହିଁ ଯୋହନଙ୍କ ଶିଷ୍ୟମାନଙ୍କୁ ଆସିବାକୁ ପଡିଥିଲା ଏବଂ ପୁନର୍ବାର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ପୁନଃବାପ୍ତିଜିତ ହେବାକୁ ପଡିଥିଲା (ଏହାପୂର୍ବେକି ସେମାନେ ସ୍ୱର୍ଗକୁ ଯାଇପାରନ୍ତି), ପବିତ୍ରଆତ୍ମା ପ୍ରାପ୍ତ କରିବାକୁ ପଡିଥିଲା। ସେ ତାହାଙ୍କର ବାକ୍ୟ ପାଳନ କଲେ। ତେବେ ଏହା ବର୍ତ୍ତମାନ ଆପଣଙ୍କୁ ଦ୍ୱନ୍ଦ୍ୱରେ ନ ପକାଉ, କଅଣ ପକାଏ କି? ବୁଝିଲେ? ନିଶ୍ଚିତ ଭାବରେ, ମାଥିଉ ୨୪:୧୨ ଉପାଧିଗୁଡିକ ଥିଲା, ନାମ ନୁହେଁ।

177 ଠିକ୍ ଅଛି, ଆମେ ପାଖରେ ଆଉ କେତେ ସମୟ ଅଛି? କଅଣ ଆମେମାନେ ପ୍ରକୃତରେ ଶୀଘ୍ର କରି ଆଉ ଦୁଇଟି ପ୍ରଶ୍ନର ଉତ୍ତର ଦେବା ପାଇଁ ପନ୍ଦର ମିନିଟ୍ ସମୟ ନେଇପାରିବା କି? ଆମେ କରିପାରିବା କି? ଠିକ ଅଛି, ଆମେ ଅତି ଶୀଘ୍ର କରିବା। ମୋ ପାଖରେ ଏଠାରେ ତଳେ ଦୁଇଟି ରହିଛି, ମୁଁ ଶୀଘ୍ର ନେବାକୁ ଚାହେଁ, ଯଦି ଏହା ସମ୍ଭବ ହୁଏ, ତେବେ ଏଥି ସହିତ ଯୋଗ କରିଦେବି। ତାହାପରେ ବାକି ସମସ୍ତ ମୁଁ ରବିବାର ସକାଳେ ନେଇପାରେ।

**57. କଅଣ କୟିନ ସର୍ପର ଏକ ସନ୍ତାନ ଥିଲେ?** (ଏହା ଏକ ଭଲ ଅଟେ।) **ଯଦି ତାହା ଅଟେ, ତାହାହେଲେ ଆଦମ ହବାଙ୍କୁ ନ ଜାଣିବା ପର୍ଯ୍ୟନ୍ତ ସେ କାହିଁକି ଗର୍ଭଧାରଣ କଲେ ନାହିଁ?**

ସେହି ସମାନ...ପରବର୍ତ୍ତୀ ପ୍ରଶ୍ନ ମଧ୍ୟ ସେହି ସମାନ ପ୍ରକାର ଅଟେ:

**58. କଅଣ ଏହା ଏକ—ଏକ ଆକ୍ଷରିକ ବୃକ୍ଷ ଥିଲା ଯେଉଁଥିରୁ ହବା ଫଳ ଖାଇଥିଲେ? ସେ ଦେଖିଲେ ଯେ ଏହା ଖାଦ୍ୟ ନିମନ୍ତେ ସୁସ୍ୱାଦୁ ଥିଲା।**

178 ଠିକ୍ ଅଛି, ଭାଇ, ଭଉଣୀ, ଯେକେହି ବି ତାହା ଥିଲେ, ଆସନ୍ତୁ ଆମେ ପୁନର୍ବାର ଆଦିପୁସ୍ତକକୁ ଯିବା ଓ ଏଠାରେ କିଛି ଖୋଜି ଦେଖିବା। ଆସନ୍ତୁ ଆଦିପୁସ୍ତକ ୩:୪ କୁ ଯିବା, ଯଦି ଆପଣ ଚାହାଁନ୍ତି। ଠିକ ଅଛି, ଏବଂ ବର୍ତ୍ତମାନ ଅତି ଧ୍ୟାନ ସହକାରେ ଶୁଣନ୍ତୁ।

179 ବର୍ତ୍ତମାନ ମୁଁ କାହାଣୀକୁ ନେଇ ଆସିବି। ଏହା ସମସ୍ତ କିଛି ବିଶୁଦ୍ଧ ଏବଂ ପବିତ୍ର ଥିଲା, ସେଠାରେ କୌଣସି ପାପ କିମ୍ବା ଅପବିତ୍ରତା ନ ଥିଲା। ତେବେ ମୁଁ...ଆପଣଙ୍କର...ପ୍ରଥମେ ଏହି ପ୍ରଥମ ପ୍ରଶ୍ନଟିକୁ ନେବି। ଜୀବନରେ ବୃକ୍ଷ...ଉଦ୍ୟାନ ମଝିରେ, ବୃକ୍ଷମାନଙ୍କ ମଧ୍ୟରେ। ସେହି *ବୃକ୍ଷଟି* "ସେହି ନାରୀ" ଥିଲା। ବର୍ତ୍ତମାନ ମୁଁ ଆପଣମାନଙ୍କୁ ଶାସ୍ତ୍ର ଦ୍ୱାରା ପ୍ରମାଣ କରିବି ଯଦି ଆପଣ ଅଳ୍ପ କିଛି ମିନିଟ୍ ଧୈର୍ଯ୍ୟ ଧରି ରହିବେ।

180 ଆମେ ପ୍ରଥମେ ଦେଖିବା ଯେ ସେ ଥିଲେ କି...ଯେ ସେ ଆଦମଙ୍କୁ ଜାଣିବା ପୂର୍ବରୁ ଗର୍ଭଧାରଣ କରିଥିଲେ କି ନାହିଁ, କିମ୍ବା ଆଗରୁ...ଶୁଣନ୍ତୁ:

*ତହୁଁ ଦିନାବସାନ ସମୟରେ, ଉଦ୍ୟାନ ମଧ୍ୟରେ ଗମନାଗମନକାରୀ ସଦାପ୍ରଭୁ ପରମେଶ୍ୱରଙ୍କ ରବ ଶୁଣି: ଆଦମ ଓ ତାଙ୍କର ଭାର୍ଯ୍ୟା ସଦାପ୍ରଭୁ ପରମେଶ୍ୱରଙ୍କ ଛାମୁରୁ ଉଦ୍ୟାନରୁ ବୃକ୍ଷଗଣ ମଧ୍ୟରେ ଲୁଚିଲେ ।*

*ତହିଁରେ ସଦାପ୍ରଭୁ ପରମେଶ୍ୱର...ଆଦମଙ୍କୁ ଡାକି, କହିଲେ...ତୁମ୍ଭେ କେଉଁଠାରେ?*

*ସେ ଉତ୍ତର କଲେ, ମୁଁ ଉଦ୍ୟାନ ମଧ୍ୟରେ ତୁମ୍ଭ ରବ ଶୁଣି, ଆପଣା ଉଲଙ୍ଗତା ସକାଶେ, ଭୀତ ହୋଇ ଲୁଚିଲି;...* (ତେବେ, ସେ ଏହା ଦିନେ ପୂର୍ବରୁ ଜାଣି ନ ଥିଲେ; କିଛି ଗୋଟାଏ ଘଟିଥିଲା, ସେ ଉଲଙ୍ଗ ଅଟନ୍ତି ବୋଲି କିଛି ଗୋଟାଏ ତାହାଙ୍କୁ ପ୍ରକାଶ କରିଥିଲା) *ଏବଂ ମୁଁ ଲୁଚିଲି ।*

*ସେ କହିଲେ, ତୁମେ ଉଲଙ୍ଗ ଅଛ ଏହା କିଏ ତୁମ୍ଭକୁ ଜଣାଇଲା? ଆମ୍ଭେ ଯେଉଁ ବୃକ୍ଷ, ...ତାହା କି ତୁମ୍ଭେ ଖାଇଅଛ?*

181 କଅଣ ସେହି ବୃକ୍ଷରୁ ଖାଇବା ତାଙ୍କୁ ଅନୁଭବ କରାଇଲା ଯେ ସେ ଉଲଙ୍ଗ ଅଛନ୍ତି? ଯେପରିକି ମୁଁ ପ୍ରାୟତଃ କହିଅଛି, (ଏହା କୌଣସି ଥଟ୍ଟା ନୁହେଁ, ମୋର ଅଭିପ୍ରାୟ ଏକ ପରିହାସ କରିବା ପାଇଁ ନୁହେଁ) "ମାତ୍ର ଯଦି ସେଉ ଖାଇବା ଦ୍ୱାରା ସ୍ତ୍ରୀଲୋକମାନେ ଅନୁଭବ କରିଥିଲେ ଯେ ସେମାନେ ଉଲଙ୍ଗ ଅଟନ୍ତି, ତାହାହେଲେ ଉତ୍ତମ ହେବ ଯେ ଆମେ ପୁନର୍ବାର ସେଉଗୁଡିକୁ ବିତରିତ କରୁ ।" ବୁଝିଲେ? ଏହା ଏକ ଉଲଙ୍ଗ ନ ଥିଲା । ଏହା ଏକ ବୃକ୍ଷ ନ ଥିଲା, ଏକ ସେଉ ନ ଥିଲା ଯାହା ସେମାନେ ଖାଇଥିଲେ, ଏହା ତ ଯୌନ ସମ୍ବନ୍ଧୀୟ ଥିଲା । ଦେଖନ୍ତୁ:

*...ଆମ୍ଭେ ଯେଉଁ ବୃକ୍ଷର ଫଳ ଖାଇବାକୁ ନିଷେଧ କରିଥିଲୁ, ତାହା କି ତୁମ୍ଭେ* ଖାଇଅଛ?

*ଆଦମ କହିଲେ, ତୁମ୍ଭେ ଯେଉଁ ସ୍ତ୍ରୀଙ୍କି* ମୋହର *ସଙ୍ଗିନୀ ହେବାକୁ* ଦେଇଅଛ, *ସେ ମୋତେ ସେହି ବୃକ୍ଷର...ଦେଲେ, ତହିଁରେ ମୁଁ ଖାଇଲି ।*

*ସେତେବେଳେ ସଦାପ୍ରଭୁ...ନାରୀଙ୍କି କହିଲେ, ଏ କି କଲ? ନାରୀ କହିଲେ, ସର୍ପ ମୋତେ ଭୁଲାଇଲା,...*(ହୁ?)*...ସର୍ପ ମୋତେ ଭୁଲାଇଲା, ତହିଁରେ ମୁଁ ଖାଇଲି ।* (ଦେଖନ୍ତୁ, ଆଦମଙ୍କ ଦ୍ୱାରା, ଗର୍ଭଧାରଣ କରିବାର ବହୁ ସମୟ ପୂର୍ବରୁ)

182 ଆଦମ ତାଙ୍କୁ ଜାଣିଲେ, ଏବଂ ସେ ଗର୍ଭବତୀ ହୋଇ ହେବଲକୁ ପ୍ରସବ କଲେ—ପ୍ରସବ କଲେ ।

183 ମାତ୍ର ମୁଁ ଆପଣଙ୍କୁ, କେବଳ ଏକ ଆକ୍ଷରିକ ଦୃଷ୍ଟିକୋଣରୁ ପଚାରିବାକୁ ଚାହେଁ । ତେବେ ଆପଣମାନଙ୍କୁ ଏହା ପ୍ରମାଣ କରିବା ପାଇଁ ଯେ ସେ ସେହି ବୃକ୍ଷ ଥିଲେ, ପ୍ରତ୍ୟେକ ସ୍ତ୍ରୀଲୋକ ଏକ ଫଳ ବୃକ୍ଷ ଅଟନ୍ତି । କେତେ ଜଣ ତାହା ଜାଣନ୍ତି? କଅଣ ଆପଣ ନିଜର ମାତାର ଫଳ

ନୁହଁନ୍ତି କି? ନିଶ୍ଚିତରେ, ଆପଣ ଅଟନ୍ତି । "ଏବଂ ଫଳ ମଝିରେ, କିମ୍ବା ବୃକ୍ଷ ମଝିରେ, ସେହି ଫଳ ଯାହାକି ତାହାଙ୍କୁ ସ୍ପର୍ଶ କରିବାର ନ ଥିଲା ।"

184 ଯଦି ଆପଣ ଧ୍ୟାନ ଦେବେ, କଅଣ ଯୀଶୁ ଜୀବନର ବୃକ୍ଷ ନ ଥିଲେ କି? କଅଣ ସେ ସାଧୁ ମାଥିଉ, କିମ୍ବା ସାଧୁ ଯୋହନ, ତାହାର ୬ଷ୍ଠ ପର୍ବରେ ପ୍ରତିଜ୍ଞା କରି ନାହାଁନ୍ତି କି, "ମୁଁ ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଆଗତ ସେହି ଜୀବନର ରୋଟୀ"?

185 ଯଦି ଜଣେ ପୁରୁଷ ସ୍ତ୍ରୀଜାତ କୌଣସି ବିଷୟ ଖାଏ...ଏବଂ ଦେଖନ୍ତୁ, ଜନ୍ମ ମାଧ୍ୟମରେ... ସ୍ତ୍ରୀ ଦ୍ୱାରା, ଆମେ ସମସ୍ତେ ମରିବା; କାରଣ ଆମେ ସ୍ତ୍ରୀଙ୍କଠାରୁ ଏକ ଜନ୍ମ ମାଧ୍ୟମରେ ମୃତ୍ୟୁର ଅଧୀନରେ (ଏହା ଠିକ୍ କି?) ଅଟୁ । ପୁରୁଷଠାରୁ ଜନ୍ମ ମାଧ୍ୟମରେ, ଆମେ ସମସ୍ତେ ଚିରଦିନ ପାଇଁ ବଞ୍ଚି ରହିଥାଉ । ସ୍ତ୍ରୀ ହେଉଛି ମୃତ୍ୟୁର ଏକ ବୃକ୍ଷ, ପୁରୁଷ ହେଉଛି ଜୀବନର ଏକ ବୃକ୍ଷ; କାରଣ ସ୍ତ୍ରୀ ତା ନିଜ ମଧ୍ୟରେ ଜୀବନ ସୁଦ୍ଧା ଧାରଣ କରେ ନାହିଁ । ତାହା ଅବିକଳ ଠିକ୍ ଅଟେ । ଜୀବନର ସେହି—ସେହି ଜୀବାଣୁ ସଠିକ୍ ଭାବରେ, ପୁରୁଷଠାରୁ ବାହାରିଥାଏ । ସ୍ତ୍ରୀଙ୍କ ଭିତରକୁ ଯାଏ, ଏବଂ ସ୍ତ୍ରୀଲୋକଟି ଅଣ୍ଡା ଉଷୁମେଇବା ଇନକ୍ୟୁବେଟର ଯନ୍ତ୍ର ଛଡା ଆଉ କିଛି ନୁହେଁ; ପୁଣି ସେହି ଶିଶୁଟି ସଂଯୁକ୍ତ ନ ଥାଏ, କେବଳ ନାଭି ରଜ୍ଜୁ ସଂଯୁକ୍ତ ଥାଏ । ମାତାର ରକ୍ତର ଗୋଟିଏ ଟୋପା ସୁଦ୍ଧା ଶିଶୁରେ ନାହିଁ; ଯଦ୍ୟପି ତାହାର ରକ୍ତରେ ଜନ୍ମ ହୋଇଥାଏ, କିନ୍ତୁ ଶିଶୁ ଭିତରେ ଗୋଟିଏ ଟୋପା ସୁଦ୍ଧା ନ ଥାଏ । ଯାଇ ଖୋଜନ୍ତୁ...କିମ୍ବା ଡାକ୍ତର ପୁସ୍ତକ ପଢନ୍ତୁ, କିଅବା ନିଜର ଡାକ୍ତରଙ୍କୁ ପଚାରନ୍ତୁ, ଆପଣ ଦେଖିବେ । ଏହା ସେଠାରେ ନାହିଁ, ନା, ମହାଶୟ, ଏହାର ଗୋଟିଏ ଟୋପା ସୁଦ୍ଧା ଆଦୌ ନାହିଁ । ସେ ତ କେବଳ ଅଣ୍ଡା ଅଟେ, ତାହାହିଁ ସବୁକିଛି ଅଟେ । ଆଉ ଜୀବନ ସେହି ପୁରୁଷଠାରୁ ଆସିଥାଏ ।

186 ଏହା ତାହା ଦର୍ଶାଇବା ହେତୁ ଏକ ସୁନ୍ଦର ପ୍ରତିଚିତ୍ରଣ ଅଟେ ଯେ ସେହି ସ୍ତ୍ରୀ ମାଧ୍ୟମରେ, ପ୍ରାକୃତିକ ଜନ୍ମ ମାଧ୍ୟମରେ ଆମ ସମସ୍ତଙ୍କୁ ମରିବାକୁ ପଡିବ, କାରଣ ଆମେ ଆରମ୍ଭରୁ ହିଁ ମୃତ ଅଟୁ; ଏବଂ କେବଳ ସେହି ପୁରୁଷ ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ ହିଁ ଆମେ ବଞ୍ଚିପାରିବା । ଏବଂ ସେଠାରେ ଏଦନ ଉଦ୍ୟାନରେ ସେହି ଦୁଇଟି ବୃକ୍ଷ ଅଛନ୍ତି । କଅଣ ଆପଣ ଏହାକୁ ଦେଖିପାରୁ ନାହାଁନ୍ତି?

187 ଏବଂ ଲକ୍ଷ୍ୟ କରନ୍ତୁ! ଆଉ ସେହି ଦିନ ଜଣେ କିରୂବ ଏହି ବୃକ୍ଷକୁ ସୁରକ୍ଷା ପହରା ଦେଉଥିଲେ । ଯେ ଯଦି ସେମାନେ କେବେ ସେହି ଜୀବନ ବୃକ୍ଷକୁ ଆସ୍ୱାଦନ କରି ନିଅନ୍ତି, ସେମାନେ ସମସ୍ତେ ଚିରଦିନ ପାଇଁ ବଞ୍ଚିଯିବେ । କେତେ ଜଣ ତାହା ଜାଣନ୍ତି? ସେମାନେ ସମସ୍ତେ ଚିରଦିନ ପାଇଁ ଜୀବିତ ରହିବେ । ଏବଂ ପ୍ରଥମ ଥର ସେମାନେ ଏହାକୁ ଆସ୍ୱାଦନ କରିପାରନ୍ତି...ସେହି ଦୂତ କହିଲେ, "ଆମେ ଏହାକୁ ଜଗିବୁ ।" ଏବଂ ସେମାନେ ତାହାକୁ ଜଗି ରହିବା ନିମନ୍ତେ କିରୂବମାନଙ୍କୁ ସେହି ଜ୍ୱଳନ୍ତ ଖଡଗ ସହିତ ପୂର୍ବ ଦିଗରେ ସ୍ଥାପନ କଲେ । ସେମାନେ ଏହାକୁ ସେହି ପୂର୍ବ ଦିଗକୁ ନେଇଗଲେ, ଏବଂ ସେହି ବୃକ୍ଷକୁ ଜ୍ୱଳନ୍ତ ଖଡଗ ଦ୍ୱାରା

ଜଗି ରହିଲେ ଯେପରିକି ସେମାନେ ଏହାକୁ (ଏହି ବୃକ୍ଷ) ପାଇବା ନିମନ୍ତେ ଭିତରକୁ ପ୍ରବେଶ କରିପାରନ୍ତି ନାହିଁ ।

188 ଆଉ ଯୀଶୁ ଯେତେବେଳେ ଆସିଲେ, ସେ କହିଲେ, "ମୁଁ ଜୀବନର ରୋଟି, ଯେ ଜଣେ ଲୋକ ଯିଏ ଏହି ରୋଟିକୁ ଖାଏ କଦାପି ମରିବ ନାହିଁ ।" ସେଠାରେ ଆପଣଙ୍କର ବୃକ୍ଷ ଅଛି ।

189 ସେଠାରେ ଆପଣଙ୍କର ସ୍ତ୍ରୀ ଅଛି, ସେଠାରେ ଆପଣଙ୍କର ଯୌନବିଷୟ ଅଛି ଯାହା ମୃତ୍ୟୁକୁ ନେଇ ଆସିଥାଏ । ଯେତିକି ସୁନିଶ୍ଚିତ ଭାବରେ ଏକ ଯୌନ ଇଚ୍ଛା ରହିଅଛି, ସେତିକି ସୁନିଶ୍ଚିତ ଏହା ଦ୍ୱାରା ମୃତ୍ୟୁ ରହିଅଛି । ଏବଂ ଯେତିକି ସୁନିଶ୍ଚିତ ଭାବରେ ଏକ ଆତ୍ମିକ ଜନ୍ମ ରହିଅଛି, ସେତିକି ସୁନିଶ୍ଚିତ ସେଠାରେ ଏହା ଦ୍ୱାରା ଅନନ୍ତ ଜୀବନ ରହିଅଛି । ମୃତ୍ୟୁ ଏକ ନାରୀର ଜନ୍ମ ଦ୍ୱାରା ଆସିଲା, ଏବଂ ଜୀବନ ଏକ ପୁରୁଷର ଜନ୍ମ ଦ୍ୱାରା ଆସିଲା । ଆମେନ୍! ଆପଣ ସେଠାରେ ଅଛନ୍ତି ।

190 ତେବେ ଆସନ୍ତୁ ଆମେ କୟିନକୁ ନେବା । କଅଣ ଆପଣ ମୋତେ କହିପାରିବେ ଯେ ସେହି ଆତ୍ମା ଏବଂ ସେହି ନୀଚତା କେଉଁଠାରୁ ଆସିଥିଲା? ଯଦି କୟିନ...ଦେଖନ୍ତୁ, ଯଦି କୟିନ ଆଦମଙ୍କ ପୁତ୍ର ଥିଲେ ଯିଏକି ପରମେଶ୍ୱରଙ୍କ ପୁତ୍ର ଥିଲେ, ତେବେ ସେହି ମନ୍ଦତା କେଉଁଠାରୁ ଆସିଲା? ପ୍ରଥମ ବିଷୟ ଯେତେବେଳେ ସେ ଜନ୍ମ ହୋଇଥିଲା, ସେ ଘୃଣା କରିଥିଲା, ସେ ଜଣେ ନର ହତ୍ୟାକାରୀ ଥିଲା, ସେ ଈର୍ଷାଳୁ ଥିଲା । ଏବଂ ବର୍ତ୍ତମାନ ତାହାର ପିତାର ପ୍ରକୃତିକୁ ନିଅନ୍ତୁ, ଆରମ୍ଭରେ ଠିକ ମୂଳରୁ, ଲୁସିଫର୍, ଆଉ ସେ ଆରମ୍ଭରେ ଥିଲା...ସେ ମୀଖାୟେଲ୍ ପ୍ରତି ଈର୍ଷା କରିଥିଲା, ଯାହାକି ସମଗ୍ର ସମସ୍ୟାକୁ ଆରମ୍ଭ କଲା । କେତେ ଜଣ ତାହା ଜାଣନ୍ତି? ଏବଂ କୟିନ ତାହାର ପିତାର ପ୍ରକୃତି ଅନୁସାରେ ଥିଲା, ଯାହାକି ସେ ତାହାର ଭାଇ ପ୍ରତି ଈର୍ଷା କରି ତାହାକୁ ହତ୍ୟା କରିଥିଲା । ସେହି ବିଶୁଦ୍ଧ...ସେହି ପ୍ରକୃତି ସେହି ବିଶୁଦ୍ଧ ସ୍ରୋତରୁ ବାହାରି ଆସିପାରିବ ନାହିଁ । ଏହା ଆସେ...ତାହାକୁ ତ ଏହି ବିକୃତ ସ୍ରୋତରୁ ବାହାରି ଆସିବାକୁ ଥିଲା । ଏବଂ ଧ୍ୟାନ ଦିଅନ୍ତୁ କୟିନଙ୍କୁ, ଜନ୍ମ ହେବା ମାତ୍ରକେ ।

191 ଏବଂ ତେବେ ହେବଲ ତାହା ପରେ ଜନ୍ମ ହୋଇଥିଲେ, ସେତେବେଳେ ହବା ଆଦମଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ, ଆଉ ଆଦମ ହବାଙ୍କୁ ଜାଣିଲେ—ଜାଣିଲେ ଏବଂ ସେ ପୁତ୍ର ହେବଲକୁ ଜନ୍ମ ଦେଲେ । ଆଉ ହେବଲ ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ ଥିଲେ; ଏବଂ ଯେତେବେଳେ—ଯେତେବେଳେ ହେବଲଙ୍କୁ ହତ୍ୟା କରାଗଲା, ଶେଥ୍ ତାଙ୍କ ସ୍ଥାନରେ ଆସିଲେ; ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି, ଏବଂ ପୁନରୁତ୍‌ଥାନ, ପ୍ରତିରୂପରେ ।

192 କିନ୍ତୁ, ବର୍ତ୍ତମାନ, କୟିନ ଉପାସନା କଲେ; ତାଙ୍କର ସମସ୍ତ ଶାରୀରିକ କାର୍ଯ୍ୟମାନ, ଠିକ୍ ଯେପରିକି ଆଜି ଶାରୀରିକ ମଣ୍ଡଳୀ କରନ୍ତି: ସେମାନେ ମଣ୍ଡଳୀକୁ ଯାଆନ୍ତି, ସେମାନେ ଉପାସନା କରନ୍ତି । କୟିନ ଉପାସନା କଲା; ସେ ଜଣେ ଅବିଶ୍ୱାସୀ ନ ଥିଲା, ସେ ଜଣେ ସାମ୍ୟବାଦୀ ନ ଥିଲା । କୟିନ ଜଣେ ବିଶ୍ୱାସୀ ଥିଲା; ସେ ପରମେଶ୍ୱରଙ୍କ ନିକଟକୁ ଗଲା, ସେ ଏକ ଯଜ୍ଞବେଦୀ ନିର୍ମାଣ କଲା । ସେ ହେବଲ କରିଥିବା ପ୍ରତ୍ୟେକ ଧାର୍ମିକ କାର୍ଯ୍ୟ କରିଥିଲା,

ମାତ୍ର ତାହା ପାଖରେ ପରମେଶ୍ୱରଙ୍କ ଇଚ୍ଛାର ଆତ୍ମିକ ପ୍ରକାଶନ ନ ଥିଲା । ପ୍ରଭୁଙ୍କର ନାମକୁ ଧନ୍ୟ ହେଉ! ଆପଣ ସେଠାରେ ଅଛନ୍ତି । କଅଣ ଆପଣ ଏହା ଦେଖୁଛନ୍ତି? ତାହା ପାଖରେ ଆତ୍ମିକ ପ୍ରକାଶନ ନ ଥିଲା, ଏବଂ ତାହାହିଁ ଆଜି ମଣ୍ଡଳୀ ସହିତରେ ସମସ୍ୟା ରହିଛି । ଏବଂ ଯୀଶୁ କହିଥିଲେ ଯେ ସେ ଆପଣା ମଣ୍ଡଳୀକୁ ସେହି ଆତ୍ମିକ ପ୍ରକାଶନ ଉପରେ ତୋଳିବେ । କଅଣ ଆପଣ ଏହାକୁ ବୁଝିଲେ? ଓଃ, ମୋର ପ୍ରଭୁ, ଆପଣଙ୍କର ଆଖି ବର୍ତ୍ତମାନ ଖୋଲା ହୋଇଯିବା ଉଚିତ । ଦେଖନ୍ତୁ, ଆତ୍ମିକ ପ୍ରକାଶନ ।

193 କୟିନ ଆସିଲା: ସେ ଏକ ଯଜ୍ଞବେଦୀ ନିର୍ମାଣ କଲା, ସେ ଉପାସନା କଲା, ସେ ବଳିଦାନ ଆଣିଲା, ସେ ଆଣ୍ଠୁମାଡ଼ି, ପରମେଶ୍ୱରଙ୍କୁ ପ୍ରଶଂସା କଲା, ସେ ପରମେଶ୍ୱରଙ୍କୁ ଉପାସନା କଲା, ହେବଲ ଯାହା ଧାର୍ମିକ କାର୍ଯ୍ୟ କରିଥିଲେ ସେ ତାହା ସମସ୍ତ କାର୍ଯ୍ୟ କଲା । ଏବଂ ପରମେଶ୍ୱର ତାକୁ ସୀଧାସଳଖ ଅଗ୍ରାହ୍ୟ କରିଦେଲେ କାରଣ ତାହା ପାଖରେ ଆତ୍ମିକ ପ୍ରକାଶନ ନ ଥିଲା!

194 କୟିନର ସେହି ବଂଶାବଳୀକୁ ଅନୁସରଣ କରନ୍ତୁ: ଠିକ ଜାହାଜ ମଧ୍ୟରେ ଦେଇ, ଜାହାଜରୁ ସୀଧା ଇସ୍ରାଏଲ ପର୍ଯ୍ୟନ୍ତ, ଇସ୍ରାଏଲରୁ ନେଇ ଯୀଶୁଙ୍କ ପର୍ଯ୍ୟନ୍ତ, ଏବଂ ଯୀଶୁଙ୍କଠାରୁ ନେଇ ଠିକ୍ ଆଜି ପର୍ଯ୍ୟନ୍ତ; ଆଉ ଦେଖନ୍ତୁ ଯେ ସେହି ଶାରୀରିକ, ମୌଳିକବାଦୀ ମଣ୍ଡଳୀ, କଠିନ ଏବଂ ଟାଣୁଆ, ବିଦ୍ୱାନ, ମୋର କହିବାର ଅର୍ଥ ଯେଉଁମାନଙ୍କ ପାଖରେ ଶାସ୍ତ୍ର ଅଛି, ଯେଉଁମାନେକି ସମସ୍ତ ଶିକ୍ଷା ସିଦ୍ଧାନ୍ତ ଏବଂ ଧାର୍ମିକଶାସ୍ତ୍ର ଜ୍ଞାନ ଜାଣନ୍ତି, ପିଲାଏ, ସେମାନେ ଏହାକୁ ଠିକ୍ *ସେହିପରି* ଭାବରେ, ବୁଝାଇ ଦେଇପାରନ୍ତି, ମାତ୍ର ଆତ୍ମିକ ପ୍ରକାଶନ ବିନା! [ଭାଇ ବ୍ରାନହାମ୍ ତାଙ୍କର ଆଙ୍ଗୁଳିକୁ ଟିପି ଶବ୍ଦ କରନ୍ତି—ସମ୍ପା ।] ତାହା ଠିକ୍ । ତାହା ହେଉଛି କୟିନଙ୍କ ଶିକ୍ଷା ।

195 ବାଇବଲ କୁହେ, "ସେମାନଙ୍କ ଉପରେ ହାୟଃ! କାରଣ ସେମାନେ କୟିନଙ୍କ ଶିକ୍ଷା ପଛରେ ଗଲେ, ବିଲିୟାମର ତ୍ରୁଟିରେ ଚାଲିଲେ ଏବଂ କୋରହର ସ୍ୱାର୍ଥପର କଥାଗୁଡ଼ିକରେ ବିନଷ୍ଟ ହେଲେ ।" ସେହି ସମାନ ପୁସ୍ତକ, ଯିହୁଦା, ସେ କହିଲେ, "ଏହି ନିନ୍ଦା ପାଇଁ ସେମାନେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲେ ।" ନିଶ୍ଚିତ ଭାବରେ, ସେମାନେ ହୋଇଥିଲେ । ବୁଝିଲେ? ବିଲିୟାମ୍ କଅଣ ଥିଲେ? ସେ ଜଣେ ବିଶପ୍ ଥିଲେ । ସେ ସମସ୍ତ ମଣ୍ଡଳୀ ଉପରେ ମୂଖ୍ୟ ଥିଲେ । ସେ ଯେତିକି ସମ୍ଭବ ସେତିକି ମୌଳିକ ଭାବରେ ସେଠାକୁ ଆସିଥିଲେ । ସେ ବଳି ଉତ୍ସର୍ଗ କଲେ...ତାହାଙ୍କୁ ସେହି ଗଣ୍ୟମାନ୍ୟ ଲୋକମାନଙ୍କ ମଧ୍ୟରେ ଛିଡ଼ା ହୋଇଥିବାର, ସେମାନଙ୍କର ସେହି ମହାନ ଗଣ୍ୟମାନ୍ୟ ଲୋକମାନଙ୍କ ମଧ୍ୟରେ ସେଠାରେ ଛିଡ଼ା ହୋଇଥିବାର ଦେଖନ୍ତୁ । ଏବଂ ସେମାନେ ଅବିଶ୍ୱାସୀ ନ ଥିଲେ, ସେମାନେ ବିଶ୍ୱାସୀ ଥିଲେ ।

196 ସେହି—ସେହି ମୋୟାବର ଗୋଷ୍ଠୀ ଲୋଟଙ୍କ କନ୍ୟାଠାରୁ ବାହାରି ଆସିଥିଲା । ଲୋଟ ଯିଏକି ସହବାସ କରିଥିଲେ...ଲୋଟଙ୍କ କନ୍ୟା ଯିଏକି ନିଜର ପିତାଙ୍କ ସହିତ ସହବାସ କରିଥିଲା, ଏବଂ ଗର୍ଭବତୀ ହୋଇ ଏକ ସନ୍ତାନ ପ୍ରସବ କରିଥିଲା, ଏବଂ ସେହି ସନ୍ତାନଟି

ଥିଲା...ମୋୟାବର ଗୋଷ୍ଠୀ ଉତ୍ପନ୍ନ ହୋଇଥିଲା । ଆଉ ସେମାନେ ଏକ ମହାନ ନାମଧାରୀ ସଂସ୍ଥା ଥିଲେ । ମହାନ, ଉତ୍ତମ ବିଷୟ ବସ୍ତୁରେ ସୁସଜ୍ଜିତ ଲୋକ, ଏବଂ ସେମାନଙ୍କର ରାଜକୁମାର, ରାଜା ଓ ଗଣ୍ୟମାନ୍ୟ ଲୋକମାନେ ରହିଥିଲେ । ସେମାନଙ୍କର ବିଶପ୍ ଏବଂ କାର୍ଡିନାଲ୍ ଓ ସବୁକିଛି ରହିଥିଲା ।

197 ଏବଂ ଏଠାରେ ଅନ୍ୟ ଏକ ଦଳ, ଏକ ପବିତ୍ର ଧର୍ମୋନ୍ମତ୍ତ ଗୋଷ୍ଠୀ, ଇସ୍ରାଏଲ୍ ଆସିଥିଲେ; ଏକ ପୁରୁଣା ଛୋଟ ଗୋଷ୍ଠୀ ଯାହାକି ନାମଧାରୀ ନ ଥିଲେ, ଆନ୍ତଃନାମଧାରୀ ଥିଲେ । ଏବଂ ସେଠାରେ ମାନଚିତ୍ରରେ କରିବାକୁ ଥିବା ସମସ୍ତ ବିଷୟ ସେମାନେ କରିଥିଲେ, ଖରାପ ମଧ୍ୟ । ମାତ୍ର ଯାହା ଏହା ଥିଲା, ସେମାନଙ୍କ ପାଖରେ ଆତ୍ମିକ ପ୍ରକାଶନ ଥିଲା, ଏବଂ ପରମେଶ୍ୱର ସେମାନଙ୍କ ସହିତ ଏକ ଅଗ୍ନିସ୍ତମ୍ଭରେ ଥିଲେ ।

198 ଓଃ, ମୁଁ—ମୁଁ ଜାଣେ ଯେ ସେମାନଙ୍କର ଶାରୀରିକ ବିଷୟସବୁ ରହିଥିଲା, ଏବଂ ଲୋକମାନେ କହିଥିଲେ, "ସେପରି ପଶ୍ଚାତଗାମୀ ଲୋକମାନଙ୍କର ଏକ ଦଳ, ସେମାନଙ୍କୁ ତଡିଦେବା ଛଡା ଆଉ କିଛି କରିବାର ନାହିଁ ।" ମାତ୍ର ସେମାନଙ୍କ ପାଖରେ ଆତ୍ମିକ ପ୍ରକାଶନ ଥିଲା, ଏବଂ ସେମାନଙ୍କ ପାଖରେ ଏକ ପ୍ରହାରିତ ଶୈଳ ଥିଲା, ସେମାନଙ୍କ ପାଖରେ ଏକ ପିତ୍ତଳ ସର୍ପ ଥିଲା, ସେମାନଙ୍କ ସହିତରେ ଏକ ଅଗ୍ନିସ୍ତମ୍ଭ ସଙ୍ଗରେ ସଙ୍ଗରେ ଚାଲୁଥିଲା । ହାଲ୍ଲେଲୁୟା! ମୁଁ ଜାଣେ ଯେ ଆପଣ—ଆପଣ ଭାବୁଛନ୍ତି ଯେ ମୁଁ ଉତ୍ସାହିତ ଅଟେ, କିନ୍ତୁ ମୁଁ ନୁହେଁ । ମୁଁ କେବଳ ଭଲ ଅନୁଭବ କରୁଛି ।

199 ଧ୍ୟାନ ଦିଅନ୍ତୁ! ଯେତେବେଳେ ମୁଁ ଭାବେ, "ସେହି ସମାନ ପରମେଶ୍ୱର, ଆଜି, ଆମ ସହିତ ରହୁଛନ୍ତି ।" ଏହା ଆଜି ମଧ୍ୟ ବାକ୍ୟର ଆତ୍ମିକ ପ୍ରକାଶନ ଅଟେ । ନିଶ୍ଚିତ ଭାବରେ, ଏହା ଅଟେ । ଏହା ଅନନ୍ତକାଳୀନ ଠିକ୍ ଅଟେ । ପ୍ରଭୁଙ୍କର ନାମ ଧନ୍ୟ ହେଉ । ହଁ, ଆଜ୍ଞା ।

200 ଏଠାରେ ସେମାନେ ଛିଡ଼ା ହୋଇଛନ୍ତି, ସେହି ମୌଳିକବାଦୀ; ବାପ୍ଟିଷ୍ଟ ଏବଂ ପ୍ରେସ୍‌ବିଟେରିଆନ୍‌ମାନଙ୍କର ସେହି ସମୂହ ପାହାଡ ଉପରେ ଛିଡ଼ା ହୋଇଛନ୍ତି, ଏବଂ ସେମାନଙ୍କର ବିଶପ୍ ସେଠାରେ ବାହାରେ ଅଛନ୍ତି । ଏବଂ ସେମାନେ ମଧ୍ୟ ସେତିକି ଧାର୍ମିକ ଥିଲେ, ଏବଂ ସମାନ ପ୍ରକାରର ଧର୍ମ ଥିଲା, ସେମାନେ ସମାନ ପରମେଶ୍ୱରଙ୍କୁ ଉପାସନା କରିଥିଲେ । ସେମାନେ କହିଲେ, "ହେଇ ତଳେ ସେଠାରେ ସେହି ଆବର୍ଜନାର ସମୂହକୁ ଦେଖ । କାହିଁକି, ସେମାନଙ୍କର ତ ଏପରିକି ଏକ ନାମଧାରୀ ସଂସ୍ଥା ମଧ୍ୟ ନାହିଁ । ସେମାନେ ଆଉ କିଛି ନୁହଁ ବରଂ ପାଟିତୁଣ୍ଡ କରୁଥିବା, ଚିତ୍କାର କରୁଥିବା, ପବିତ୍ର ଧର୍ମୋନ୍ମତ୍ତ ଗୋଷ୍ଠୀ ଅଟନ୍ତି ।"

201 କଅଣ ତାହା ଠିକ୍ ଅଟେ? ପ୍ରକୃତରେ, ସେମାନେ ଥିଲେ । ଯଦି ଆପଣ ବିଶ୍ୱାସ କରୁନାହାଁନ୍ତି ଯେ ସେମାନେ ପବିତ୍ର ଧର୍ମୋନ୍ମତ୍ତ ଲୋକ ଥିଲେ, ତେବେ ଆଦିପୁସ୍ତକକୁ ଫେରିଯାଆନ୍ତୁ ଓ ଦେଖନ୍ତୁ ଯେତେବେଳେ ସେମାନେ ଅତିକ୍ରମ କରିଥିଲେ । ଏବଂ ଏକ ଆଶ୍ଚର୍ଯ୍ୟକର୍ମ ସାଧନ ହୋଇଥିଲା, ଆଉ ମରିୟମ ଏକ ଦାରାବାଦ୍ୟ ଧରି ସମୁଦ୍ର କୂଳରେ,

ତାହାକୁ ବଜାଇ ଚାଲିଲେ; ଆତ୍ମାରେ ନାଚିଲେ, ଓ ମୋଶା ଆତ୍ମାରେ ଗୀତ ଗାନ କଲେ । ଯଦି ତାହା ସେହି ଗୋଷ୍ଠୀ ନ ଥିଲା ଯାହାକୁ ଆମେ କହିଥାଉ ସ୍ୱଚ୍ଛନ୍ଦ...ପବିତ୍ର ଧର୍ମୋନ୍ମତ୍ତ, ମୁଁ ଜାଣେ ନାହିଁ ଯେ ତାହା କଅଣ ଅଟେ; ଗୀତ ଗାଇବା ଏବଂ ଡେଇଁବା ଓ ପ୍ରଶଂସା ସ୍ତୁତି କରିବା । ଏବଂ ସବୁ ସମୟରେ ଜାତିମାନେ ସେମାନଙ୍କୁ ଘୃଣା କରିଥିଲେ, କିନ୍ତୁ ପରମେଶ୍ୱର ସେମାନଙ୍କ ସହିତରେ ଥିଲେ । ସେମାନଙ୍କ ପାଖରେ ସେହି ଆତ୍ମିକ ପ୍ରକାଶନ ଥିଲା, ସେହି ଅଗ୍ନିସ୍ତମ୍ଭକୁ ଅନୁସରଣ କରୁଥିଲେ ।

202 ମୋୟାବ କହିଲା, "ବର୍ତ୍ତମାନ, ଏଠାରେ ଦେଖନ୍ତୁ । ଆମେ ସମସ୍ତ କାର୍ଡିନାଲ୍ ଏବଂ ସମସ୍ତ ବିଶପ୍‌ମାନଙ୍କୁ ଡାକିବା, ଆଉ ସମସ୍ତ ପ୍ରେସବାଇଟରମାନଙ୍କୁ, ଏବଂ ସେମାନଙ୍କୁ ଏଠାକୁ ଆଣିବା । ଆମେ ଏହା ବିଷୟରେ କିଛି କରିବା, କାରଣ ଆମେ ଏକ ଧାର୍ମିକ ଜାତି ଅଟୁ । ଆମେ ସେହି ଦୁଷ୍ଟଚାରକୁ ଆମର ଉତ୍ତମ ନାମଧାରୀ ସଂସ୍ଥା ସହିତରେ ମିଶ୍ରିତ ହେବାକୁ ଦେବା ନାହିଁ ।"

203 ଆଉ ତେଣୁକରି ସେମାନେ ସେମାନଙ୍କୁ ସେଠାକୁ ନେଇକି ଆସିଲେ । ପୁଣି ସେମାନେ ବାରଟି ଯଜ୍ଞବେଦୀ ନିର୍ମାଣ କଲେ: ତାହା ଠିକ୍ ସେହିପରି ହିଁ ଥିଲା ଯାହାକି ଇସ୍ରାଏଲର ରହିଥିଲା, ବାରଟି ଯଜ୍ଞବେଦୀ । ସେମାନେ ତାହା ଉପରେ ବାରଟି ବଳିଦାନ ରଖିଲେ, ବଳଦଗୁଡିକୁ; ଠିକ୍ ଯେପରି ଭାବରେ ଇସ୍ରାଏଲର ରହିଥିଲା, ଯାହା ପରମେଶ୍ୱର ଆବଶ୍ୟକ କରିଥିଲେ । ସେମାନେ ଏହା ଉପରେ ବାରଟି ମେଣ୍ଢା ରଖିଲେ, ଯାହାକି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଗମନକୁ ପ୍ରତିପାଦନ କରୁଥିଲା; ଉଭୟ ସ୍ଥାନରେ ବାରଟି ମେଣ୍ଢା ।

204 ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତିମାନେ, ବିଶପ୍ ଏବଂ ସମସ୍ତେ, ଚାରିଆଡେ ଛିଡା ହୋଇଥିଲେ । ସେମାନେ ବଳିଦାନରେ ହୋମ ଦେଲେ । ସେମାନେ ପ୍ରାର୍ଥନା କଲେ, ସେମାନେ ଯିହୋବାଙ୍କ ନିକଟରେ ହାତ ଉଠାଇ କହିଲେ, "ଯିହୋବା, ଆମର ଶୁଣ ।" ସେମାନେ କଅଣ କରିବାକୁ ଚେଷ୍ଟା କରୁଥିଲେ? ଏବଂ ସେମାନଙ୍କର ପୁରୁଣା ବିଲିୟାମ୍ ସେହିପରି ବାହାରକୁ ଗଲେ, ଏବଂ ଆତ୍ମା ତାହାଙ୍କ ଉପରକୁ ଅବତରଣ କଲେ । ନିଶ୍ଚିତରେ (କିନ୍ତୁ ସେ ଜଣେ ଶାରୀରିକ ଥିଲେ) ।

205 ବାଇବଲ କୁହେ, ଯେ ଆତ୍ମା ଜଣେ କପଟୀ ଉପରେ ଅବତରଣ କରିପାରେ । ତେବେ, ଆପଣ ମୋତେ ତାହା ପ୍ରଚାର କରିବା ଶୁଣିଛନ୍ତି । "ବର୍ଷା ଧାର୍ମିକ ଏବଂ ଅଧାର୍ମିକ ଉଭୟ ଉପରେ ପଡେ ।" ମାତ୍ର ଏହାକୁ ତ ବାକ୍ୟ ସହିତ ତୁଳନା କରିବାକୁ ଅଛି, ସେଠାରେ ହିଁ ଆପଣ ଏହାକୁ ପାଆନ୍ତି ।

206 ତାହାପରେ ଯେତେବେଳେ ସେ କଲେ, ଏବଂ ସେହି...ଯେତେବେଳେ ସେହି ଆତ୍ମା, ଯଦ୍ୟପି, ତାଙ୍କ ଉପରେ ରହି ସତ୍ୟ କହିଥିଲେ, ସେ ଇସ୍ରାଏଲକୁ ଅଭିଶାପ ଦେବାକୁ ଚେଷ୍ଟା କରିଥିଲେ, ମାତ୍ର ସେ ଇସ୍ରାଏଲକୁ ଆଶୀର୍ବାଦ କଲେ ।

207 ତେବେ, ଯଦି ପରମେଶ୍ୱର କେବଳ ଏକ ଉତ୍ତମ ମଣ୍ଡଳୀ, ଏବଂ ଜଣେ ଉତ୍ତମ ବିଶପ୍, ଓ ଜଣେ ଚମତ୍କାର ପାଳକଙ୍କୁ, ଏକ ପଣ୍ଡିତ ଲୋକମାନଙ୍କର ସମୂହକୁ ସମ୍ମାନ କରନ୍ତି, ତାହାହେଲେ ସେ ସେହି ବଳିଦାନକୁ ଗ୍ରହଣ କରିବା ନିମନ୍ତେ କର୍ତ୍ତବ୍ୟବଦ୍ଧ ହୋଇଥାଆନ୍ତେ, କାରଣ ସେ ମୌଳିକ ଭାବରେ ସେତିକି ସଠିକ୍ ଥିଲେ ଯେତିକି ସଠିକ୍ ଇସ୍ରାଏଲ୍ ଥିଲେ; କିନ୍ତୁ ତାଙ୍କ ପାଖରେ ବାକ୍ୟର ଏବଂ ପରମେଶ୍ୱରଙ୍କ ଇଚ୍ଛାର ଆତ୍ମିକ ପ୍ରକାଶନ ନ ଥିଲା । ଆପଣ ସେଠାରେ ଅଛନ୍ତି, ଆଜି ତାହାହିଁ ହେଉଛି ପାର୍ଥକ୍ୟ ।

208 ଯୀଶୁଙ୍କୁ ଦେଖନ୍ତୁ । ସେମାନେ କହିଲେ, "ସେହି ଲୋକଠାରୁ ଦୂର ହୁଅ । ଆମେ ଜାଣୁ ସେ ଜଣେ ଶମିରୋଣୀୟ ଅଟେ । ସେ ପାଗଳ ଅଟେ । କଅଣ ତୁମେ ଆମକୁ ଶିକ୍ଷା ଦେବ? ତେବେ, ତୁମେ ତ ବ୍ୟଭିଚାରରେ ଜନ୍ମ ହୋଇଛ । ତୁମେ ତ କିଛି ନୁହଁ ବରଂ କେବଳ ଆରମ୍ଭରୁ ହିଁ ଏକ ଅବୈଧ ସନ୍ତାନ ଅଟ । ତୁମର ବାପା କିଏ? କହୁଛ ପରମେଶ୍ୱର ତୁମର ପିତା ବୋଲି, ତୁମେ ଈଶ୍ୱରନିନ୍ଦକ! କାହିଁକି, ତୁମର ଅଭିପ୍ରାୟ ଆମକୁ କହିବାକୁ ଚାହୁଁଛ? ଆମେ ପ୍ରଚାରକ ରହିଆସିଛୁ, ଆମେ ବିଶପ୍ ରହିଆସିଛୁ; ଆମର ସାଆନ୍ତ-ସାଆନ୍ତ-ସାଆନ୍ତ-ସାଆନ୍ତ-ସାଆନ୍ତ-ସାଆନ୍ତ-ସାଆନ୍ତ-ଜେଜେବାପାଙ୍କ ମାଧ୍ୟମରେ ପ୍ରଚାରକ ଏବଂ ବିଶପ୍ ଥିଲେ । ଆମେ ଏହି ମଣ୍ଡଳୀରେ ଜନ୍ମ ହୋଇଛୁ ଓ ପାଳିତ ହୋଇଛୁ । ଆମେ ସର୍ବୋଚ୍ଚ ସେମିନାରୀଗୁଡ଼ିକ ଦେଇ ଆସିଅଛୁ । ଆମେ ପ୍ରତ୍ୟେକ ବାକ୍ୟ ଅକ୍ଷର ଅକ୍ଷରରେ ଜାଣିଛୁ । ଏବଂ ତୁମେ ଆମକୁ ଶିଖାଇବାକୁ ଚେଷ୍ଟା କରୁଛ? ତୁମେ କେବେ କେଉଁ ବିଦ୍ୟାଳୟକୁ ଯାଇଥିଲ? ତୁମେ କେଉଁଠାରୁ ଏହି ଶିକ୍ଷାଲାଭ କଲ?"

209 ସେ କହିଲେ, "ତୁମେ…ତୁମର ପିତା ଶୟତାନଠାରୁ ଅଟ," ଯୀଶୁ କହିଲେ ।

210 ସେମାନଙ୍କ ମଧ୍ୟରେ କୌଣସି ଚିହ୍ନ ଓ ଆଶ୍ଚର୍ଯ୍ୟ କର୍ମମାନ ନ ଥିଲା । ସେମାନଙ୍କ ମଧ୍ୟରେ କୌଣସି ଈଶ୍ୱରୀୟ ଆରୋଗ୍ୟତା ଏବଂ ବିଷୟସବୁ ନ ଥିଲା । ସେମାନଙ୍କ ମଧ୍ୟରେ କୌଣସି ଆଶୀର୍ବାଦମାନ ନ ଥିଲା । କିନ୍ତୁ ଯୀଶୁ ସମ୍ପୂର୍ଣ୍ଣ ଭାବେ ଶାସ୍ତ୍ରର ଏକ ଆତ୍ମିକ ପ୍ରକାଶନ ଥିଲେ ।

211 ସେମାନେ କହିଲେ, "କାହିଁକି, ଏହା ତ *ଅମୁକ-ଓ-ଅମୁକ* ଲେଖା ହୋଇଛି ।"

212 ଏବଂ ଯୀଶୁ କହିଲେ, "ହଁ, ଏବଂ ଏହା ମଧ୍ୟ ଲେଖା ହୋଇଛି ।" କିନ୍ତୁ ପରମେଶ୍ୱର ତାହାଙ୍କର ଲୋକକୁ ତାର ଚିହ୍ନମାନ ଦ୍ୱାରା ପ୍ରମାଣିତ କଲେ ।

213 ପ୍ରେରିତ 2 ରେ, ପିତର ସେହି ସମାନ କଥା କହିଥିଲେ, ସେ କହିଲେ, "ହେ ଇସ୍ରାଏଲୀୟ ଲୋକମାନେ; ନାଜରିତୀୟ ଯୀଶୁ, ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣମାନଙ୍କ ନିକଟରେ ପରମେଶ୍ୱରଙ୍କ ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଅଛନ୍ତି, ତାହାଙ୍କ ଦ୍ୱାରା ପରମେଶ୍ୱର ଯେ ଆପଣମାନଙ୍କ ମଧ୍ୟରେ ଏହିସମସ୍ତ କର୍ମ କରିଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତି ।" (ଆପଣ ସେଠାରେ ଅଛନ୍ତି) "ସେଠାରେ ଥିବା ସେହି ବଡ଼ ସାନହେଦ୍ରିନ୍ ପରିଷଦ ଦ୍ୱାରା…ଦ୍ୱାରା ପୂର୍ବ-…ସେ ଶତ୍ରୁ ହସ୍ତରେ ସମର୍ପିତ

ହୁଅନ୍ତେ । ମାତ୍ର ପରମେଶ୍ୱରଙ୍କ ନିରୂପିତ ସଂକଳ୍ପ ଦ୍ୱାରା, ସେ ସେହିପରି ମୃତ୍ୟୁବରଣ କରିବେ ବୋଲି ପରମେଶ୍ୱର ପୂର୍ବାଜ୍ଞାନୁସାରେ ତାହା ସ୍ଥିର କରିଥିଲେ । ଆପଣମାନେ ତାହାଙ୍କୁ ଅଧାର୍ମିକମାନଙ୍କ ଏବଂ ଦୁଷ୍ଟ ହସ୍ତ ଦ୍ୱାରା ସମର୍ପଣ କରିଥିଲେ । ଆପଣମାନେ ଜୀବନର ରାଜକୁମାରଙ୍କୁ କ୍ରୁଶାରୋପଣ କରି ବଧ କରିଥିଲେ, ଯାହାକୁ ପରମେଶ୍ୱର ଉଠାଇଅଛନ୍ତି । ଏବଂ ଆମେ ତାହାର ସାକ୍ଷୀ ଅଟୁ ।"

214 ହ୍ୟୁ, କି ଜଣେ ପ୍ରଚାରକ! ନ ଥିଲେ…ସେ ନିଜ ନାମ ସୁଦ୍ଧା ଦସ୍ତଖତ କରିପାରି ନ ଥିଲେ, ମାତ୍ର ସେ ପରମେଶ୍ୱରଙ୍କୁ ଜାଣିଥିଲେ । ସେମାନେ କହିଲେ ଯେ ସେମାନେ "ତାହା ଜାଣିପାରିଥିଲେ ଯେ ସେ ଯୀଶୁଙ୍କ ସହିତରେ ରହିଥିଲେ ।" ନିଶ୍ଚିତ ଭାବରେ, ଏହା ଏକ ଆତ୍ମିକ ପ୍ରକାଶନ ଅଟେ । ଓଃ, ମୋର ପ୍ରଭୁ । ବର୍ତ୍ତମାନ, ଆପଣ ସେଠାରେ ଅଛନ୍ତି ।

215 କୟିନ ଠିକ୍ ସେହି ବଂଶାବଳୀରେ ଥିଲା, ସେହି ସାଂସାରିକ ମଣ୍ଡଳୀ ଆଜି ଠିକ୍ ସେହି ସମାନ ଧାରାରେ ଅଛି । ଆତ୍ମିକ ମଣ୍ଡଳୀ ପାଖରେ ଏବେ ମଧ୍ୟ ଅଗ୍ନିସ୍ତମ୍ଭ ରହିଛି, ଏବେ ମଧ୍ୟ ଚିହ୍ନମାନ, ଚମତ୍କାର ଅଛି, ଏବେ ମଧ୍ୟ ସେହି ସମାନ ଖ୍ରୀଷ୍ଟ ଅଛନ୍ତି; ଯାହାକି ସେହି ହତ ହୋଇଥିବା ମେଷଶାବକଙ୍କଠାରୁ ଆରମ୍ଭ କରି, ପୁଣି ଏଦନ ଉଦ୍ୟାନରେ ନେଇ, ମେଷଶାବକଙ୍କ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ସମସ୍ତ ବିଷୟକୁ ସୁପ୍ରମାଣିତ କରେ । ଅବିକଳ ଭାବେ, ଗତକାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି ।

216 ଏବଂ କୟିନର ସେହି ବଂଶାବଳୀ, ଧାର୍ମିକ ଏବଂ ସୁସଂସ୍କୃତ ଏବଂ ବିଦ୍ୱାନ, ଠିକ୍ ତଳକୁ ସମାନ ଅଟନ୍ତି; ଠିକ୍ ସେହିପରି ସମାନ, ପ୍ରତ୍ୟେକ ଦିନ ଠିକ୍ ସେହି ସମାନ ଅଟନ୍ତି । ସମାଲୋଚକ ଏବଂ ନିର୍ଯାତକମାନେ, ଯେପରି କୟିନ ହେବଲର ଥିଲା, ଠିକ୍ ସେହିପରି ସେମାନେ ଆଜି ଅଟନ୍ତି, ଓ ରହି ଆସିଛନ୍ତି ଆଉ ସର୍ବଦା ରହିଥିବେ; ଶାରୀରିକ, ଅବିଶ୍ୱାସୀ । ତାହା ଠିକ୍ ।

217 ବର୍ତ୍ତମାନ ଆଦିପୁସ୍ତକ ୩:୪, ଏବଂ ମୁଁ ଏଠାରେ 20 କୁ ମଧ୍ୟ ରଖେ, ମୁଁ କିଛି ସମୟ ପୂର୍ବରୁ ଦେଖୁଥିଲି:

> *ଅନନ୍ତର ଆଦମ ନାମ ଦେଲେ…ଆଦମ ଆପଣା* ଭାର୍ଯ୍ୟାର *ନାମ…ହବା ଦେଲେ; ଯେହେତୁ ସେ ଜୀବିତ ସକଳର ମାତା ହେଲେ ।* (ଦେଖନ୍ତୁ, ତାହା ଏହି ପ୍ରତାରଣା ଆଗରୁ ହୋଇସାରିବା ପରେ ଥିଲା)

218 କୟିନ ଥିଲା…"ତେବେ ଅପେକ୍ଷା କରନ୍ତୁ!" ଆପଣ କୁହନ୍ତି, "କିପରି ଏକ ସାପ, ଏକ ସର୍ପ ହୋଇପାରେ?"

219 କିନ୍ତୁ, ଭାଇ, ଏଠାରେ ଦେଖନ୍ତୁ, ବାଇବଲ କୁହେ ନାହିଁ ଯେ ସେ ଏକ ସର୍ପ ଥିଲା; ବାଇବଲ କୁହେ, "ସେ କ୍ଷେତ୍ରର ସମସ୍ତ ପଶୁମାନଙ୍କ ମଧ୍ୟରୁ ସବୁଠାରୁ ଧୂର୍ତ୍ତ ଥିଲା ।" ସେ ସରୀସୃପ ନ ଥିଲା, ସେ ଏକ ପଶୁ ଥିଲା । ସେ ଜଣେ…ଏବଂ ସେଠାରେ…

220 ଏବଂ ଯଦି ଆପଣ ଚାହାଁନ୍ତି, ମୋତେ କେବଳ ଆପଣମାନଙ୍କୁ ଏହାକୁ ଆମମାନଙ୍କ ମଧ୍ୟରେ ଏକ ଛୋଟ ଚିହ୍ନ ଭାବରେ ଉପସ୍ଥାପଣ କରିବାକୁ ଦିଅନ୍ତୁ । ସେହିଠାରେ ହିଁ ଯେଉଁଠାରେକି ବିଜ୍ଞାନ ସର୍ବପ୍ରକାରେ ମିଶ୍ରିତ ଅଟେ । ଜଣେ ମନୁଷ୍ୟର ସବୁଠାରୁ ନିକଟତମ ଭାବରେ ସେମାନେ ଯାହା ପାଇପାରନ୍ତି, ତାହା ଏକ ଶିମ୍ପାଜି ଅଟେ । କେତେ ଜଣ ତାହା ଜାଣନ୍ତି? କିନ୍ତୁ ସେଠାରେ ତାହାର ମଝିରେ କିଛି ଗୋଟାଏ ଅଛି । ସେମାନେ ଶିମ୍ପାଞ୍ଜିର ହାଡ଼କୁ ସେହି ମନୁଷ୍ୟର ହାଡ଼ ସହିତ ମିଶାଇ ପାରନ୍ତି ନାହିଁ, ତଥାପି ଏହା ସବୁଠାରୁ ନିକଟତମ ଜିନିଷ ଅଟେ । ସେମାନେ ତାହାକୁ ଏକ ବେଙ୍ଗଛୁଆରୁ ଆଣିପାରନ୍ତି । ସେମାନେ ତାହାକୁ ଏକ ବେଙ୍ଗପୁଟୁକୀରୁ ଆଣିପାରନ୍ତି । ସେମାନେ ତାହାକୁ ପଶୁ ଏବଂ ପ୍ରତ୍ୟେକ ପଶୁଙ୍କ ନିକଟକୁ ଆଣିପାରନ୍ତି । ସେମାନେ ତାହାକୁ ଏକ ଭାଲୁକୁ ଆଣିପାରନ୍ତି । ଆପଣ ଏକ ଭାଲୁ ନେଇ ତାହାର ଚର୍ମକୁ କାଢି ଦିଅନ୍ତୁ, ଏହା ଏକ ଛୋଟ ସ୍ତ୍ରୀ ପରି ଅଟେ । ଠିକ ସେହି ସମାନ ଅଟେ । ତାକୁ ନିଅନ୍ତୁ ଏବଂ ସବୁକିଛି, ସେମାନଙ୍କୁ ସେଠାରେ ଛିଡ଼ା କରନ୍ତୁ, ଏବଂ ସେହି ସ୍ତ୍ରୀର ଚର୍ମକୁ ସେହିପରି କାଢ଼ନ୍ତୁ...ସେହି ସ୍ତ୍ରୀକୁ ସେପରି ଛିଡ଼ା କରନ୍ତୁ । ଏହା ଠିକ୍ ସେହି ସମାନ ଅଟେ ଯେପରିକି ଏକ—ଯେପରିକି ଏକ—ଯେପରିକି ଏକ ଭାଲୁ ଅଟେ । ପାଦଗୁଡିକ ସେହି ସମାନ ଭାବରେ ରହିଥାଏ, ଏବଂ ହାତଗୁଡିକ ଠିକ ଏହିପରି ଭାବରେ ଥାଏ, ଠିକ ଜଣେ ମନୁଷ୍ୟ ପରି । ମାତ୍ର ଗୋଟିଏ ଶିମ୍ପାଞ୍ଜି ତାହାଠାରୁ ଅଧିକ ନିକଟବର୍ତ୍ତୀ ଅଟେ । ଏହା ପ୍ରାୟତଃ ଅଟେ, କିନ୍ତୁ ସେମାନେ ଏହାକୁ ପାଇପାରନ୍ତି ନାହିଁ ।

221 ଏଠାରେ ଏକ ଛୋଟ ରହସ୍ୟ ଅଛି, ଯଦି ଆପଣ ଏହା ଜାଣିବାକୁ ଚାହାଁନ୍ତି । କଅଣ ଆପଣ ଜାଣିଛନ୍ତି ଯେ ଏହା କେଉଁଠାରେ ଅଛି? ଏହା ସେମାନଙ୍କଠାରୁ ଲୁଚି ରହିଛି । ସେମାନେ ଯେତେ ଚାହାଁନ୍ତି ସମସ୍ତ ଅସ୍ଥିଗୁଡିକୁ ଖୋଳିପାରନ୍ତି । ସେମାନେ ଖୋଳି ପାରନ୍ତି... ପୁରାତତ୍ତ୍ୱବିଦମାନେ ଖୋଳିପାରନ୍ତି, ଏବଂ ବିଜ୍ଞାନ, ଏବଂ ସେହି—ଏବଂ ସେହି ଆୟୁ ନିର୍ଦ୍ଧାରକମାନେ ପରମାଣୁ ମାପ ସହିତ ସମୟର ମାପଦଣ୍ଡକୁ ମାପିପାରନ୍ତି, କିନ୍ତୁ ସେମାନେ ଏହାକୁ କେବେବି ପାଇବେ ନାହିଁ । କାରଣ ତାହା ତ ସର୍ପ ଥିଲା ଯାହାକି ପୃଥିବୀରେ ଥିବା ଅନ୍ୟ କୌଣସି ବିଷୟ ଅପେକ୍ଷା ଜଣେ ମନୁଷ୍ୟ ପରି ଅଧିକ ଦିଶୁ ଥିଲା, ଏବଂ ପରମେଶ୍ୱର ତାକୁ ଅଭିଶାପ ଦେଲେ ଓ ତାକୁ ପେଟରେ ଗୁରୁଣ୍ଡିବା ପାଇଁ ରଖିଦେଲେ, ଏବଂ ମନୁଷ୍ୟ ସହିତ କୌଣସି ସାଦୃଶ୍ୟତା ନ ରହି ସେ ସାପରେ ପରିଣତ ହୋଇଗଲା । ତେବେ ସେହି ବୈଜ୍ଞାନିକମାନେ, ନିଜର ମୁଣ୍ଡ ଆଉଁସି ହେଉଥାନ୍ତୁ, ଏବଂ ସେମାନଙ୍କୁ କିଛି ସମୟ ପାଇଁ ତାହା ନେବାକୁ ଦିଅନ୍ତୁ ।

222 କିନ୍ତୁ ବାଇବଲ ଏହା ଘୋଷଣା କରେ, "ସେ କ୍ଷେତ୍ରର ସମସ୍ତ ପଶୁମାନଙ୍କ ମଧ୍ୟରୁ ସବୁଠାରୁ ଧୂର୍ତ୍ତ ଥିଲା ।" ତାହା ଠିକ୍ । ସେ ତ ସେହି ସଂଯୋଗ ଥିଲା ଯାହାକି ମଣିଷ ଏବଂ ମାଙ୍କଡ ମଝିରେ ଥିଲା, ଏବଂ ପରମେଶ୍ୱର ତାକୁ ସେହି ବିଷୟ—ସେହି ବିଷୟ ନିମନ୍ତେ ଯାହା ସେ କରିଥିଲା ଅଭିଶାପ ଦେଇଥିଲେ ଓ ତାକୁ ଠିକ ତାହାର ପେଟରେ ଗୁରୁଣ୍ଡିବା ପାଇଁ

ରଖିଦେଲେ । ସେ ଏହି ସ୍ତ୍ରୀଲୋକକୁ ପ୍ରତାରଣା କରିଥିଲା, ଆଉ ସେ ତାହାର ପ୍ରଥମ ପୁତ୍ର କୟିନକୁ ପ୍ରସବ କଲା, ଯାହାକି ସର୍ପର ନିଜସ୍ୱ ପ୍ରେରଣାର ପ୍ରକୃତି ଅନୁସାରେ ଥିଲା, ସେହି ଶୟତାନ, ଯାହାକି ସର୍ପ ଭିତରକୁ ଆସିଥିଲା, ଯିଏକି ସେହି କାର୍ଯ୍ୟକୁ କରିଥିଲା ।

223 ଏବଂ ତାହାପରେ ସେ ଗର୍ଭବତୀ ହୋଇ ପ୍ରସବ କଲା, ସେ ପ୍ରତାରିତ ହେବା ପରେ ପୁନର୍ବାର ଗର୍ଭଧାରଣ କଲା । ତେବେ ଦେଖନ୍ତୁ, ସେ ପ୍ରତାରିତ କରାଯାଇଥିଲା, ସେ ପ୍ରାୟଃ ଥିଲା…ତେବେ, ସେ ଭୁଲ୍ କରିଥିଲା । କିନ୍ତୁ ସେ, ଆକ୍ଷରିକ ଭାବରେ, ବୈଧାନିକ ଥିଲା ଯେତେବେଳେ ସେ ତାହାର ସ୍ୱାମୀ ଦ୍ୱାରା ଗର୍ଭବତୀ ହୋଇଥିଲା, କାରଣ ତାହା ହୁଏତ ପରେ ଅନେକ, ଅନେକ ଥର, ଅନେକ ମାସ ଏବଂ ଅନେକ ଦିନ ପରେ ହୋଇଥାଇପାରେ; ଆପଣ ତାହା କହିପାରନ୍ତି ନାହିଁ, ଆମେ ଜାଣିନାହୁଁ, କିନ୍ତୁ ସେ ଆଦମଙ୍କଠାରୁ ସନ୍ତାନ ଜନ୍ମ କରିଥିଲେ ।

224 ଏବଂ କେହି ଜଣେ ଏହି ପ୍ରଶ୍ନ ମଧ୍ୟ ରଖିଛନ୍ତି, କୁହନ୍ତୁ, "ତେବେ, ସେହି ପୁତ୍ର…ସେ କହିଲା ହବା ଯାଉଛନ୍ତି…ଯେତେବେଳେ କୟିନ ଜନ୍ମ ହେଲା, ହବା କହିଲେ 'ସଦାପ୍ରଭୁଙ୍କଠାରୁ ଏକ ପୁତ୍ର ଲାଭ କଲି ।'" ଅବିକଳ, ନିଶ୍ଚିତ ଭାବରେ, ଏହା ତ ହେବାକୁ ଥିଲା । ଏହା ତ ପ୍ରକୃତିର ନିୟମ ଥିଲା । ତାହା ଠିକ୍ ସେହିପରି ହିଁ ଅଟେ ଯେପରିକି ଆପଣ ଆଜି ଅଟନ୍ତି । ଯେତେବେଳେ ଆପଣ ଜନ୍ମ ହୁଅନ୍ତି, ତାହା ପରମେଶ୍ୱର କେବଳ ତଳକୁ ଆସି ଆପଣଙ୍କୁ ନିର୍ମାଣ କରନ୍ତି ନାହିଁ । ଆପଣ ନିଜର ପିତା ଏବଂ ମାତାଙ୍କର ଏକ ସନ୍ତାନ ଅଟନ୍ତି । ଏବଂ ଆପଣ ଗୋଟିଏ ହେବେ… ସେଠାରେ ଗୋଟିଏ ହେବ…ଆପଣଙ୍କର ଛୁଆମାନେ ଆପଣଙ୍କର ସନ୍ତାନ ହେବେ । ଏହା ସବୁ ସମୟରେ ଏକ ପ୍ରଜନନ ଅଟେ, ଠିକ୍ ତଳ ପର୍ଯ୍ୟନ୍ତ, ଯେପରିକି ବିହନ ଗଛ ଏବଂ ସେହି ପରି ଜିନିଷଗୁଡିକ; କିନ୍ତୁ ମୂଳକୁ ଫେରନ୍ତୁ । ମୁଁ ଆଶା କରେ ଯେ ଏହା ତାହାକୁ ବ୍ୟାଖ୍ୟା କରେ ।

225 ଆମ ପାଖରେ କେତେ ସମୟ ଅଛି? ଆଉ କିଛି ଅଧିକ ନାହିଁ । ପରବର୍ତ୍ତୀ ପାଇଁ ଏହି ଭଲଟିକୁ ଶୁଣନ୍ତୁ…ଯେ ଆମେ ରବିବାର ପାଇବାକୁ ଯାଉଛୁ: "ଏକ ଆତ୍ମା ଦ୍ୱାରା ଆମେ ସମସ୍ତେ ଏକ ଶରୀରରେ ବାପ୍ତିଜିତ ହୋଇଅଛୁ…" (ଆମେ ତାହା ଜାଣିବାକୁ ଚାହିଁବା ।) "…ଖ୍ରୀଷ୍ଟ ।" ସେହି ସମୟରେ…ତେବେ, ମୁଁ ଭାବୁଛି ମୁଁ ତାହା ଉପରେ ଭଲ ଶାସ୍ତ୍ର, ତାହା ଉପରେ କିଛି ଶାସ୍ତ୍ର ପାଇଅଛି [ଭାଇ ବ୍ରାନହାମ୍ ଏହାକୁ ଭାଗ II ରେ ଉତ୍ତର ଦିଅନ୍ତି, ପ୍ରଶ୍ନ 60—ସମ୍ପା ।]

226 ଏଠାରେ ଗୋଟିଏ ଭଲ ଅଛି, ଠିକ୍ ଯେପରି…ଏହାର ଉତ୍ତର ଦେବା ପାଇଁ, କଅଣ ଆପଣମାନେ ମୋ ସହିତ ଆଉ ଗୋଟିଏ ମିନିଟ୍ କିମ୍ବା ଦୁଇ ମିନିଟ୍ କଷ୍ଟ ସହିବେ କି? ଏହା ନିଜର ଉତ୍ତର ଦେଇପାରେ ।

**59. ଯେତେବେଳେ—ଯେତେବେଳେ ଆପଣ କୁହନ୍ତି "ଦୁଷ୍ଟମାନେ ଅନନ୍ତକାଳ ଦଗ୍ଧ ହେବେ ନାହିଁ,"…** (ତେବେ, ବର୍ତ୍ତମାନ ମୁଁ ଯିହୋବା ୱିଟନେସ୍‌ଙ୍କ ପଛରେ ଗୋଡାଉଅଛି, ମୁଁ ନୁହେଁ କି?) **…ଯେତେବେଳେ ଆପଣ କୁହନ୍ତି ଯେ ଦୁଷ୍ଟମାନେ ଅନନ୍ତକାଳ ଦଗ୍ଧ ହେବେ ନାହିଁ, ତେବେ ଆପଣଙ୍କର ଅଭିପ୍ରାୟ ନରକରେ କି ଅଗ୍ନିମୟ**

**ହ୍ରଦରେ? ମୁଁ ଜାଣେ ଯେ ଏହା ପ୍ରକାଶିତ ବାକ୍ୟରେ କୁହେ** (ତାହା 20ଶ ପର୍ବ ଅଟେ) **ଯେ ନରକକୁ ଅଗ୍ନିମୟ ହ୍ରଦରେ ନିକ୍ଷେପ କରାଯିବ । ଯଦି ସେମାନେ ଅନନ୍ତକାଳ ଦଗ୍ଧ ହୁଅନ୍ତି ନାହିଁ, ତେବେ ସେମାନଙ୍କର କଅଣ ହେବ?**

227 ଠିକ୍ ଯେପରିକି ମୁଁ ବର୍ତ୍ତମାନ କହି ସାରିଛି, ଭାଇ କିମ୍ବା ଭଉଣୀ, ଏହା ଯିଏ ବି ଥିଲେ; ସେମାନେ ବିଲୁପ୍ତ ହୋଇଗଲେ, ସେମାନଙ୍କର ଆଉ କୌଣସି ସ୍ଥିତି ନାହିଁ । ସେମାନଙ୍କର ଏକ ଆରମ୍ଭ ଥିଲା, ଏବଂ ସେମାନେ ସେଠାରେ ଶେଷ ହୁଅନ୍ତି; ସେମାନେ ଆଉ କେବଳ କିଛି ବି ନୁହଁନ୍ତି । କିପରି ହେବ…କେତେ କାଳ ସେମାନେ ଦଗ୍ଧ ହେବେ, ତାହା କହିବା କଷ୍ଟକର ଅଟେ । ମାତ୍ର, ଦେଖନ୍ତୁ, ସେଠାରେ…

228 ଯଦି ଆପଣ ଏହାକୁ କେବଳ ଆପଣଙ୍କ ମନ ଭିତରେ ରଖିପାରିବେ, ଦେଖନ୍ତୁ, ଏହା ବହୁତ ସରଳ ଅଟେ । କେବଳ ଗୋଟିଏ ପ୍ରକାରର ଅନନ୍ତ ଜୀବନ ଅଛି, ଏବଂ ତାହା ନିଜେ ପରମେଶ୍ୱରଙ୍କ ଜରିଆରେ ଆସିଥାଏ । ଆଉ କେବଳ ପରମେଶ୍ୱର ଏକାକୀ ହିଁ ଅନନ୍ତ ଜୀବନ ଅଟନ୍ତି । ଯଦି ଆପଣ କେବଳ ଏଠାରେ ଲେକ୍ସିକନ୍‌ରେ ଦେଖିବେ, ସେହି ଗ୍ରୀକ୍ ଶବ୍ଦ *ଜୋଇ*କୁ ଦେଖନ୍ତୁ । *ଜୋଇ* ହେଉଛି "ଅନନ୍ତ ଜୀବନ ।" *ଅନନ୍ତ ଜୀବନ* ହେଉଛି "ପରମେଶ୍ୱର ।" ଆଉ ଯୀଶୁ କହିଲେ, "ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ ।" ଆଉ ଯଦି ଆପଣ ଏଠାରେ ଲେକ୍ସିକନ୍‌ରେ ଦେଖିବେ, ଏହା କୁହେ, "ଜୋଇ ।" ତାହାହିଁ ହେଉଛି ଏକମାତ୍ର ଅନନ୍ତ ଜୀବନ ଯାହା ସେଠାରେ ଅଛି । ବାଇବଲରେ ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେକି ଏହା କେବେ କହିଥାଏ ଯେ ସେଠାରେ ଏକ ଅନନ୍ତ ନରକ ହେବ, ଏହା କୁହେ ଯେ ସେମାନେ "ସଦାକାଳ ଓ ସର୍ବଦା" ଦଗ୍ଧ ହେବେ ।

229 ବର୍ତ୍ତମାନ, ସେହି ଶବ୍ଦ *ସଦାକାଳ* ଦେଖିବା ପାଇଁ, ସେହି ଶବ୍ଦ, *ଏଅନ୍*କୁ ଦେଖନ୍ତୁ । କଅଣ ଆପଣ *ଏଠାରେ*, ବାଇବଲରେ ଧ୍ୟାନ ଦେଲେ କି? କେତେଜଣ ଏହାକୁ କୁହାଯାଇଥିବାର ଶୁଣିଛନ୍ତି, "ଏବଂ ଏଅନ୍ ଓ ଏଅ-…"? କେତେ ଜଣ ଜାଣନ୍ତି ଯେ *ଏଅନ୍* ହେଉଛି "ସମୟର ଏକ ଅନ୍ତରାଳ"? କାହିଁକି, ନିଶ୍ଚିତରେ, କେହି ବି ଜାଣନ୍ତି ଯେ *ଏଅନ୍* ହେଉଛି "ସମୟର ଏକ ଅନ୍ତରାଳ ।"

230 "ଏବଂ ସେମାନେ ଏଅନ୍ ଏଅନ୍ ଧରି ଦଗ୍ଧ ହେବେ," ଯାହା ହେଉଛି ସମୟର ଅନ୍ତରାଳ । "ଅଗ୍ନିମୟ ହ୍ରଦକୁ ନିକ୍ଷେପ କରାଯିବେ ଓ ଏଅନ୍ ଧରି ଦଗ୍ଧ ହେବେ ।" *ଏଅନ୍*ର ଅର୍ଥ ହେଉଛି "ସମୟର ଅନ୍ତରାଳ ।" ସେମାନେ ଏକ ଶହ କୋଟି ବର୍ଷ ନିମନ୍ତେ ଶାସ୍ତିରେ ଦଗ୍ଧ ହୋଇପାରନ୍ତି ମାତ୍ର, ଅବଶେଷରେ, ସେମାନଙ୍କୁ ଏକ ଅନ୍ତକୁ ଆସିବାକୁ ପଡିବ; ବିଲୁପ୍ତ ହେବା ନିମନ୍ତେ, ସଂପୂର୍ଣ୍ଣ ଭାବରେ । ଦେଖନ୍ତୁ, କାରଣ ଯାହା ସମସ୍ତ କିଛି ସିଦ୍ଧ ନୁହେଁ ତାହା ସିଦ୍ଧତାରୁ ବିକୃତ ଅଟେ; ଏବଂ ଏହାର ଏକ ଆରମ୍ଭ ଥିଲା, ତେଣୁ ଏହାର ଏକ ଅନ୍ତ ହେବାକୁ ହିଁ ଅଛି ।

231 କିନ୍ତୁ ଆମ୍ଭେମାନେ ଯେଉଁମାନେକି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରୁ ଆମ ଭିତରେ *ଜୋଇ*, "ପରମେଶ୍ୱରଙ୍କର ନିଜ ଜୀବନ" ଅଛି, ଏବଂ ଅନନ୍ତ ଜୀବନ ଅଛି । ସଦାକାଳ

ଓ ସର୍ବଦା ପାଇଁ ଜୀବନ ନୁହେଁ, ପାପୀ ସଦାକାଳ ଓ ସର୍ବଦା ପାଇଁ ଜୀବନ ପାଇଥାଏ, କିନ୍ତୁ ଆମଠାରେ "ଅନନ୍ତ ଜୀବନ" ରହିଛି ।

232 ଭାଇ କକ୍ସ, ଅଳ୍ପ କିଛି ଦିନ ପୂର୍ବରୁ, ମୋ ଘର ଅଗଣାରେ ବସିଥିଲେ ଏହା ପୂର୍ବେକି ଆମେ ରଖିଥିଲୁ...ଆମର ସେଠାରେ ପଥରଗୁଡିକ ପାଇବା ପରେ, ଏବଂ ସେ ଏକ ଛୋଟ, ପୁରୁଣା ଜୀବାଶ୍ମ ଉଠାଇଲେ, ଏବଂ ସେ କହିଲେ, "ଭାଇ ବ୍ରାନହାମ୍, ଏହାର କେତେ ବୟସ ହେବ?"

233 "ଓଃ," ମୁଁ କହିଲି, "କ୍ରମାନୁସାରେ, ଆପଣ ହୁଏତ ଏହା ଦଶ ହଜାର ବର୍ଷ ପୁରୁଣା ବୋଲି କହିପାରନ୍ତି । କିଛି ଗୋଟିଏ ପ୍ରକାର ଏକ, ପୁରୁଣା ସମୁଦ୍ର ଜୀବ ଯାହାକି ଏକ ସମୟରେ ବାସ କରୁଥିଲା, ଏକ ଛୋଟ ସମୁଦ୍ର ପ୍ରାଣୀ, ହୁଏତ ଅତୀତରେ ପୁରତାନ କାଳରେ ରହି ଥାଇପାରେ ।"

234 ସେ କହିଲେ, "ତେବେ ଭାବନ୍ତୁ *ସେହି* ଜୀବନ ତୁଳନାରେ ମାନବ ଜୀବନ କେତେ କ୍ଷୁଦ୍ର ଅଟେ ।"

235 ମୁଁ କହିଲି, "ଓଃ, କିନ୍ତୁ, ଭାଇ, ସେହି ଜିନିଷର ଏକ ଅନ୍ତ ଅଛି, କିନ୍ତୁ ଖ୍ରୀଷ୍ଟଙ୍କଠାରେ ଥିବା ସେହି ଜୀବନର କୌଣସି ଅନ୍ତ ନାହିଁ । ତାହା ହୁଏତ ଦୁଇ ବା ତିନୋଟି *ସଦାକାଳ* ବଞ୍ଚିପାରେ, କିନ୍ତୁ ଏଥିରେ କଦାପି ଅନନ୍ତ ଜୀବନ ରହିବ ନାହିଁ, କାରଣ ଅନନ୍ତ ଜୀବନ କେବଳ ପରମେଶ୍ୱରଙ୍କଠାରୁ ଆସିଥାଏ ।"

236 ଅନନ୍ତ, "ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ଅନନ୍ତ ଜୀବନ ପାଇଅଛି ଏବଂ ସେ **କେବେବି** ବିଚାରକୁ ଆସିବ ନାହିଁ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।" ଆପଣ ସେଠାରେ ଅଛନ୍ତି, ଆପଣ ଜଣେ ବିଶ୍ୱାସୀ ହୋଇଥିବା ହେତୁରୁ ଅନନ୍ତ ଜୀବନ ପାଇଥାଆନ୍ତି । ଜଣେ ଅବିଶ୍ୱାସୀ ସଦାକାଳ ପାଇଁ ଜୀବନ ପାଇଥାଏ । ଏକ ଅନନ୍ତ...ଜଣେ ବିଶ୍ୱାସୀ ଅନନ୍ତ ଜୀବନ ପାଇଥାଏ, ଏବଂ ବିନଷ୍ଟ ହୋଇପାରେ ନାହିଁ କାରଣ ଏହା ଅନନ୍ତ ଅଟେ ।

237 କିନ୍ତୁ ଜଣେ ବିଶ୍ୱାସୀ, ସେ ଯିବେ...ଜଣେ ଅବିଶ୍ୱାସୀ ଜଗତ ଦେଇ ଯିବ, ତାହାର ଦୁଃଖ, ସମସ୍ୟା ରହିବ; ଯାହାକୁ ସେ ଏକ ବଡ ସମୟ ଚାଲିଛି ବୋଲି କହିଥାଏ, "ହୁପି, ଏକ ବଡ ସମୟ ଚାଲିଛି ।" ମହିଳା, ମଦ, ଏବଂ ବଡ ସମୟ, ସେ ଭାବେ ଯେ ସେ ଚାଲିଛନ୍ତି । ସେ ମରିଯିବ, ସେ ଅଗ୍ନି ଏବଂ ଗନ୍ଧକର ହ୍ରଦକୁ ଯିବ ଯାହାକି ଦଗ୍ଧ ହେଉଥାଏ, ଯେଉଁଠାରେ ଦଗ୍ଧ ହେବା ସଦାକାଳ ଓ ସଦାକାଳ ପାଇଁ ଚାଲିଥାଏ, ଏବଂ ବୋଧହୁଏ ଏକ ଶହ କୋଟି ବର୍ଷ ପର୍ଯ୍ୟନ୍ତ ତାହାର ପ୍ରାଣ ଅଗ୍ନି ଓ ଗନ୍ଧକର ହ୍ରଦରେ ଯନ୍ତ୍ରଣା ପାଇପାରେ ।

238 ମୁଁ...ଆପଣ କୁହନ୍ତି, "କଅଣ ଏହା ଏକ ନିୟମିତ ଗନ୍ଧକ ପରି ହେବ କି?" ମୁଁ ବିଶ୍ୱାସ କରେ ଯେ ଏହା ତାହାଠାରୁ ଦଶ ଲକ୍ଷ ଗୁଣ ଅଧିକ ଖରାପ ହେବ । ମୁଁ ବିଶ୍ୱାସ କରେ ଯେ ଆପଣ ଏହାକୁ ଅଗ୍ନି ଦ୍ୱାରା, ଏକ ଆକ୍ଷରିକ ଅଗ୍ନି ଦ୍ୱାରା ବର୍ଣ୍ଣନା କରିପାରିବେ ନାହିଁ । ସେହି ଏକମାତ୍ର କାରଣ ଯେ ଏହାକୁ "ଅଗ୍ନି ଦ୍ୱାରା" ଦଗ୍ଧ କରାଯାଏ, ତାହା ହେଲା ସେହି ଅଗ୍ନି ହେଉଛି ସବୁଠାରୁ

ଗ୍ରାସକାରୀ ବିଷୟ ଯାହା ଆମ ପାଖରେ ଅଛି । ଏହା ସଂପୂର୍ଣ୍ଣ ଭାବରେ ସବୁକିଛିକୁ ଜାଳି ପୋଡି ନଷ୍ଟ କରିଦିଏ, ଅଗ୍ନି କରେ । ତେବେ, ତାହାହେଲେ, ଏହା ସେଠାରେ ରହିବ, କିନ୍ତୁ ଆପଣଙ୍କର ଏକ ପ୍ରାଣ ରହିବ ଯାହାକୁ କି କୌଣସି ପ୍ରକାରେ ଶାସ୍ତି ଦେବାକୁ ପଡିବ...

239 ବର୍ତ୍ତମାନ, ଆପଣଙ୍କୁ ସେହି *ଅଗ୍ନି* ଶବ୍ଦ ଦେଖିବାକୁ ଅଛି, କାରଣ ପବିତ୍ରଆତ୍ମା ବ୍ୟବହୃତ ହୋଇଥାନ୍ତି "ପବିତ୍ରଆତ୍ମା ଓ ଅଗ୍ନି"; 'କାରଣ ପବିତ୍ରଆତ୍ମାର ଅଗ୍ନି ପାପକୁ ଜାଳି ପୋଡିଦିଏ, ଦେଖନ୍ତୁ, ଏବଂ ପରିଷ୍କାର କରେ ।

240 କିନ୍ତୁ *ଏହି* ଅଗ୍ନି, ଏହା ନରକରୁ ଆସିଥାଏ, ଏହା କୁହେ ଏକ "ଅଗ୍ନିମୟ ହ୍ରଦ ।" ଏବଂ ଏହା ଯାହାକିଛି ବି ଅଟେ, ଏହା ଯନ୍ତ୍ରଣା ସହିତ ଏକ ଶାସ୍ତି ଅଟେ । ଧନୀ ଲୋକ ନରକରେ ଥାଇ, ନିଜର ଆଖି ଉପରକୁ ଉଠାଇ, ଚାହିଁ କହିଲା, "ମୋତେ ଦୟା କରି ଲାଜାରକୁ ପଠାଇଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡାଇ, ମୋର ଜିଭକୁ ଥଣ୍ଡା କରେ, କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି ।" ଭାବନ୍ତୁ ନାହିଁ ଯେ ଏକ ଜଳୁଥିବା ନରକ, ଏବଂ ଏକ ଆକ୍ଷରିକ ନରକ ନାହିଁ, ଏହା ଅଛି । ଯଦି ଏକ ଆକ୍ଷରିକ ଶୟତାନ ଅଛି, ତେବେ ସେଠାରେ ଏକ ଆକ୍ଷରିକ ନରକ ଅଛି ।

241 କିନ୍ତୁ, ଆପଣ ଦେଖନ୍ତୁ, ସମସ୍ତକିଛି ବିଷୟ ଯାହା ବିକୃତ ଅଟେ ତାହାର ଏକ ଅନ୍ତ ଅଛି, କାରଣ ଏହାକୁ ଶେଷରେ ପରମେଶ୍ୱରଙ୍କ ସେହି ବିଶୁଦ୍ଧତା ଏବଂ ପବିତ୍ରତାକୁ ଫେରି ଆସିବାକୁ ଅଛି । ଏବଂ ପରମେଶ୍ୱର ଅନନ୍ତ ଅଟନ୍ତି; ଆଉ ଯଦି ଆମର ଅନନ୍ତ ଜୀବନ ଅଛି, ପରମେଶ୍ୱର ଆମ ଭିତରେ ଅଛନ୍ତି, ତାହାହେଲେ ପରମେଶ୍ୱର ନ ମରିବା ପର୍ଯ୍ୟନ୍ତ ଆମେମାନେ ଆଉ ଅଧିକ ମରି ପାରିବା ନାହିଁ । ସେଠାରେ ଆପଣ ଅଛନ୍ତି ।

242 ବର୍ତ୍ତମାନ, ସେହି ପାଠ ପ୍ରକୃତରେ ନିଜକୁ ବ୍ୟାଖ୍ୟା କରେ, ଦେଖନ୍ତୁ, ଏବଂ ଏହାକୁ ଠିକ୍ କରେ । ତେବେ, ଆସନ୍ତୁ ଦେଖିବା, ମୋର ଏକ ଥିଲା... ମୁଁ ଜାଣେ ନାହିଁ ଯେ ଅଛି କି ନାହିଁ... ହଁ:

**"କଅଣ ହେବ—ସେମାନଙ୍କର କଅଣ ହେବ?"**

243 ସେମାନେ ବିଲୁପ୍ତ ହୋଇଗଲେ, ସେମାନଙ୍କର ଆଉ କିଛି ହେଲେ ନାହିଁ: ପ୍ରାଣ ଯାଏ, ଆତ୍ମା ଯାଏ, ଜୀବନ ଯାଏ, ଶରୀର ଯାଏ, ଚିନ୍ତା ଯାଏ, ସ୍ମୃତି ବି ଯାଏ ।

244 ଏବଂ ମହିମାରେ, ମନ୍ଦ ବିଷୟରେ ଆଉ ଅଧିକ, କିମ୍ବା ଏହା କେବେ, କେବେ ଘଟିଥିଲା ଏପରିକି ତାହାର ଚିନ୍ତା ସୁଦ୍ଧା ରହିବ ନାହିଁ । ତାହା ଠିକ୍ ଅଟେ, ଏହା ସବୁ ହେବ...କଅଣ ଆପଣ କଳ୍ପନା କରିପାରିବେ କି, ଯେ ଏଠାରେ ଏହି ଭାଗରେ ଲୋକମାନେ ରହିବେ...?

245 ବାଇବଲ କଅଣ କୁହେ ନାହିଁ, "ଏପରିକି ଦୁଷ୍ଟ ଲୋକମାନଙ୍କର ଚିନ୍ତାଧାରା ସୁଦ୍ଧା ବିନଷ୍ଟ ହେବ"? ଏହାର ସକଳ ଚିନ୍ତାଧାରା ବିନଷ୍ଟ ହେବ ।

246 ଏଠାରେ ଜଣେ ବ୍ୟକ୍ତି *ଏହିଠାରେ* ରହିବେ, ଏଠାରେ ପରମେଶ୍ୱର ସେହି ମହାନ ପବିତ୍ର ଜଣକ *ଏହିଠାରେ* ଅଛନ୍ତି, ଏବଂ ଏହା ଜାଣି ଯେ ଠିକ ଏଠାରେ ଏକ ଗର୍ତ୍ତ ଅଛି ଯେଉଁଠାରେକି

ପ୍ରାଣଗୁଡିକ ଦଗ୍ଧ ହେଉଅଛନ୍ତି? କାହିଁକି, ତାହା ସ୍ୱର୍ଗ ହୋଇପାରିବ ନାହିଁ। ଠିକ୍ ସେହି ଚିନ୍ତାଧାରା, ଠିକ୍ ସେହି ସ୍ମୃତି, ସବୁକିଛି ଯାହା ବିକୃତ ଅଟେ, ପ୍ରତ୍ୟେକ ମନ୍ଦ ଚିନ୍ତା, ସବୁକିଛି ବିନଷ୍ଟ ହୋଇଯିବ, ଏବଂ ସମସ୍ତକିଛି ଯାହା ସେଥିରେ ମନ୍ଦ ଅଟେ। ଏବଂ ଆମେ ବିଶୁଦ୍ଧତା ବ୍ୟତୀତ ଆଉ କିଛି ହେବା ନାହିଁ, *ଜୋଇ* ସହିତ, ପରମେଶ୍ୱରଙ୍କ ଜୀବନ ସହିତ; ଅନନ୍ତତା ପର୍ଯ୍ୟନ୍ତ, ଏବଂ ଯୁଗ ଯୁଗ ଧରି, ଓ ଯୁଗ ଯୁଗ, ଆଉ ଯୁଗ ଯୁଗ, ପୁଣି ଯୁଗ ଯୁଗ ପର୍ଯ୍ୟନ୍ତ; ଏହା କଦାପି ଶେଷ ହେବ ନାହିଁ, ଅନନ୍ତ ହେବ!

247 "ସେମାନେ *ଅନନ୍ତ* ଶାସ୍ତିକୁ ଚାଲି ଗଲେ, ମାତ୍ର ଧାର୍ମିକମାନେ ଅନନ୍ତ ଜୀବନକୁ ଗଲେ।" କଅଣ ଆପଣ ଏହା ବୁଝିଲେ କି? *ଅନନ୍ତ* ଶାସ୍ତି, ଅନନ୍ତ ଜୀବନ, କି ଏକ ପାର୍ଥକ୍ୟ!

248 ତେବେ, ଦେଖନ୍ତୁ, ତାହା ନୁହେଁ...ବର୍ତ୍ତମାନ, ମୁଁ ଜାଣେ, ମୋର ପ୍ରିୟ ସାନ ସାନ ଯୁବା ପିଲାମାନେ, ତୁମମାନଙ୍କ ପାଇଁ, ମୋର—ମୋର ଏହା ଅଭିପ୍ରାୟ ନୁହେଁ ଯେ ମୁଁ ନିଜକୁ ଏକ ସବୁ-କଥା-ଜାଣେ ଭାବରେ ଉପସ୍ଥାପିତ କରିବାକୁ ଚେଷ୍ଟା କରେ। ଯଦି ମୁଁ ତାହା କରେ,...

249 ବର୍ତ୍ତମାନ, ମୋ ପାଖରେ ଆଉ ତିନି କିମ୍ବା ଚାରୋଟି ଭଲ ପ୍ରଶ୍ନ ରହିଛି। ପ୍ରଭୁଙ୍କ ଇଚ୍ଛା ହେଲେ, ମୁଁ ସେଗୁଡିକୁ ରବିବାର ସକାଳେ ନେବି।

250 ତେବେ, ଦେଖନ୍ତୁ। ଦେଖନ୍ତୁ, ଏହା ପ୍ରଶ୍ନଗୁଡ଼ିକ ଉଠାଏ। ମୁଁ ଜଣେ ବୃଦ୍ଧ ପ୍ରଚାରକ ଅଟେ। ମୁଁ—ମୁଁ—ମୁଁ—ମୁଁ ସେବାକାର୍ଯ୍ୟରେ ଛବି-ଶ ବର୍ଷ ରହି ଆସିଛି। ଆଉ ମୁଁ—ମୁଁ ଏଥିପାଇଁ ବହୁତ କୃତଜ୍ଞ ଅଟେ, ଯେ ମୁଁ ଏହା କହିପାରେ, ମୋର...ମୁଁ ମୋ ଜୀବନରେ କଦାପି ଏପରି କୌଣସି ବିଷୟ ଉପସ୍ଥାପନ କରିବାକୁ ଚେଷ୍ଟା କରିବା ପାଇଁ ପ୍ରଚେଷ୍ଟା କରି ନାହିଁ ଯେପର୍ଯ୍ୟନ୍ତ କି ଏହା ପ୍ରଥମେ ପ୍ରକଟିତ ନ ହୋଇଅଛି। ଏବଂ ମୁଁ ଏତେ କୃତଜ୍ଞ ଅଟେ ଯେ ପ୍ରଭୁଙ୍କ ଦୂତ... ଯାହାକି ମୋର କୌଣସି ଶିକ୍ଷା ନ ଥିଲା, ଯୋଗ୍ୟତା ନ ଥିଲା। ଏବଂ ଏହି ଦୂତ ତଳକୁ ଓହ୍ଲାଇ ଆସିଲେ, ଆଉ ମୋ ପାଇଁ ପରମେଶ୍ୱରଙ୍କ ପ୍ରେରିତ ସାହାଯ୍ୟ ସ୍ୱରୂପ ରହି ଆସିଛନ୍ତି। ଏବଂ ସେ ମୋତେ କଦାପି ଏପରି ଗୋଟିଏ ହେଲେ କଥା କହି ନାହାଁନ୍ତି ଯାହାକି ଆଦିପୁସ୍ତକରୁ ନେଇ ପ୍ରକାଶିତ ବାକ୍ୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଏକ ଆରେକ ସଙ୍ଗେ ମିଶି ନାହିଁ, ଏତେ ଅଧିକ ଭାବରେ ଯେ...ମୁଁ ଶୀଘ୍ର ଲେଖିଥିଲି ଯେତେବେଳେ ସେ କହିଥିଲେ "ଏବଂ ତୁମେ—ଏବଂ ତୁମେ ଈଶ୍ୱରୀୟ ଆରୋଗ୍ୟତାର ଏକ ଦାନ ନେଇ କରି ଯିବ।" ଏବଂ ମୁଁ ଏହାକୁ ଠିକ୍ ସେହିପରି ଭାବରେ ଲେଖିଲି ଯେପରି ଭାବରେ ସେ ମୋତେ ଏହାକୁ କହିଥିଲେ।

251 ଏବଂ ପ୍ରାୟଃ ତିନି ବର୍ଷ ପରେ, ପ୍ରବନ୍ଧକ ମୋର—ମୋର ଧ୍ୟାନକୁ ସେଥି ପ୍ରତି ଆକର୍ଷଣ କଲେ, କହିଲେ, "ଭାଇ ବ୍ରାନହାମ୍, ଆପଣ ତାହା ଲକ୍ଷ୍ୟ କଲେ କି? ତାହା ଏତେ ସିଦ୍ଧ ଅଟେ ଯେ ସେ ଆପଣଙ୍କୁ କହିଲେ 'ଏକ ଦାନ।'"

252 ଦେଖନ୍ତୁ, କେବେ କହିଲେ ନାହିଁ "ସେହି ଦାନ।" ଏବଂ ବାଇବଲରେ ପ୍ରତ୍ୟେକ—ପ୍ରତ୍ୟେକ ଜଣ...ପ୍ରତ୍ୟେକ ଦାନ ହେଉଛି "ସେହି ଦାନ" ମାତ୍ର ଈଶ୍ୱରୀୟ ଆରୋଗ୍ୟତା ବ୍ୟତୀତ, ଆଉ ଏହା "ଏକ ଦାନ" ଅଟେ। ଏହା "ଆରୋଗ୍ୟତାର ଦାନଗୁଡିକ" ଅଟେ।

ଆପଣ ବିଭିନ୍ନ ଉପାୟରେ, ସମସ୍ତ ପ୍ରକାର ଆରୋଗ୍ୟତାର ଦାନଗୁଡିକ ପାଇପାରନ୍ତି । ମାତ୍ର, ଅନ୍ୟ ସବୁ ହେଉଛି "ସେହି ଦାନ": ଭବିଷ୍ୟତ୍‌ବାଣୀର "ସେହି" ଦାନ, *ଏହା*ର "ସେହି" ଦାନ । କିନ୍ତୁ ଈଶ୍ୱରୀୟ ଆରୋଗ୍ୟତା ବହୁବଚନରେ ଅଟେ: "ଦାନଗୁଡିକ ।" ଏବଂ ମୁଁ ଏହା କେବେବି ଲକ୍ଷ୍ୟ କରି ନ ଥିଲି, ଯେ ପବିତ୍ରଆତ୍ମା ଏତେ ସିଦ୍ଧ ଅଟନ୍ତି । ଓଃ, ସଦାପ୍ରଭୁ ଧନ୍ୟ ହେଉନ୍ତୁ!

253 କଅଣ ଆପଣ ଏହା ବୁଝୁଛନ୍ତି ଯେ ସେହି ସମାନ ପବିତ୍ରଆତ୍ମା ଯିଏକି ସେହି ବାଇବଲକୁ ଲେଖିଥିଲେ, ଶହ ଶହ ପୁରୁଷଙ୍କ ଦ୍ୱାରା, ଶହ ଶହ ବର୍ଷ ବ୍ୟବଧାନରେ...ଏବଂ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଅନ୍ୟଠାରୁ ପୃଥକ କଲେ ନାହିଁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ସମ୍ପୂର୍ଣ୍ଣ ଥିଲେ; ଏବଂ ଜଣେ ଅନ୍ୟ ଜଣଙ୍କ ବିଷୟରେ କେବେ ଶୁଣି ବି ନ ଥିଲେ ।

254 ଏବଂ ପାଉଲ ତଳେ, ଆରବ ଦେଶକୁ ଗଲେ, ଆଉ ଚଉଦ ବର୍ଷ ପର୍ଯ୍ୟନ୍ତ ଯିରୁଶାଲମ ପରିଦର୍ଶନ ସୁଦ୍ଧା ଗଲେ ନାହିଁ, ମାତ୍ର ତଳେ ଯିରୁଶାଲମକୁ ଗଲେ ଓ ତଳେ...ସେଠାରୁ ଗଲେ...କଦାପି ଯିରୁଶାଲମକୁ ଯାଇ ନ ଥିଲେ । କିନ୍ତୁ ତଳେ ଆରବରେ ରହିଲେ, ଏବଂ ପ୍ରଚାର କରିବା ଆରମ୍ଭ କଲେ, ଚଉଦ ବର୍ଷ ପର୍ଯ୍ୟନ୍ତ ପିତର ପୁଣି ଅନ୍ୟ ସମସ୍ତଙ୍କୁ ଦେଖି ନ ଥିଲେ । ଏବଂ ଯେତେବେଳେ ସେମାନେ ଏକତ୍ର ଆସିଲେ, ସେମାନେ ସେହି ସମାନ କଥା ପ୍ରଚାର କରୁଥିଲେ: ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଜଳ ବାପ୍ତିସ୍ମ, ଏବଂ ଈଶ୍ୱରୀୟ ଆରୋଗ୍ୟତା, ଓ ପରମେଶ୍ୱରଙ୍କ ଶକ୍ତି ।

ଓଃ!

ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ଏତେ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ପ୍ରାୟଃ ସବୁ ସ୍ଥାନରେ ଲୋକ ଅଛନ୍ତି,
ଯେଉଁମାନଙ୍କର ହୃଦୟ ସମସ୍ତ ଜ୍ୱଳନ୍ତ ହେଉଅଛି,
ପେଣ୍ଟିକଷ୍ଟରେ ପଡିଥିବା ଏହି ଅଗ୍ନି ସହିତ,
ଯାହାକି ସେମାନଙ୍କୁ ପରିଷ୍କାର କରିଥିଲା ଓ ସଫା କରିଥିଲା;
ଓଃ, ଏହା ବର୍ତ୍ତମାନ ମୋ ହୃଦୟ ଭିତରେ ଜଳୁଛି,
ଓଃ, ତାହାଙ୍କ ନାମର ଗୌରବ ହେଉ!
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ସେମାନେ ଉପରିସ୍ଥ କୋଠରୀରେ ଏକତ୍ରିତ ହୋଇଥିଲେ,
ସମସ୍ତେ ତାହାଙ୍କ ନାମରେ ପ୍ରାର୍ଥନା କରୁଥିଲେ,
ସେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେଲେ,
ଏବଂ ସେବା ପାଇଁ ଶକ୍ତି ଆସିଲା;
ତେବେ ତାହା ନୁହେଁ ଯାହା ସେ ସେମାନଙ୍କ ପାଇଁ ସେଦିନ କରିଥିଲେ
ସେ ତୁମ ପାଇଁ ସେହି ସମାନ କରିବେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ମୁଁ ସେମାନଙ୍କ ମଧ୍ୟରୁ ଜଣେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ;
(ହାଲ୍ଲେଲୁୟା!)
ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କ ମଧ୍ୟରୁ ଜଣେ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

255 ଶୁଣନ୍ତୁ, ମୋ ପାଖରେ ଆପଣଙ୍କ ପାଇଁ ଏକ ଛୋଟ ବାର୍ତ୍ତା ଅଛି:

ଆସନ୍ତୁ, ମୋ ଭାଇ, ଏହି ଆଶୀର୍ବାଦ ଅନ୍ୱେଷଣ କରନ୍ତୁ
ଯାହାକି ଆପଣଙ୍କର ହୃଦୟକୁ ପାପରୁ ପରିଷ୍କାର କରିବ,
ଯାହା ଆନନ୍ଦ-ଘଣ୍ଟିଗୁଡିକୁ ବଜାଇବା ଆରମ୍ଭ କରିବ
ଏବଂ ଆପଣଙ୍କର ପ୍ରାଣକୁ ଜ୍ୱଳନ୍ତ ରଖିବ;
ଓଃ, ଏହା ବର୍ତ୍ତମାନ ମୋ ହୃଦୟ ଭିତରେ ଜଳୁଛି,
ହେ, ତାହାଙ୍କର ନାମକୁ ଗୌରବ ହେଉ,
ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

256 କଅଣ ଆପଣ ଖୁସି ନୁହଁନ୍ତି ଯେ ଆପଣ ସେମାନଙ୍କ ମଧ୍ୟରୁ ଜଣେ ଅଟନ୍ତି? ଏହା କଅଣ ଅଟେ? ଏହା ତ ସେହି ଆତ୍ମା ଅଟେ ଯାହାକି ପ୍ରକାଶ କରେ । ଏହା ପରମେଶ୍ୱରଙ୍କ ଏକ ପ୍ରକାଶନ ଅଟେ, "ଏହି ପଥର ଉପରେ ।" ମୋର ଯାଏ ଆସେ ନାହିଁ ଯେ ଜଣେ ଆର୍କବିଶପ୍...

257 ଅଧିକ ଦିନ ହୋଇନାହିଁ, ସେହି କ୍ୟାଥୋଲିକ୍ ପୁରୋହିତ, ମୋ ଘରେ ବସିଥିଲେ । ଏବଂ ସେ କହିଲେ, "ଶ୍ରୀମାନ ବ୍ରାନହାମ୍, ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଆସିଛି ।"

ମୁଁ କହିଲି, "ଠିକ୍ ଅଛି, ଆଜ୍ଞା ।"

258 କହିଲେ, "ମୋ ପାଖରେ ଏଠାରେ, ଆପଣଙ୍କ ନିମନ୍ତେ ବିଶପ୍‌ଙ୍କଠାରୁ ଏକ ଚିଠି ଅଛି ।"

ମୁଁ କହିଲି, "ଠିକ୍ ଅଛି, ଆଜ୍ଞା ।"

259 ସେ କହିଲେ, "ଆପଣ ଯେଉଁ ବିବୃତ୍ତିଗୁଡିକୁ ଦିଅନ୍ତି, କଅଣ ଆପଣ ନିଜର ହାତକୁ ଧରି ଶପଥ କରିବେ ଯେ ଆପଣ ସତ କହିବେ?"

260 ମୁଁ କହିଲି, "ମୁଁ କରିବି ନାହିଁ।" ମୁଁ କହିଲି, "ବାଇବଲ କହିଛି, 'ସ୍ୱର୍ଗ କିମ୍ବା ପୃଥିବୀ (କାରଣ ଏହା ତାଙ୍କର ପାଦପୀଠ ଅଟେ) ଦ୍ୱାରା, ଆଦୌ ଶପଥ କର ନାହିଁ। ତୁମର ହଁ ହଁ ହେଉ ଓ ନା ନା ହେଉ।' ଯଦି ବିଶପ୍ ତାହା ଶୁଣିବାକୁ ଚାହାଁନ୍ତି ଯାହା ମୋର କହିବାକୁ ଅଛି, ତେବେ ଏଥି ପାଇଁ ତାହାଙ୍କୁ ମୋର ଶବ୍ଦ ଗ୍ରହଣ କରିବାକୁ ହେବ। ଯଦି ସେ ତାହା କରନ୍ତି ନାହିଁ, ମୁଁ ଶପଥ କରିବି ନାହିଁ।"

261 ସାକ୍ରେଡ ହାର୍ଟ ଗୀର୍ଜାର ଏଠାରେ ଏହି ସାନ ପୁରୋହିତ ଜଣକ, ସେ କହିଲେ, "କଅଣ ଆପଣ ଏକ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ତାରିଖରେ ପାଉଲିନ୍ ଫ୍ରେଜିଅରଙ୍କୁ ବାପ୍ତିସ୍ମ ଦେଇଥିଲେ କି?"

262 ମୁଁ କହିଲି, "ମୁଁ ଦେଇଥିଲି, ଆଜ୍ଞା, ତଳେ ଓହାୟୋ ନଦୀରେ।"

263 କହିଲେ, "ଆପଣ ତାଙ୍କୁ କିପରି ବାପ୍ତିଜିତ କଲେ?"

264 ମୁଁ କହିଲି, "ମୁଁ ତାଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଜଳ ତଳେ ବୁଡ଼ାଇ ବାପ୍ତିଜିତ କରିଥିଲି।"

265 ସେ ଏହାକୁ ତଳେ ରଖିଦେଲେ। କହିଲେ, "ଆପଣ ଜାଣନ୍ତି, କ୍ୟାଥୋଲିକ ମଣ୍ଡଳୀ ଏହିପରି ଭାବରେ ବାପ୍ତିଜିତ କରୁଥିଲା"

ମୁଁ କହିଲି, "କେବେ?"

ସେ କହିଲେ, "ଆରମ୍ଭିକ କାଳରେ।"

ମୁଁ କହିଲି, "କେଉଁ ଆରମ୍ଭିକ କାଳରେ?"

ସେ କହିଲେ, "ତେବେ, ଆରମ୍ଭରେ।"

ମୁଁ କହିଲି, "କେଉଁ ଆରମ୍ଭ?"

ସେ କହିଲେ, "ବାଇବଲରେ।"

ମୁଁ କହିଲି, "କଅଣ ଆପଣଙ୍କର ଅର୍ଥ ଆର-...ଶିଷ୍ୟମାନଙ୍କ ଭିତରେ—ଭିତରେ?"

ସେ କହିଲେ, "ନିଶ୍ଚିତରେ।"

ମୁଁ କହିଲି, "କଅଣ ଆପଣ କ୍ୟାଥୋଲିକମାନଙ୍କୁ ଡାକନ୍ତି, କିମ୍ବା, ସେହି—ସେହି...? କଅଣ ଆପଣ କହୁଛନ୍ତି ଯେ ଶିଷ୍ୟ କ୍ୟାଥୋଲିକ୍ ଥିଲେ?"

ସେ କହିଲେ, "ନିଶ୍ଚିତରେ, ସେମାନେ ଥିଲେ।"

ମୁଁ କହିଲି, "ମୁଁ ଭାବେ କ୍ୟାଥୋଲିକ ମଣ୍ଡଳୀ ପରିବର୍ତ୍ତନ ହୋଇନାହିଁ କି?"

ସେ କହିଲେ, "ଏହା ହୋଇନାହିଁ।"

266 ମୁଁ କହିଲି, "ତେବେ ପିତର କାହିଁକି କହିଲେ, 'ମନପରିବର୍ତ୍ତନ କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ'? ଏବଂ କଅଣ ଆପଣ କହୁଛନ୍ତି ତାହା ଥିଲା...ଯେ ସେ ଜଣେ ପୋପ୍ ଥିଲେ?"

267 “ହଁ।”

268 “ତେବେ ଆପଣ କାହିଁକି ‘ପିତା, ପୁତ୍ର ଏବଂ ପବିତ୍ରଆତ୍ମା’ ନାମରେ ବାପ୍ତିଜିତ କରନ୍ତି? ଏବଂ ସେ ଡୁବାଇଥିଲେ, ଏବଂ ଆପଣ ଛିଞ୍ଚଣ କରନ୍ତି । ତେବେ କଅଣ ହେଲା?”

269 ସେ କହିଲେ, “କିନ୍ତୁ, ଆପଣ ଦେଖନ୍ତୁ,” କହିଲେ, “କ୍ୟାଥୋଲିକ୍ ମଣ୍ଡଳୀ ପାଖରେ ସେମାନେ ଯାହା କରିବାକୁ ଚାହାଁନ୍ତି ତାହା କରିବାର ଅଧିକାର ଅଛି ।” ହୁଁ।

270 ମୁଁ କହିଲି, “ଏବଂ ଆପଣ ଶିଷ୍ୟମାନଙ୍କୁ କ୍ୟାଥୋଲିକ୍ ବୋଲି ଡାକନ୍ତି?”

271 ସେ କହିଲେ, “ହଁ।”

272 ମୁଁ କହିଲି, “ମହାଶୟ, ମୋ ପାଖରେ ଜୋସେଫସ୍‌ଙ୍କର ପୁସ୍ତକ ଅଛି, ମୋ ପାଖରେ *ଫକ୍ସ ବୁକ୍ ଅଫ୍ ମାର୍ଟିୟାର୍* ଅଛି, ମୋ ପାଖରେ ପେମ୍ବରମ୍ୟାନ୍‌ଙ୍କ *ଆର୍ଲି ଏଜେସ୍* ଅଛି, ମୋ ପାଖରେ ହିସଲପ୍‌ଙ୍କର *ଟୁ ବେବିଲୋନ୍‌ସ* ଅଛି, ସବୁଠାରୁ ପ୍ରାଚୀନ ଇତିହାସ ଯାହାକି ପୃଥିବୀରେ ଅଛି, ମୋତେ ସେଥିରେ ଦେଖାନ୍ତୁ ଯେ କେଉଁଠାରେ କ୍ୟାଥୋଲିକ୍ ମଣ୍ଡଳୀ କେବେ ନିଯୁକ୍ତ ହୋଇଥିଲା କିମ୍ବା କେବେ ଏକ ସଂସ୍ଥାରେ ପରିବର୍ତ୍ତିତ ହୋଇଥିଲା…ଶେଷ ପ୍ରେରିତଙ୍କ ମୃତ୍ୟୁର ଛଅ ଶହ ବର୍ଷ ପରେ ।”

“ଓଃ,” ସେ କହିଲେ, “ଆମେ ତାହା ବିଶ୍ୱାସ କରୁ ଯାହା ମଣ୍ଡଳୀ କୁହେ ।”

ମୁଁ କହିଲି, “ମୁଁ ତାହା ବିଶ୍ୱାସ କରେ ଯାହା ବାଇବଲ କୁହେ ।” ବୁଝିଲେ?

“କାହିଁକି,” ସେ କହିଲେ, “ପରମେଶ୍ୱର ତାହାଙ୍କ ମଣ୍ଡଳୀରେ ଅଛନ୍ତି ।”

273 ମୁଁ କହିଲି, “ପରମେଶ୍ୱର ତାହାଙ୍କ ବାକ୍ୟରେ ଅଛନ୍ତି ।” ଆଉ ମୁଁ କହିଲି, “ଯଦି…” ସେ କହିଲେ…ମୁଁ କହିଲି, “ବାଇବଲ କୁହେ ନାହିଁ ଯେ ପରମେଶ୍ୱର ତାହାଙ୍କ ମଣ୍ଡଳୀରେ ଅଛନ୍ତି, ବରଂ ବାଇବଲ କୁହେ ଯେ ପରମେଶ୍ୱର ତାହାଙ୍କ ବାକ୍ୟରେ ଅଛନ୍ତି । ‘ଆଦ୍ୟରେ ବାକ୍ୟ ଥିଲେ, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲେ, ଏବଂ ବାକ୍ୟ ପରମେଶ୍ୱର ଥିଲେ; ଏବଂ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ ।’” ତାହା ଠିକ୍ । ମୁଁ କହିଲି, “ପରମେଶ୍ୱର ତାହାଙ୍କ ବାକ୍ୟରେ ଅଛନ୍ତି ।”

274 ସେ ବାହାରକୁ ଯାଇ ତାହା ଜଣାଇଲେ । ସେ କହିଲେ, “ତେବେ, ଆମେ ଯୁକ୍ତି କରିପାରିବା ନାହିଁ,” କହିଲେ, “କାରଣ ଆପଣ ବାଇବଲରେ ବିଶ୍ୱାସ କରନ୍ତି, ମୁଁ ମଣ୍ଡଳୀରେ ବିଶ୍ୱାସ କରେ ।”

275 ମୁଁ କହିଲି, “ମୁଁ ବିଶ୍ୱାସ କରେ ଯେ ବାଇବଲ ହେଉଛି ପରମେଶ୍ୱରଙ୍କ ଅନୁପ୍ରାଣିତ ବାକ୍ୟ ଏବଂ ଏଥିରେ ଗୋଟିଏ ବିବିରୋଧାଭାସ ନାହିଁ । ଏବଂ ଏହା ପରମେଶ୍ୱରଙ୍କ ବାକ୍ୟ, ଆସିବାକୁ ଥିବା ସମଗ୍ର ଯୁଗ ପାଇଁ ତାହାଙ୍କର ଅନନ୍ତ ଯୋଜନା ଅଟେ । ସେ କହିଲେ, ‘ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ କିନ୍ତୁ ମୋହର ବାକ୍ୟ ଲୋପ ପାଇବ ନାହିଁ ।’ ତାହା ଠିକ୍ । ମୁଁ ବାକ୍ୟକୁ ବିଶ୍ୱାସ କରେ ।”

276 ସେ ଶ୍ରୀମତୀ ଫ୍ରେଜିୟରଙ୍କ ନିକଟକୁ ଗଲେ । ସେ କହିଲେ, "ଶ୍ରୀମତୀ ଫ୍ରେଜିୟର୍, କଅଣ ଆପଣ ଏଠାରେ ଏକ କାଗଜରେ ଦସ୍ତଖତ କରିବେ ଯେ ଆପଣଙ୍କର ଝିଅ କ୍ୟାଥୋଲିକ୍ ମଣ୍ଡଳୀର ଜଣେ ସଦସ୍ୟ ହୋଇପାରିବ?"

277 ସେ କହିଲେ, "ମୁଁ ତ ବରଂ ତାହା ସହିତ କବରକୁ ଯିବାକୁ ପସନ୍ଦ କରିବି ।"

278 ସେହି ପୁରୋହିତ କହିଲେ, "ତୁମକୁ ଲାଜ ନାହିଁ ।" କହିଲେ, "ତୁମେ କୃତଜ୍ଞ ହେବା ଉଚିତ୍ ଯେ ସେହି ଝିଅ ସେହି ନିର୍ବୋଧତାରୁ ବାହାରି, କ୍ୟାଥୋଲିକ୍ ମଣ୍ଡଳୀକୁ ଆସୁଛି ।"

279 ସେହି ମହିଳା କହିଲେ, "ତେବେ କଅଣ ହୋଇଥାଆନ୍ତା ଯଦି ଆପଣଙ୍କ ଝିଅ ମୋ ମଣ୍ଡଳୀକୁ ଆସୁଥାଆନ୍ତା, ଆପଣ ଏହା ବିଷୟରେ କଅଣ କହିଥାଆନ୍ତେ?"

280 "ଓଃ," ସେହି ପୁରୋହିତ କହିଲେ, "ତାହା ଅଲଗା ଅଟେ ।"

281 କହିଲେ, "ନା, ଏହା ନୁହେଁ ।" ସେହି ପୁରୋହିତ ଜାଣିଥିଲେ ଯେ ସେ କୌଣସି ସ୍ଥାନରେ ଥିଲେ ଯେତେବେଳେ ସେ ସେହି ସାନ ମହିଳାଙ୍କୁ ସେଠାରୁ ଛାଡି ଆସିଥିଲେ । ସେ ଜାଣିଥିଲେ ଯେ ସେ କୌଣସି ସ୍ଥାନରେ ଥିଲେ । ସେହି ମହିଳା କହିଲେ, "ତେବେ, ସେହି ଦ୍ୱାର ଖୋଲା ଅଛି ଯେଉଁଠାରୁ ଆପଣ ଆସିଥିଲେ ।"

282 ଦେଖନ୍ତୁ, ତାହାହିଁ ମାର୍ଗ ଅଟେ । ପ୍ରହାରିତ ହୁଅନ୍ତୁ ନାହିଁ, ଆପଣଙ୍କୁ ପ୍ରହାରିତ ହେବାର ପ୍ରୟୋଜନ ନାହିଁ । ଯଦି ପରମେଶ୍ୱର ଆପଣ ସପକ୍ଷରେ ଅଛନ୍ତି, କିଏ ଆପଣଙ୍କ ବିରୁଦ୍ଧରେ ହୋଇପାରେ? ଠିକ୍! ଆଜି ଏହାର ସମସ୍ୟା ହେଉଛି, ଆପଣ ଏକ ମେରୁଦଣ୍ଡ ରଖିବା ବଦଳରେ ଏକ ଇଚ୍ଛାହାଡ଼ ରଖନ୍ତି । ପରମେଶ୍ୱର ନିମନ୍ତେ ଛିଡା ହୁଅନ୍ତୁ ଏବଂ ସଠିକ୍ ରୁହନ୍ତୁ!

283 ସେହି ପବିତ୍ରଆତ୍ମା ଯାହାକି ପ୍ରେରିତମାନଙ୍କ ଉପରେ ଓହ୍ଲାଇଥିଲେ ଏବଂ ପୁରାତନ ଯୁଗରେ ଆସିଥିଲେ, ଆଜି ମଧ୍ୟ ତାହାଙ୍କ ମଣ୍ଡଳୀରେ ଅଛନ୍ତି, ଯେଉଁମାନଙ୍କ ନିକଟରେ ପରମେଶ୍ୱର ଆପଣାକୁ ପ୍ରକାଶ କରିଛନ୍ତି । "ଯିଏ ଇଚ୍ଛା କରେ, କିମ୍ବା ଯିଏ ଦୌଡିଥାଏ ସେହି ବ୍ୟକ୍ତି ନୁହେଁ, ମାତ୍ର ପରେମଶ୍ୱର ଯିଏ ଦୟା ପ୍ରଦର୍ଶନ କରନ୍ତି ।" ଏହା ତ ପରମେଶ୍ୱର ଅଟନ୍ତି, ଯିଏକି ତାହାଙ୍କର ମନୋନୟନ ଦ୍ୱାରା, ଲୋକମାନଙ୍କୁ ଆଣନ୍ତି ଓ ସେମାନଙ୍କର ଆଖିଗୁଡିକୁ ଖୋଲନ୍ତି । ଆପଣ ଏହା କେବେ ଦେଖିପାରନ୍ତି ନାହିଁ, ଆପଣ ଅନ୍ଧ ଅଟନ୍ତି, ଏବଂ କେବେ ଦେଖିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ୱର ଆପଣଙ୍କର ବୁଝାମଣାକୁ ଖୋଲି ନ ଦିଅନ୍ତି । ବାଇବଲ କୁହେ ଯେ ଆପଣ ଅନ୍ଧ ଅଟନ୍ତି, ଏବଂ ଆପଣ ଦେଖିପାରନ୍ତି ନାହିଁ । ସେଠାରେ ଆପଣଙ୍କର ଚେଷ୍ଟା କରିବାର କୌଣସି ଆବଶ୍ୟକତା ନାହିଁ । ସମସ୍ତ ଶିକ୍ଷା, ଛାତ୍ରବୃତ୍ତି ସହିତ ଯାହାକି ଆପଣ ପାଇପାରନ୍ତି, ଆପଣ କେବଳ ନିରନ୍ତର ଭାବରେ ଆହୁରି ଅନ୍ଧ ହୋଇଥାଆନ୍ତି ।

284 ତେବେ, ଆପଣ ଏଠାରେ ଖ୍ରୀଷ୍ଟଙ୍କ ମଣ୍ଡଳୀ, ଆପଣ "ସେହିଠାରେ କୁହନ୍ତୁ ଯେଉଁଠାରେ ବାଇବଲ କୁହେ, ଏବଂ ସେହିଠାରେ ନୀରବ ରୁହନ୍ତୁ ଯେଉଁଠାରେ ତାହା ନୀରବ ରୁହେ,"

ଏହାର କେତେକ ବିଷୟରେ କଅଣ? ଆପଣ ତାହା ଉପରେ ଅତ୍ୟଧିକ ଭାବରେ ନୀରବ ରହିଛନ୍ତି । ଠିକ୍ ।

285 ଦେଖନ୍ତୁ, ଏହା ଆତ୍ମିକ ପ୍ରକାଶିତ ସତ୍ୟକୁ ପ୍ରୟୋଜନ କରିଥାଏ । ତାହାପରେ ପରମେଶ୍ୱର ତଳକୁ ଓହ୍ଲାଇ ଆସି ନିଜକୁ ପ୍ରକାଶ କରନ୍ତି ଏବଂ ଏହାକୁ ସତ୍ୟ ବୋଲି ପ୍ରମାଣ କରନ୍ତି । ଆମେନ୍! କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? ମୁଁ ମଧ୍ୟ କରେ । ଆମେନ୍ ।

286 ଠିକ୍ ଅଛି, କଅଣ ଆପଣ ସମସ୍ତ ମେଥୋଡିଷ୍ଟମାନେ ବର୍ତ୍ତମାନ ବାପ୍‌ଟିଷ୍ଟମାନଙ୍କ ସହିତ ହାତ ମିଶାଇବାକୁ ଚାହୁଁଛନ୍ତି କି? ଆପଣ ପ୍ରେସବିଟେରିଆନ୍‌ମାନେ?

287 "ବର୍ତ୍ତମାନ," ଆପଣ କୁହନ୍ତି, "ଭାଇ ବ୍ରାନହାମ୍, କଅଣ ଆପଣ ସେହି ବାପ୍‌ଟିଷ୍ଟ ଏବଂ ପ୍ରେସବିଟେରିଆନ୍‌ମାନଙ୍କ ସହିତ ସହଭାଗିତା ରଖନ୍ତି ନାହିଁ ଯେଉଁମାନେକି ବାପ୍ତ-...କରନ୍ତି ନାହିଁ?"

288 ନା, ଆଜ୍ଞା, ମୁଁ ନୁହେଁ । ମୁଁ ସେମାନଙ୍କୁ ମୋର ଭାଇ ବୋଲି ମନେ କରେ । ସମ୍ପୂର୍ଣ୍ଣ ଭାବରେ! ମୋର ଏଥିରେ କିଛି ଯାଏ ଆସେ ନାହିଁ ଯଦି ଆପଣ ଆଦୌ ବାପ୍ତିଜିତ ହୋଇ ନ ଥାଆନ୍ତି, ଯଦି ଆପଣ "ଶାରୋଣର ଗୋଲାପ, ଉପତ୍ୟକାର ଶୋଶନ ଫୁଲ, ଏବଂ ପ୍ରଭାତୀ ତାରା" ନାମରେ ବାପ୍ତିଜିତ ହୋଇଥାଆନ୍ତି, ତାହା ହେବ ନାହିଁ...ତାହା ତ ସେତିକି ଉତ୍ତମ ହେବ ଯେତିକି "ପିତା, ପୁତ୍ର, ପବିତ୍ରଆତ୍ମା" ଅଟେ । କେବଳ ତିନୋଟି ଉପାଧିମାନ । ସେ ଶାରୋଣର ଗୋଲାପ ଥିଲେ । କଅଣ ସେ ଥିଲେ କି? ଉପତ୍ୟକାର ଶୋଶନ ଫୁଲ, ପ୍ରଭାତୀ ତାରା, ସେଗୁଡ଼ିକ ସବୁ । ନିଶ୍ଚିତରେ, ସେ ଥିଲେ । କେବଳ ଗୋଟିଏ ବିଷୟ ବା ଅନ୍ୟ । କିନ୍ତୁ ଏଠାରେ ତାହା ଅଛି ଯାହାକି ଏହା ଅଟେ: ଶାସ୍ତ୍ରର ସଠିକ ଉପାୟ ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଯଦି ଆପଣ ଶାସ୍ତ୍ରସଙ୍ଗତ ଉପାୟ ଚାହୁଁଛନ୍ତି, ତେବେ ତାହା ଅବିକଳ ଠିକ୍ ଅଟେ । ତାହା ହେଉଛି ସଠିକ୍ ଉପାୟ ।

289 ବର୍ତ୍ତମାନ, ଯଦି ଆପଣ "ପିତା, ପୁତ୍ର, ଏବଂ ପବିତ୍ରଆତ୍ମା," ନାମରେ ବାପ୍ତିଜିତ ହୋଇଛନ୍ତି, ଅନୁଭବ କରନ୍ତି ଯେ ତାହା ଠିକ୍ ଅଟେ, ତେବେ ଆମେନ୍ । ଯଦି ତାହା ପରମେଶ୍ୱରଙ୍କ ନିକଟରେ ଏକ ଶୁଦ୍ଧ ବିବେକର ପ୍ରତିଚିତ୍ରଣରେ ପରମେଶ୍ୱରଙ୍କ ପାଇଁ ଏକ ଉତ୍ତମ ଉତ୍ତର ଅଟେ, ତାହାହେଲେ ଆମେନ୍ । ଠିକ୍ ଆଗକୁ ବଢି ଚାଲନ୍ତୁ, ଦେଖନ୍ତୁ ।

290 କିନ୍ତୁ ଯେତିକି ଦୂର ମୋର ସମ୍ବନ୍ଧ ଅଟେ, ଯେତେ ଦୂର ମୋ ଅଂଶ ଅଟେ, ଯଦି ଆପଣ ମୋତେ ପଚାରିବେ, କୁହନ୍ତୁ, "ଭାଇ ବ୍ରାନହାମ୍, କଅଣ ମୋତେ ପୁନଃ ବାପ୍ତିଜିତ ହେବା ଉଚିତ୍?" ମୁଁ କହିବି, "ହଁ," ମୋ ପକ୍ଷରେ ।

291 ସେହି ସାନ ମହିଳା ଅନ୍ୟ ଦିନ ଏଠାକୁ ଆସିଲେ, କହିଲେ, "ପ୍ରଭୁ ମୋତେ ଜଣେ ପ୍ରଚାରକ ହେବାକୁ ଡାକିଥିଲେ ।" ମୁଁ ତାହା ବିଶ୍ୱାସ କରେ ନାହିଁ, ଏହାଠାରୁ ଅଧିକ ନୁହେଁ ଯେତିକି ମୁଁ ବିଶ୍ୱାସ କରେ ଯେ—ଯେ ସେ ଚନ୍ଦ୍ର ଉପରୁ ଡେଇଁ ପାରନ୍ତି । ଏବଂ ସେ...

292 ମୁଁ କହିଲି, "ତେବେ, ଭଉଣୀ, ତାହା ବହୁତ ଉତ୍ତମ।" ମୁଁ କହିଲି, "କଅଣ ଆପଣ ବିବାହିତ କି?"

"ହଁ।"

"ଦୁଇଟି ସନ୍ତାନ ଅଛନ୍ତି କି?"

"ହଁ।"

ମୁଁ କହିଲି, "କଅଣ...? କଅଣ ଆପଣଙ୍କର ସ୍ୱାମୀ ଉଦ୍ଧାର ପାଇଛନ୍ତି କି?"

"ନା।"

ମୁଁ କହିଲି, "ଆପଣ ତାଙ୍କ ସହିତ କଅଣ କରିବାକୁ ଯାଉଛନ୍ତି?"

"ତାଙ୍କୁ ଘରେ ଛାଡିବାକୁ ଯାଉଛି।"

293 ମୁଁ କହିଲି, "ତାହାହିଁ ହେଉଛି ସର୍ବଶ୍ରେଷ୍ଠ ଚାରା ଯାହାକି ଶୟତାନ ପାଖରେ କେବେ ରହିଥିଲା। ଆପଣ ମୂଳରୁ ଜଣେ ସୁନ୍ଦର ନାରୀ ଅଟନ୍ତି, ଏବଂ ଆପଣ ଏଠାରେ କ୍ଷେତ୍ରରେ ଖସି ଯାଉଛନ୍ତି, ଆପଣ ନିୟମିତ ରୂପେ ଶୟତାନ ପାଇଁ ଏକ ଚାରା ଏବଂ ଏକ ଲକ୍ଷ୍ୟ ହେବେ। ଏବଂ ଆପଣଙ୍କର ସ୍ୱାମୀ, ଘର, ଜଣେ ଯୁବା ଲୋକ, ଓ ଆପଣ ତାଙ୍କୁ ଏହି ଦୁଇ ପିଲାଙ୍କ ସହିତ ଛାଡିଦିଅନ୍ତି; ସେ ଅନ୍ୟ ଜଣେ ମହିଳାଙ୍କ ସହିତ ଯିବାକୁ ଆରମ୍ଭ କରି ଦେବେ, ଏବଂ ଏହି ପିଲାମାନେ ଏହି ଦିନମାନଙ୍କରେ ଆଉ ଜଣେ ବାପାକୁ ପାଇବେ।" ମୁଁ କହିଲି, "ପ୍ରଥମ ସ୍ଥାନରେ ତ, ଯଦି ପରମେଶ୍ୱର ଜଣେ ମହିଳାଙ୍କୁ ଡାକିଲେ, ସେ ତାହାଙ୍କ ବାକ୍ୟର ବିରୋଧ କରିଥିଲେ।" ମୁଁ କହିଲି, "ବର୍ତ୍ତମାନ, ଯଦି ଆପଣ ଚାହାଁନ୍ତି, ତାହା ଠିକ୍ ଅଛି।" ମୁଁ କହିଲି, "ତେବେ, ହୃଦୟର କଥା ଜାଣିବା, ଆପଣ କହୁଛନ୍ତି ଯେ ପ୍ରଭୁ ଆପଣଙ୍କୁ ହୃଦୟର କଥା ଜାଣିବାକୁ ଦେଇଛନ୍ତି। କଅଣ ଆପଣ ମଞ୍ଚ, ଉପରକୁ ଯାଇ, ଏହାକୁ ଚେଷ୍ଟା କରିବାକୁ ଚାହିଁବେ କି?"

294 ସେ କହିଲେ, "ହଁ।" ଏବଂ ଆପଣ ଦେଖନ୍ତୁ କଅଣ ଘଟିତ ହେଲା।

295 ଆପଣ ଦେଖନ୍ତୁ, ଏହା ଉତ୍ସାହିତ ଅଟେ। ଏହାକୁ ତ ବାକ୍ୟ ସହିତ ଆସିବାକୁ ଅଛି। ଯଦି ଏହା ବାକ୍ୟରେ ନାହିଁ, ତେବେ ଏହା ଠିକ୍ ନୁହେଁ। ମୋର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଆପଣଙ୍କର ଭାବନା କଅଣ ଅଟେ, ଏହା ଠିକ୍ ନୁହେଁ। ଆମେନ୍! ତାହା ଭଲ ମନେ ହୁଏ। ଆମେନ୍!

296 ଠିକ୍ ଅଛି:

ଆମେ ଜ୍ୟୋତିରେ ଚାଲିବୁ, ଏପରି ଏକ ସୁନ୍ଦର ଜ୍ୟୋତି,<br>
ଯେଉଁଠାରେ ଦୟାର କାକର ବୁନ୍ଦା ଉଜ୍ଜ୍ୱଳ ଅଟେ;<br>
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,<br>
ଯୀଶୁ, ଜଗତର ଜ୍ୟୋତି।

ଜ୍ୟୋତିର ସମସ୍ତ ସାଧୁମାନେ ଏହା ଦାବି କରନ୍ତି,
ଯୀଶୁ, ଜଗତର ଜ୍ୟୋତି;
ତାହାପରେ ସ୍ୱର୍ଗର ଘଣ୍ଟି ବାଜିବ,
ଯୀଶୁ, ଜଗତର ଜ୍ୟୋତି ।

ଆମେ ଜ୍ୟୋତିରେ ଚାଲିବୁ, ଏପରି ଏକ ସୁନ୍ଦର ଜ୍ୟୋତି,
ଯେଉଁଠାରେ ଦୟାର କାକର ବୁନ୍ଦା...
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ଯୀଶୁ,...ର ଜ୍ୟୋତି

297 ବର୍ତ୍ତମାନ ମୁଁ ଚାହେଁ ଯେ ସମସ୍ତେ ଠିକ୍ ନିଜ ଅଖପାଖରେ ବୁଲି ପଡ଼ି ହାତ ମିଶାନ୍ତୁ, ଚତୁର୍ଦ୍ଦିଗରେ, ତେବେ ସମସ୍ତଙ୍କ ସହିତରେ, ଯେତେବେଳେ ଆମେ ଏହାକୁ ପୁଣିଥରେ ଗାଉ:

ଆମେ ଜ୍ୟୋତିରେ, ସୁନ୍ଦର ଜ୍ୟୋତିରେ ଚାଲିବା, (ଆମେନ୍!)
ଯେଉଁଠାରେ ଦୟାର କାକର ବୁନ୍ଦା ଉଜ୍ଜ୍ୱଳ ଅଟେ;
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ଯୀଶୁ,...ର ଜ୍ୟୋତି

298 କଅଣ ଆପଣ ମେଥୋଡିଷ୍ଟମାନଙ୍କୁ ଭଲ ପାଆନ୍ତି? କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ବାପ୍‌ଟିଷ୍ଟ? ପ୍ରେସ୍‌ବିଟେରିଆନ୍? କ୍ୟାଥୋଲିକ୍? ସେହି... ଓଃ, କଅଣ ଆପଣ ସେସମସ୍ତଙ୍କୁ ଭଲ ପାଆନ୍ତି? କୁହନ୍ତୁ, "ଆମେନ୍ ।" ["ଆମେନ୍ ।"]

ଆମେ ଜ୍ୟୋତିରେ ଚାଲିବା, ସୁନ୍ଦର...

ଆମେ ଯିବାବେଳେ, ହାତ ମିଶାଇବା ।

ଓଃ, ଯେଉଁଠାରେ ଦୟାର କାକର ବୁନ୍ଦା ଉଜ୍ଜ୍ୱଳ ଅଟେ;
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ଯୀଶୁ,...ର ଜ୍ୟୋତି

299 ଏହା ପୂର୍ବେକି ଆମେ ଆମର ବରଖାସ୍ତ ଗୀତ ଗାଉ...ବର୍ତ୍ତମାନ, ଏହା ସମ୍ଭବ ଯେ ମୁଁ ପୁନର୍ବାର ରବିବାର ଦିନ ଏଠାରେ ରହିବି । ତେବେ, ତାହାର ପରେ ମୁଁ ଆଉ ଖ୍ରୀଷ୍ଟମାସ ପର୍ଯ୍ୟନ୍ତ ଫେରିବି ନାହିଁ । ଦେଖନ୍ତୁ, କାରଣ ମୁଁ ମିଶିଗାନ୍‌କୁ ଯାଉଅଛି, ମିଶିଗାନ୍‌ଠାରୁ କଲୋରାଡୋ, କଲୋରାଡୋଠାରୁ ଆଇଡାହୋ ପର୍ଯ୍ୟନ୍ତ ଯାଉଛି, ଆଇଡାହୋରୁ କାଲିଫର୍ଣିଆକୁ, ଆଉ ତାହାପରେ ଆମେ ଫେରିବୁ । ଏବଂ ଏହା ସମ୍ଭବ (ମୁଁ ଚାହେଁ ଯେ ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ) ମୁଁ ୱାଟରଲୁ, ଆଇଓ୍ୱାରେ ରହିବି, ଜାନୁୟାରୀରୁ ଚବି-ଶରୁ ନେଇ ଫେବୃଆରୀ ଦ୍ୱିତୀୟ ପର୍ଯ୍ୟନ୍ତ । ଦେଖନ୍ତୁ, ସେଠାରେ ଥିବା ସେହି ବଡ ମଞ୍ଚ, ମୁଁ କିଛି ସମୟ ପୂର୍ବରୁହିଁ ଡାକରା ପାଇଲି, ଏବଂ ମୋ ପାଖରେ ବର୍ତ୍ତମାନଠାରୁ ନେଇ ରବିବାର ପର୍ଯ୍ୟନ୍ତ ସମୟ ପ୍ରାର୍ଥନା କରିବାକୁ ଅଛି । ଦେଖନ୍ତୁ, ୱାଟରଲୁ, ଆଇଓ୍ୱା, ଯାହାକି ବର୍ତ୍ତମାନ ବନ୍ଦ ଅଟେ ।

300 ମାତ୍ର ବର୍ତ୍ତମାନ, ମନେରଖନ୍ତୁ, ଶନିବାର ସକାଳ, ନଅଟା ସମୟରେ ଭାଇର ପ୍ରସାରଣ ଶୁଣନ୍ତୁ। ଆମେ ତାଙ୍କୁ ଫୋନ୍ କରିବୁ ଏବଂ ତାଙ୍କୁ ଜଣାଇବୁ। ଆଉ ତାହା WLRP ଉପରେ ହେବ, ଶନିବାର ସକାଳ, ନଅଟା ସମୟରେ ନେଭିଲ୍ କ୍ୱାର୍ଟେଟରେ। ଆମେ କରିବୁ...ଯଦି ମୁଁ—ମୁଁ ସେମାନଙ୍କୁ ନେବାକୁ ସମୟ ନ ପାଏ, ଭାଇ ନେୱିଲ୍ ପ୍ରଶ୍ନଗୁଡିକ ଶେଷ କରିବେ। କଅଣ ଆପଣ, ଭାଇ ନେୱିଲ୍, ରବିବାର ସକାଳେ? [ଭାଇ ନେୱିଲ୍ ହସନ୍ତି ଏବଂ କୁହନ୍ତି, "ବଡ ଆଦେଶ!"—ସମ୍ପା।] ତେବେ, ଦେଖନ୍ତୁ, ଯଦି ଆପଣ ଅସୁବିଧାରେ ପଡ଼ନ୍ତି, ମୁଁ ଆପଣଙ୍କୁ ସହିତରେ ଯିବି। ସେ ଦେଖିବେ। ଠିକ୍ ଅଛି।

301 ଠିକ୍ ଅଛି:

> ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
> ହେ ଦୁଃଖ ଓ ସନ୍ତାପର ସନ୍ତାନ;
> ଏହା ଆପଣଙ୍କୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
> ଓଃ, ଆପଣ ଯେଉଁଆଡେ ଯାଆନ୍ତି ଏହାକୁ ନିଅନ୍ତୁ।
>
> ବହୁମୂଲ୍ୟ ନାମ, ଓଃ କେତେ ମଧୁର!
> ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
> ବହୁମୂଲ୍ୟ ନାମ, (ବହୁମୂଲ୍ୟ ନାମ!) ଓଃ କେତେ ମଧୁର! (କେତେ ମଧୁର!)
> ପୃଥିବୀର ଆଶା, ଓ ସ୍ୱର୍ଗର ଆନନ୍ଦ।

302 ବର୍ତ୍ତମାନ, ଯଦି ଆପଣ ଜଣେ ବାପ୍ଟିଷ୍ଟଙ୍କୁ ଜାଣିବାକୁ ଚାହାଁନ୍ତି ଯିଏ ପାଟି କରିବାରେ ବିଶ୍ୱାସ କରେ, ସେହି ପ୍ରକାର ପାଟି କରିବାରେ ମୁଁ ବିଶ୍ୱାସ କରେ। ସେହି ବୃଦ୍ଧ ମାତା ସେଠାରେ ବସିଛନ୍ତି, ଏବଂ ଆତ୍ମା ତାଙ୍କ ଉପରେ ଓହ୍ଲାଇ ଆସିଲେ। ସେ ଚିତ୍କାର କରିବାକୁ ଲାଗିଲେ, ସେ ଏହାକୁ ନିୟନ୍ତ୍ରଣ କରିପାରିଲେ ନାହିଁ, ସେ ପଛକୁ ଚାଲିକରି ଗଲେ ଏବଂ ନିଜ ଝିଅକୁ ଆଲିଙ୍ଗନ କଲେ। ମୁଁ ଏହାକୁ ସେହି ପ୍ରକାରେ ହିଁ ଦେଖିବାକୁ ପସନ୍ଦ କରେ। ଆମେନ୍। ତାହା ପ୍ରକୃତରେ ଭଲ, ପୁରୁଣା-କାଳିଆ, ହୃଦୟ-ଅନୁଭୂତି ଭାବନାମାନ ଅଟେ। ଓଃ, ମୋର ପ୍ରଭୁ, ଜଣେ ପୁରୁଣା—ଜଣେ ପୁରୁଣା, ଅନୁଭବୀ, ପରିପକ୍ୱ ସାଧୁ, ମହିମାରେ ଘରକୁ ଯିବା ପାଇଁ ପ୍ରସ୍ତୁତ ଅଟେ। କେବଳ ଡାକରାକୁ ଅପେକ୍ଷା କରୁଛି, ଆପଣ ଦେଖନ୍ତୁ, କେବଳ ଏକ ସୁନ୍ଦର ସମୟ ଅତିବାହିତ କଲୁ।

ଠିକ୍ ଅଛି, ଭାଇ ନେୱିଲ୍ ବର୍ତ୍ତମାନ, ସେ ଯାହା ବି କରିବାକୁ ଚାହାଁନ୍ତି।

***ପ୍ରଶ୍ନ ଏବଂ ଉତ୍ତର ଏବ୍ରୀ ଭାଗ ।*** ORI57-0925

(Questions and Answers on Hebrews Part I)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ସେପ୍ଟେମ୍ବର 25, 1957, ବୁଧବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org